# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୦ ଫେବୃଆରୀ ୨୦୨୬

----

**[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - ଶିଳ୍ପ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - କ୍ରୀଡା ଓ ଯୁବକଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ].**

**ମୋଟ ପ୍ରଶ୍ନର ସଂଖ୍ୟା - 346**

----

### କୃଷି ସମ୍ବନ୍ଧୀତ ଶିଳ୍ପ ପ୍ରତିଷ୍ଠା

233 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲା ଏକ କୃଷି ପ୍ରବଣ ଅଂଚଳ ଏଠାକାର ପ୍ରାୟ ୫୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ତେବେ ନିଜର କୃଷି ଉତ୍ପାଦିତ ଦ୍ରବ୍ୟ ପାଇଁ ଏଠାରେ ସଠିକ ବଜାର ଉପଲବ୍ଧ ନଥିବାରୁ ଅନେକ ସମୟରେ ଉତ୍ପାଦିତ ସାମଗ୍ରୀକୁ ସଠିକ ମୂଲ୍ୟ ମିଳୁନାହିଁ ତେଣୁ କୃଷି ସମ୍ବନ୍ଧୀତ କୌଣସି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳ୍ପ ବିଭାଗ ନିକଟରେ କୌଣସି ପ୍ରସ୍ତାବ ରହିଛି କି ?

----

### ଝିଅମାନଙ୍କୁ ତାଲିମ ପ୍ରଦାନ

244 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ 2 ବର୍ଷ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀର କେତେ ସଂଖ୍ୟକ ଝିଅମାନଙ୍କୁ "ସୁଦକ୍ଷ୍ୟା" କିମ୍ବା ଅନ୍ୟାନ୍ୟ ଦକ୍ଷତା ବିକାଶ ଯୋଜନା ଅଧିନରେ ତାଲିମ ଦିଆଯାଇଛି ; ଏଥି ସହିତ ଆଧୁନିକ ଉତ୍ପାଦନରେ ଯୁବକଯୁବତୀମାନଙ୍କୁ ତାଲିମ ଦେବା ପାଇଁ ସରକାର ବସ୍ତା ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରୀୟ ଉପକରଣ ରୁମ୍ ଏବଂ ତାଲିମ କେନ୍ଦ୍ର(CTTC) କିମ୍ବା ସମାନ ବୈଷୟିକ ତାଲିମ ପ୍ରତିଷ୍ଠାନର ଏକ ସାଟେଲାଇଟ୍ କେନ୍ଦ୍ର ସ୍ଥାପନ କରିବାକୁ ବିଚାର କରିବେ କି?

----

### ITDA ଦ୍ୱାରା ଷ୍ଟ୍ରବେରୀ ଓ କଦଳୀ ଚାଷ

631 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ITDA, ବାରିପଦା ଦ୍ଵାରା କେଉଁ କେଉଁ ଗ୍ରାମପଞ୍ଚାୟତ ଓ ବ୍ଲକରେ ଷ୍ଟ୍ରବେରୀ ଓ କଦଳୀ ଚାଷ ପାଇଁ ଗତ 2 ବର୍ଷ କେତେ ଟଙ୍କା ଅନୁମୋଦନ ହୋଇଛି, କେତେ ଟଙ୍କା ଖର୍ଚ୍ଚ ହୋଇଛି ବର୍ଷୱାରୀ ପ୍ରଦାନ ସହ ଖର୍ଚ୍ଚର ବିବରଣୀ ପ୍ରଦାନ କରିବେ କି ; ଷ୍ଟ୍ରବେରୀ ଓ କଦଳୀ ଚାଷ କରିବା ଦ୍ଵାରା ଆଦିବାସୀମାନଙ୍କର(ନାମ ଓ ସମ୍ପୂର୍ଣ୍ଣ ଠିକଣା) କେତେ ଟଙ୍କା ଲାଭ ହୋଇଛି ଏବଂ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ?

----

### ଆଦିବାସୀ ସମ୍ପ୍ରଦାୟ ମାନ୍ୟତା

632 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ରାଜ୍ୟରେ କେତେ ଆଦିବାସୀ ସଂପ୍ରଦାୟ ଅଛନ୍ତି, ଭିନ୍ନ ଭିନ୍ନ ସଂପ୍ରଦାୟକୁ ଆଦିବାସୀ ମାନ୍ୟତା କିପରି ଦିଆଯାଇଥାଏ, ଏବେ ଆଉ କେତେ ସଂପ୍ରଦାୟ ଆଦିବାସୀ ମାନ୍ୟତା ପାଇଁ ଆବେଦନ କରିଛନ୍ତି, ବର୍ଷ ବର୍ଷ ଧରି ସେମାନଙ୍କ ଆବେଦନ ଉପରେ କୌଣସି ଶୁଣାଣି ନହେବାର କାରଣ କଣ ; (ଖ) ଏହି ସଂପ୍ରଦାୟ ମଧ୍ୟରୁ କେତେକ ସଂପ୍ରଦାୟକୁ ପଡୋଶୀ ରାଜ୍ୟମାନଙ୍କରେ ଆଦିବାସୀ ମାନ୍ୟତା ମିଳିଛି କି?

----

### ଛାତ୍ରବାସ, ଛାତ୍ରୀନିବାସରେ ରହି ଅଧ୍ୟୟନ କରିବା

633 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେଉଁ ଜିଲ୍ଲାରେ କେତେଜଣ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ଆବାସିକ ଓ ଦିବ୍ୟାଧ୍ୟାୟୀ ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା କେତେଗୋଟି କେଉଁ ବର୍ଗର ବିଦ୍ୟାଳୟ, ଛାତ୍ରାବାସ, ଛାତ୍ରୀନିବାସରେ କେଉଁ କେଉଁ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି ଓ କେତେ ଗୋଟି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ଛାତ୍ରବାସ, ଛାତ୍ରୀ ନିବାସରେ ରହି ଅଧ୍ୟୟନ କରୁଛନ୍ତି ସେ ବାବଦକୁ କେତେ ଟଙ୍କା 2023 ମସିହା ଠାରୁ ଅଦ୍ୟାବଧି କେନ୍ଦ୍ରୀୟ ଏବଂ ରାଜ୍ୟ ଅନୁଦାନରୁ ପୃଥକ ପୃଥକ ବାବେ ବ୍ୟୟ ବରାଦ କରାଯାଇଛି ତାର ଜିଲ୍ଲା ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀୱାରୀ ତଥ୍ୟ ପ୍ରଦାନ କରିବେ କି?

----

### ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଛାତ୍ରଛାତ୍ରୀ ଗଣଶିକ୍ଷା ବିଭାଗ ଅଧିନରେ ଅଧ୍ୟୟନ

634 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେଉଁ ଜିଲ୍ଲାରେ କେତେଜଣ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ଆବାସିକ ଓ ଦିବ୍ୟାଧ୍ୟାୟୀ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା କେତେଗୋଟି କେଉଁ ବର୍ଗର ବିଦ୍ୟାଳୟ, ଛାତ୍ରାବାସ, ଛାତ୍ରୀନିବାସରେ ପ୍ରଥମରୁ ଦ୍ଵାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଛନ୍ତି ସେ ବାବଦକୁ କେତେ ଟଙ୍କା 2023-24 ଠାରୁ ଅଦ୍ୟାବଧି କେନ୍ଦ୍ରୀୟ ଓ ରାଜ୍ୟ ଅନୁଦାନ ଦ୍ଵାରା ବ୍ୟୟ ବରାଦ କରାଯାଇଛି ?

----

## ଶିଳ୍ପାୟନ ନିମନ୍ତେ ପଦକ୍ଷେପ

635 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଶିଳ୍ପାୟନ ପାଇଁ କେଉଁ ଶିଳ୍ପଗୋଷ୍ଠୀ ଆଗ୍ରହ ପ୍ରକାଶ କରିଛନ୍ତି, ସେମାନଙ୍କୁ ପ୍ରୋତ୍ସାହିତ କରି ଶିଳ୍ପାୟନ ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## CSR ପାଣ୍ଠି ଖର୍ଚ୍ଚ

636 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) CSR ପାଣ୍ଠିର ଆଖପାଖ ଅଞ୍ଚଳର ଖର୍ଚ୍ଚ ପାଇଁ ନିୟମ ଏବଂ ସର୍ତ୍ତାବଳୀ/ନିର୍ଦ୍ଦେଶାବଳୀ କଣ ରହିଛି ; (ଖ) ଆଠଗଡ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠାନମାନ ଗଢି ଉଠିଛି ଆଠଗଡ ନିର୍ବାଚନ ମଣ୍ଡଳୀର CSR ପାଣ୍ଠି ଗତ 5 ବର୍ଷ ଧରି ନିଆଯାଇଥିବା ବିସ୍ତୃତ ପ୍ରକଳ୍ପ ଏବଂ ବର୍ଷୱାରୀ ହୋଇଥିବା ପ୍ରକଳ୍ପ ଓ ଚାଲୁଥିବା କାର୍ଯ୍ୟର ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ମହିଳା ମାନଙ୍କୁ ଶିକ୍ଷକତା କ୍ଷେତ୍ରରେ ନିଯୁକ୍ତି ପ୍ରଦାନ

637 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଏକ ତଥ୍ୟ ଅନୁସାରେ ଆର୍ମରାଜ୍ୟରେ ମୋଟ ନାମଲେଖା ଅନୁପାତ ବା GER(Gross Enrolment Ratio) ୨୨.୧% ଯାହା ଜାତୀୟ ହାର ୨୮.୪% ଠାରୁ କମ୍ ରହିଛି, ଯେଉଁଠାରେ ୪୬.୬ ଲକ୍ଷ ଯୋଗ୍ୟ ଯୁବକ ସଂଖ୍ୟା ମଧ୍ୟରୁ ମାତ୍ର ୧୦.୭୪ ଲକ୍ଷ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତିଅ ଏହି ପରିପ୍ରେକ୍ଷୀରେ, ଶିକ୍ଷାର ସୁଯୋଗ ବୃଦ୍ଧି କରିବା ଏବଂ ଜାତୀୟ ଶିକ୍ଷା ନୀତି (NEP) ର ୫୦% GER ଲକ୍ଷ୍ୟ ହାସଲ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ କଣ ସବୁ ପଦକ୍ଷେପ ଗ୍ରହଣ କରୁଛି ତାହା ଜଣାଇବେ କି, (ଖ) ଆମ ଜନସଂଖ୍ୟାରେ ମହିଳାଙ୍କ ଅଂଶ ୪୯.୫% ହୋଇଥିବା ସତ୍ତ୍ୱେ ଉଚ୍ଚଶିକ୍ଷାରେ ସେମାନଙ୍କ ନାମଲେଖା ୪୫.୯% ଅଟେ, ଏବଂ ମହିଳାମାନଙ୍କ ମୋଟ ନାମଲେଖା ଅନୁପାତ (GER) ୨୦.୬% ଥିବାବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୨୩.୫% ଅଟେଈ ଏହା ବ୍ୟତୀତ, ମାତ୍ର ୩୯% ମହିଳା ଶିକ୍ଷକତା କରୁଛନ୍ତିଈ ଆଗାମୀ ଦିନରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ଏବଂ ଅଧିକ ସଂଖ୍ୟକ ମହିଳା ମାନଙ୍କୁ ଶିକ୍ଷକତା କ୍ଷେତ୍ରରେ ନିଯୁକ୍ତି ପ୍ରଦାନ ପାଇଁ ସରକାର କଣ ସବୁ ପଦକ୍ଷେପ ନେଉଛନ୍ତି ?

----

## ବାଲେଶ୍ୱର ଠାରେ ପୁସ୍ତକ ମେଳା ଆୟୋଜନ

638 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ପୁରାତନ ଐତିହ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସମଗ୍ର ରାଜ୍ୟର କେତୋଟି ଜିଲ୍ଲାରେ ପୁସ୍ତକ ମେଳାର ଆୟୋଜନ କରାଯାଉଛି ଏବଂ ସେଥି ମଧ୍ୟରୁ କେତୋଟି ପୁସ୍ତକମେଳା ସରକାରୀ ବା ପ୍ରଶାସନିକ ସ୍ତରରେ ଆୟୋଜିତ ହେଉଛି ତାହା ଜଣାଇବେ କି, (ଖ) ଏଥିସହିତ ଓଡ଼ିଆ ଭାଷା ସାହିତ୍ୟର ଏକ୍ତୁଡ଼ିଶାଳ ତଥା ଓଡ଼ିଆ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବାଲେଶ୍ୱର ଠାରେ ସରକାରଙ୍କ ପ୍ରଚେଷ୍ଟାରେ ପ୍ରତିବର୍ଷ ପୁସ୍ତକ ମେଳାର ଆୟୋଜନ ପାଇଁ ବିଭାଗ ପକ୍ଷରୁ କୌଣସି ଯୋଜନା ପ୍ରସ୍ତୁତ କରାଯାଇଛି କି ?

----

## ଆଧୁନିକ ଡିଜିଟାଲ ଲାଇବ୍ରେରି ସୁବିଧା ପ୍ରଦାନ

639 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲାରେ କେତୋଟି ପବ୍ଲିକ ଲାଇବ୍ରେରି କେଉଁଠି କେଉଁଠି ରହିଛି ଏବଂ ସେଗୁଡିକର ରକ୍ଷଣାବେକ୍ଷଣ ବା ଉନ୍ନତି କରଣ ବାବଦରେ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି, ଏଥି ସହିତ ବ୍ୟାସକବି ଫକୀରମୋହନଙ୍କ ସ୍ମୃତିବହନ କରିଥିବା ବାଲେଶ୍ୱରରେ ଥିବା ଜିଲ୍ଲା ପାଠାଗାର ର ଉନ୍ନତି କରଣ ସହିତ ପ୍ରାୟ ୨ ବର୍ଷ ହେଲା ଖାଲି ପଡ଼ିଥିବା ଗ୍ରନ୍ଥାଗାରିକ ପଦବି ପୂରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି, (ଖ) ଗ୍ରାମୀଣ ପାଠାଗାର ସ୍ଥାପନ କରିବାର ମୌଳିକ ଲକ୍ଷ୍ୟ ନେଇ ସରକାର ଆଗାମୀ ଦିନରେ ବାଲିଆପାଳ ଓ ବସ୍ତା ବ୍ଲକରେ ଦୁଇଟି ମଡେଲ୍ ଲାଇବ୍ରେରି ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବେ କି, ଏଥିସହିତ ବସ୍ତା ଓ ବାଲିଆପାଳ ବ୍ଲକର ସମସ୍ତ କଲେଜ୍ ଓ ହାଇସ୍କୁଲରେ ଆଧୁନିକ ଡିଜିଟାଲ ଲାଇବ୍ରେରି ସୁବିଧା ପ୍ରଦାନ କରାଯାଇଛି କି ନାହିଁ, ଏବଂ ଯେଉଁଠାରେ ନାହିଁ ସେଠାରେ କେବେ ସୁଦ୍ଧା ଡିଜିଟାଲ ଲାଇବ୍ରେରି ସୁବିଧା ପ୍ରଦାନ କରାଯିବ?

----

**Established Odia University at Satyabadi**

640 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Odia University was established with three departments including Odia Language and Literature, What is the enrollment in each department? What research is being conducted on Odia language preservation, How are traditional Odia literary works being digitised and made accessible? What international visibility are these programs gaining, How is the university contributing to keeping Odia language alive in the era of English medium education, Also, Odia University at Satyabadi in my constituency was established only in 2022, yet 21 teaching posts and 7 non-teaching posts were sanctioned. As of today, what is the recruitment status of these positions? How many appointments have been completed? When will the remaining positions be filled ?

----

**Regularise the all Schematic Primary Schools**

641 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In view of the government's August 2025 announcement to regularise all schematic primary school teachers in Odisha, can the Govt. inform: (a) The total number of schematic primary teachers in the state and specifically in Satyabadi constituency who are yet to be regularised, (b) What is the district-wise and block-wise breakdown of regularisation completed as of November 2025, Has the government finalised the modalities for salary adjustment, service benefits and pension eligibility for regularised teachers, If so, what is the implementation timeline, (Whether the government has conducted any needs-assessment survey to identify additional staffing requirements post-regularisation in rural blocks of Puri district ?

----

## Applique Craft cluster

642 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Satyabadi applique craft cluster, historically recognised for its contribution to Lord Jagannath temple traditions and currently housing 75 registered artisans under government records, has remained largely disconnected from emerging export markets and modern retail channels, Against the backdrop of the state's ambitious target of creating one lakh apparel sector jobs by 2030 and with Rs 12.89 lakh crore in approved investments, may the Ministry inform this House: details there of What specific infrastructure grants or common facility centre allocations have been approved for the Satyabadi applique cluster in the current financial year and the next, Has the Satyabadi applique cluster been integrated into the GeM seller onboarding program, ONDC pilots or e-commerce linkage schemes and if not, what is the timeline for integration, Will the Ministry establish a dedicated applique design innovation cell or buyer-seller connect mechanism in Satyabadi, similar to the state's cluster-wise buyer meets announced for textile parks ?

----

## ସୋର ନିର୍ବାଚନ ମଣ୍ଡଳୀରେ ବସବାସ କରଥିବା ଅନୁସୂଚିତ ବର୍ଗ ଲୋକମାନଙ୍କୁ ସୁବିଧା ପ୍ରଦାନ

643 **ଶ୍ରୀ ମାଧବ ଧଡା (ସୋରୋ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରୋ ନିର୍ବାଚନ ମଣ୍ଡଳୀରେ ସଂଖ୍ୟାଲଘୁ ସଂପ୍ରଦାୟର କେତେ ପରିବାର ବସବାସ କରୁଛନ୍ତି ଓ ସେମାନେ ସ୍ୱାଭାବିକ ଭାବେ ଜୀବନଯାପନ ପାଇଁ କେଉଁ କେଉଁ ସୁବିଧା ପାଉଛନ୍ତି କହିବେ କି ; ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ଉନ୍ନତିକଳ୍ପେ ସୋରୋ ନିର୍ବାଚନ ମଣ୍ଡଳୀ ଅନନ୍ତପୁର ଗ୍ରାମପଞ୍ଚାୟତର ବେଲପୁର୍ ବାହାନଗା ବ୍ଲକର ସାହସପୁରା, ଉପର ଆଡ଼ିଆ ସୋର ମ୍ୟୁନିସିପାଲଟି ର 5,6 ଓ 12 ନମ୍ବର ୱାର୍ଡରେ ଗୋଷ୍ଠୀ-ତଥା-ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, ସୋର ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ଶ୍ମଶାନର ଉନ୍ନତିକଳ୍ପ ଅର୍ଥ ରାଶି ପ୍ରଦାନ କରିବେ କି ଏବଂ କେବେ ସୁଦ୍ଧା ଅର୍ଥ ମଞ୍ଜୁର କରି କାର୍ଯ୍ୟ ଆରମ୍ଭ କରିବେ, (ଖ) ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋରୋ ମୁନସିପାଲିଟି ର ବିଭିନ୍ନ ୱାର୍ଡ ଗୁଡିକରେ ଅନୁସୂଚିତ ଜାତିର ସାହି ରହିଅଛି, କିନ୍ତୁ ଅଧିକାଂଶ ଗ୍ରାମର ସେହି ସାହି ଗୁଡିକରେ ବସବାସ କରୁଥିବା ପରିବାର ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସୁବିଧା ପାଇପାରୁନାହାନ୍ତି ଯାହାଦ୍ୱାରା ସେମାନଙ୍କର ଦୈନନ୍ଦିନ ଜୀବନ ଶୈଳୀରେ ଉନ୍ନତି ପରିଲିଖିତ ହେଉନାହିଁ, ଏହି ଦୃଷ୍ଟିରୁ ଉକ୍ତ ସାହି ଗୁଡିକର ମୌଳିକ ସୁବିଧା ଯଥା- ବିଦ୍ୟୁତ ଯୋଗାଣ, ପାନୀୟ ଜଳର ବ୍ୟବସ୍ଥା, ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା ଓ କୋଠଘର (Community Centre) ର ବ୍ୟବସ୍ଥା କରିବେ କି ?

----

## ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

644 **ଶ୍ରୀ ମାଧବ ଧଡା (ସୋରୋ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ ) ସୋରୋ ନିର୍ବାଚନ ମଣ୍ଡଳୀରେ ପ୍ରଚଳିତ ବିଭିନ୍ନ ଯୋଜନାରେ ଭତ୍ତା ପାଇଁ କେତେ ଜଣ ଯୋଗ୍ୟ ହିତାଧିକାରୀ ବିଭିନ୍ନ ପ୍ରକାର ଭତ୍ତା ପାଇଁ ଦରଖାସ୍ତ କରିଛନ୍ତି ଓ ଭତ୍ତା ପାଇଁ ଅପେକ୍ଷା କରିଛନ୍ତି ; ସେମାନଙ୍କର ବ୍ଲକଓ୍ୱାରୀ, ଗ୍ରାମ ପଞ୍ଚାୟତଓ୍ୱାରୀ ସଂଖ୍ୟା ପ୍ରଦାନ କରିବେ କି ; ଯେଉଁ ଯୋଗ୍ୟ ହିତାଧିକାରୀମାନେ ଦରଖାସ୍ତ କରି ଭତ୍ତା ପାଇଁ ଅପେକ୍ଷା କରିଛନ୍ତି, ସେମାନଙ୍କୁ ଭତ୍ତା ପ୍ରଦାନ ନକରିବାର କାରଣ କଣ ; ସେମାନଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ କଣ ନୂଆ ପଦକ୍ଷେପ ନିଆଯାଇଛି କି, ଯଦି ହଁ ତେବେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଭତ୍ତା ପ୍ରଦାନ ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି; (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେ ସଂଖ୍ୟାକ ଭତ୍ତାଧାରୀ ଅଛନ୍ତି, ଏମାନଙ୍କ ମଧ୍ୟରୁ ୮୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା ଓ ୮୦ % ରୁ ଅଧିକ ଭିନ୍ନକ୍ଷମ ଅଟନ୍ତି, ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ହିତାଧିକାରୀ 3500 ଟଙ୍କା ଭତ୍ତା ଗ୍ରହଣ କରୁଛନ୍ତି ସେମାନଙ୍କର ବ୍ଲକଓ୍ୱାରୀ, ଗ୍ରାମ ପଞ୍ଚାୟତଓ୍ୱାରୀ ସଂଖ୍ୟା ପ୍ରଦାନ କରିବେ କି ?

----

## Door to Door ବା ହାତପାଖରେ ଭତ୍ତା ଦେବା

645 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କିଛି ବୃଦ୍ଧ ବୃଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତିବିଶେଷମାନେ ଭତ୍ତା ପାଇବା ପାଇଁ ଉକ୍ତ କେନ୍ଦ୍ରକୁ ଗଲାବେଳେ ଏବଂ Bank Account କୁ ଭତ୍ତା ପଇସା ଯିବା ଦ୍ୱାରା ମଧ୍ୟ Fingerprint, Eye Scan ଆଦି ସରକାରୀ ବ୍ୟବସ୍ଥାର ବାଧା ସୃଷ୍ଟି ହେଉଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି; ସେମାନଙ୍କୁ Door to Door ବା ହାତପାଖରେ ପହଞ୍ଚି ଭତ୍ତା ଦେବା ପାଇଁ ସରଳିକରଣ ବ୍ୟବସ୍ଥା ସରକାର ପ୍ରଣୟନ କରିବେ କି, ଯଦି ହଁ, ତେବେ କେବେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇ ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମମାନେ ନିଜ ଦୁଆରେ ଭତ୍ତା ପାଇବେ ?

----

## ସମାନ କାର୍ଯ୍ୟ ପାଇଁ ସମାନ ଦରମା ଦେବା

646 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) Odisha Adarsha Vidyalaya Sangathan (OAVS) ରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ S & ME ବିଭାଗର ହାଇସ୍କୁଲ ଶିକ୍ଷକମାନଙ୍କ ଭଳି ସରକାରୀ ପଦମର୍ଯ୍ୟାଦା ଦେଇ HRMS ID ଖୋଲିବା ପାଇଁ ସରକାରଙ୍କ ଦ୍ୱାରା କେଉଁପରି ପଦକ୍ଷେପ ଗ୍ରହଣ କରାଯାଇଛି; (ଖ) OAVS ରେ ସମସ୍ତ ପଦବୀପ୍ରାପ୍ତଙ୍କ ପାଇଁ ଏକ ସମାନ କେଡ଼ର ନିୟମ (Uniform Cadre Rule) ର ପ୍ରଣୟନ କରି ସମାନ କାମ ପାଇଁ ସମାନ ଦରମା ଏବଂ ସୁବିଧା ଦେବା ବିଷୟରେ ସରକାରଙ୍କ ମତ କଣ ରହିଛି ଓ ଏହି ସମ୍ବନ୍ଧିତ କିଛି ପଦକ୍ଷେପ କରିବାକୁ ଯୋଜନା ରଖିଛନ୍ତି କି ?

----

## ଲୋକକଳା ଚିହ୍ନଟ

647 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାରେ କେଉଁ କେଉଁ ଲୋକକଳା ସରକାରଙ୍କ ଦ୍ୱାରା ଚିହ୍ନଟ ହୋଇଅଛି, କେଉଁ ଗୁଡ଼ିକ ବିଲୁପ୍ତ ହୋଇଛି ଓ ବର୍ତ୍ତମାନ କେଉଁ ଲୋକକଳା ପ୍ରଚଳିତ ଅଛି, ଜିଲ୍ଲାର କେତେ ପ୍ରକାରର ସମାଜ ରହିଛି ଓ ସବୁ ସମାଜର ଲୋକକଳା ଚିହ୍ନଟ କରାଯାଇଛି କି, ଏହାର ସବିଶେଷ ବିବରଣୀ ତଥ୍ୟ ସହିତ ପ୍ରଦାନ କରିବେ କି ଏବଂ ଯେଉଁ ଯେଉଁ ଲୋକକଳା ଗୁଡିକ ବିଲୁପ୍ତ ପ୍ରାୟ ହୋଇଛି; ସେଗୁଡିକୁ ଉଜ୍ଜୀବିତ କରିବା ପାଇଁ ସରକାରଙ୍କ ଯୋଜନା କ'ଣ ରହିଛି ?

----

## New private schools opened last five years

648 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of Government and private schools functioning in Odisha at present, district-wise; (b) The number of Government schools closed/merged during the last five years, district-wise, with location details and reasons; The number of new private schools opened during the last five years, district-wise; The student enrolment in Government schools that were closed/merged, district-wise; and The number of zero-enrolment Government schools identified and closed/merged, district-wise, with location details ?

----

## Deciding on grant of University status to Sailabala Women's College

649 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The proposed roadmap and indicative timeline for deciding on the grant of University status to Sailabala Women's College, Cuttack, a 113-year-old institution closely associated with Utkal Gourav Madhusudan Das and Smt. Sailabala Das; (b) The special steps, financial packages or development grants provided to the institution during FY 2024-25 and 2025-26; and Whether the Government proposes a holistic academic, infrastructure and heritage-conservation plan with assured funding to further strengthen the institution's legacy ?

----

## ଖାଲିଥିବା Vice-Chancellor ପଦବୀ

650 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଅଦ୍ୟାବଧି କେତୋଟି ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି (Vice-Chancellor) ପଦବୀ ଖାଲି ପଡ଼ିଅଛି, ଏହାର ବିଶ୍ୱବିଦ୍ୟାଳୟ-ଭିତ୍ତିକ ତାଲିକା ପ୍ରଦାନ କରିବେ କି; (ଖ) କେତୋଟି ବିଶ୍ୱବିଦ୍ୟାଳୟରେ କାମଚଳା/ଦାୟିତ୍ୱପ୍ରାପ୍ତ କୁଳପତି (In-charge/ Acting Vice-Chancellor) ନିଯୁକ୍ତ କରାଯାଇଅଛି ଏବଂ ସେମାନେ କେତେ ସମୟ ଧରି ଏହି ଦାୟିତ୍ୱ ପାଳନ କରୁଛନ୍ତି; ଏବଂ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ସରକାର ଅଦ୍ୟାବଧି କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି-ଯଥା ସର୍ଚ୍ଚ-କମିଟି ଗଠନ, ବିଜ୍ଞପ୍ତି ପ୍ରକାଶ, ସାକ୍ଷାତକାର ଆଦି-ତାହାର ବିଶ୍ୱବିଦ୍ୟାଳୟ-ଭିତ୍ତିକ ବିବରଣୀ ପ୍ରଦାନ କରିବେ କି; ଏବଂ କୁଳପତି ଚୟନ ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ କେଉଁ କେଉଁ ଯୋଗ୍ୟତା ମାପକାଠି (ଏକାଡ଼େମିକ ଯୋଗ୍ୟତା, ପ୍ରଶାସନିକ ଅନୁଭବ, UGC ନିୟମାବଳୀ ଆଦି) ନିର୍ଦ୍ଧାରଣ କରାଯାଇଅଛି; ଏବଂ ସାଧାରଣ ମହଲରେ ଆଲୋଚନା ହେଉଛି ଯେ ଅନେକ ବିଶ୍ୱବିଦ୍ୟାଳୟରେ ଦୀର୍ଘ ସମୟ ଧରି ସ୍ଥାୟୀ କୁଳପତି ନଥିବାରୁ ଶିକ୍ଷାର ଗୁଣମାନ ଓ ପ୍ରଶାସନିକ କାର୍ଯ୍ୟକୁଶଳତାରେ ଅବନତି ଦେଖାଯାଉଛି -ଏହା ସରକାରଙ୍କ ଦୃଷ୍ଟିଗୋଚରରେ ଅଛି କି; ଏବଂ ଉକ୍ତ ପରିପ୍ରେକ୍ଷିତରେ, ସମସ୍ତ ବିଶ୍ୱବିଦ୍ୟାଳୟରେ କେବେ ସୁଦ୍ଧା ସ୍ଥାୟୀ କୁଳପତି ନିଯୁକ୍ତି ସମ୍ପନ୍ନ କରିବାକୁ ସରକାର ଯୋଜନା କରିଛନ୍ତି ?

----

## ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ଓ ସିନେଟ ଚୟନ

651 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ः**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଅବସ୍ଥିତ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ କେତୋଟି ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ (Syndicate) ଓ ସିନେଟ (Senate) ସଦସ୍ୟମାନଙ୍କର ଚୂଡାନ୍ତ ଚୟନ ସମ୍ପନ୍ନ ହୋଇଅଛି —ତାହାର ବିଶ୍ୱବିଦ୍ୟାଳୟ-ଭିତ୍ତିକ ବିବରଣୀ ପ୍ରଦାନ କରିବେ କି; (ଖ) ଯେଉଁ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସିଣ୍ଡିକେଟ ଓ ସିନେଟ ସଦସ୍ୟ ଚୟନ ସମ୍ପନ୍ନ ହୋଇଅଛି, ସେଉଁଠାରେ ବିଶ୍ୱବିଦ୍ୟାଳୟ- ଅନୁଯାୟୀ ସିଣ୍ଡିକେଟ ସଦସ୍ୟ ଓ ସିନେଟ ସଦସ୍ୟମାନଙ୍କର ନାମତାଲିକା ସହିତ ଚୟନ ପ୍ରକ୍ରିୟାର ଆଧାର/ନିୟମାବଳୀର ତଥ୍ୟ ଉପସ୍ଥାପନ କରିବେ କି; (ଗ) ଯେଉଁ ବିଶ୍ୱବିଦ୍ୟାଳୟମାନଙ୍କରେ ଏପର୍ଯ୍ୟନ୍ତ ସିଣ୍ଡିକେଟ ଓ ସିନେଟ ସଦସ୍ୟ ଚୟନ ସମ୍ପନ୍ନ ହୋଇନାହିଁ, ସେଉଁଠାରେ କେବେ ସୁଦ୍ଧା ଉକ୍ତ ପଦଗୁଡ଼ିକ ପୂରଣ କରାଯିବ—ତାହାର ସ୍ପଷ୍ଟ ସମୟସୀମା ପ୍ରଦାନ କରିବେ କି; ଏବଂ (ଘ) ଉକ୍ତ ବାକିଥିବା ବିଶ୍ୱବିଦ୍ୟାଳୟମାନଙ୍କ ପାଇଁ ସିଣ୍ଡିକେଟ ଓ ସିନେଟ ସଦସ୍ୟ ଚୟନ ନିମନ୍ତେ ଅନୁସରିତ ହେବାକୁ ଥିବା ଚୟନ ପ୍ରକ୍ରିୟା/ମାପଦଣ୍ଡର ତଥ୍ୟ ଉପସ୍ଥାପନ କରିବେ କି?

----

**Rourkela Autonomous College ରେ ପ୍ରଶାସନିକ ଅସ୍ଥିରତା**

652 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ः**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) Government Autonomous College, Rourkela ରେ ଗତ କିଛି ବର୍ଷ ଧରି ପ୍ରଶାସନିକ ଅସ୍ଥିରତା, ଆନ୍ତରିକ ବିବାଦ ଓ ଅସ୍ୱଚ୍ଛ ଶିକ୍ଷାମୂଳକ ପରିବେଶ ଚାଲିଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; (ଖ) ଉକ୍ତ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ନିଯୁକ୍ତିରେ କଥିତ ପକ୍ଷପାତ, ICC ସମ୍ପର୍କିତ ଅଭିଯୋଗ ଓ ପ୍ରଶାସନିକ ନିଷ୍ପକ୍ଷତାର ଅଭାବ ସମ୍ପର୍କରେ Directorate of Higher Education କୁ ଅଭିଯୋଗ ମିଳିଛି କି; ଯଦି ମିଳିଛି, ତେବେ ସେଥିରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି; ଏବଂ 11,000 ରୁ ଅଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷାଭବିଷ୍ୟତକୁ ଦୃଷ୍ଟିରେ ରଖି Government Autonomous College, Rourkela ରେ ଜଣେ ଅନୁଭବୀ, କ୍ଷମତାଶୀଳ ଓ ନିଷ୍ପକ୍ଷ ପ୍ରଧାନାଚାର୍ଯ୍ୟ ନିଯୁକ୍ତ କରିବାକୁ ସରକାରଙ୍କ କୌଣସି ତତ୍କାଳ ପ୍ରସ୍ତାବ ଅଛି କି ?

----

**୮୦% ରୁ ଅଧିକ ଭିନ୍ନକ୍ଷମମାନଙ୍କୁ ବର୍ଦ୍ଧିତ ଭତ୍ତା ଦେବା**

653 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏବେ କେତେଜଣ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି, ସେମାନଙ୍କ ମଧ୍ୟରୁ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା କେତେ, ଚିହ୍ନଟ ହୋଇଥିବା ୪୦% ରୁ ଅଧିକ ଭିନ୍ନକ୍ଷମଙ୍କ ମଧରୁ କେତେଜଣ ବର୍ଦ୍ଧିତ ଭତ୍ତା 3500 ଟଙ୍କା ଲେଖାଏଁ ପାଉଛନ୍ତି, ପ୍ରମାଣ ପତ୍ର ମିଳିନଥିବା କାରଣରୁ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପାଇନଥିବା ଭିନ୍ନକ୍ଷମମାନେ ଏରିଅର ହିସାବରେ 2025 ମସିହା ଜାନୁୟାରୀ ମାସରୁ ଏହି ଅର୍ଥ ପାଇବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**ଛାତ୍ରାବାସ ନିର୍ମାଣ ପାଇଁ ବଜେଟ୍ ବ୍ୟବସ୍ଥା**

654 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେଉଁ କେଉଁ ଜିଲ୍ଲାର କେତେଗୋଟି ବିଦ୍ୟାଳୟ / ଛାତ୍ରାବାସ ନିବାସରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀ ଅନ୍ୱେଷା ଯୋଜନାରେ ଶିକ୍ଷାଲାଭ କରି ସେଥିମଧ୍ୟରୁ ଚଳିତ ଶିକ୍ଷାବର୍ଷରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀଙ୍କୁ ସାମିଲ କରାଯାଇଛି;ଏ ବାବଦରେ ଗତବର୍ଷ ଓ ଚଳିତ ବର୍ଷ କେତେ ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିଲା ଓ ଚଳିତବର୍ଷ ଅଦ୍ୟାବଧି ସେଥିରୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ?

----

## ଶିକ୍ଷକ ଅଭାବ ସମସ୍ୟାର ସମାଧାନ

**655 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୁଣୁପୁର ନିର୍ବାଚନ ମଣ୍ଡଳୀର ଥିବା ଗୁଡାରି ବ୍ଲକର ବିଜ୍ଞାନ +2 HSS କଲେଜରେ ପ୍ରୟୋଗଶାଳା ଅଭାବ, ଚନ୍ଦ୍ରପୁର ବ୍ଲକର ମହିଳା +2 କଲେଜ ରେ ଶିକ୍ଷକ ଅଭାବ, ରାମନାଗୁଡ଼ା +2 କଲେଜରେ ଶିକ୍ଷକ ଅଭାବ, ପଦ୍ମପୁର ବ୍ଲକର R. G. Hss +2 କଲେଜର infrastructure ଓ ଶିକ୍ଷକ ଅଭାବ, ଗୁଣୁପୁର ବ୍ଲକର thyramma +2 womens କଲେଜର infrastructure ଅଭାବ, ଏହି ସମସ୍ୟା ଅନେକ ଦିନରୁ ଲାଗିରହିଥିବା ବେଳେ ସରକାର ଏହି ସମସ୍ୟାର ସମାଧାନ ପାଇଁ କଣ ସ୍ଥାୟୀ ପଦକ୍ଷେପ ନେଇଛନ୍ତି ?

----

## ଗୁଣୁପୁର ମହାବିଦ୍ୟାଳୟକୁ ସରକାରୀ ଘୋଷଣା

**656 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୁଣୁପୁର ନିର୍ବାଚନ ମଣ୍ଡଳୀ ର ଥିବା ଗୁଡାରି ବ୍ଲକ ର +3 କଲେଜ ର infrastructure ଓ ଶିକ୍ଷକ ଅଭାବ,ପଦ୍ମପୁର ବ୍ଲକ ର R. G. +3 କଲେଜ ର infrastructure ଅଭାବ, ରାମନାଗୁଡ଼ା +3 କଲେଜ ର infrastructure ଅଭାବ, ଏହି ସମସ୍ୟା ଅନେକ ଦିନ ରୁ ଲାଗିରହିଥିବା ବେଳେ ସରକାର ଏହି ସମସ୍ୟା ର ସମାଧାନ ପାଇଁ କଣ ପଦକ୍ଷେପ ନେଇଛନ୍ତି? ସେହିପରି ସରକାରୀ ଅନୁଦାନ ପ୍ରାପ୍ତ ଗୁଣପୁର ମହାବିଦ୍ୟାଳୟ ସ୍ଥାପନ ହୋଇ 54 ବର୍ଷ ହେଲା ଓ ଶତକଡା ୨୦ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତିଈ ଗୁଣପୁର ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ଘୋଷଣା କେବେ ହେବ ?

----

## ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ

**657 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ନିଷ୍ପତ୍ତି ପରିପ୍ରେକ୍ଷୀରେ February, 2024 ରୁ January, 2026 ମଧ୍ୟରେ sanction ହୋଇଥିବା ମିନି ଷ୍ଟାଡିୟମ ମଧ୍ୟରୁ ମୋଟ କେତେଗୋଟି ଷ୍ଟାଡିୟମ ର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ଏବାବଦରେ କେତେ ଅର୍ଥ କେଉଁ ଜିଲ୍ଲାର କେଉଁ ଷ୍ଟାଡିୟମ ପାଇଁ ବ୍ୟୟବରାଦ ହୋଇଛି ଜଣାଇବେକି, (ଖ) ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାରେ କେତେଗୋଟି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି, କେତୋଟିର କାର୍ଯ୍ୟ ନିର୍ମାଣଧିନ ଅଛି ଏବଂ ଚଳିତ ବର୍ଷ କେତେ ଅର୍ଥ ବରାଦ କରାଯାଇଛି?

----

## ସାମାଜିକ ସୁରକ୍ଷା ଯୋଜନାରେ କେନ୍ଦ୍ର ଠାରୁ ମିଳୁଥିବା ଅନୁଦାନ

**658 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ ସାମାଜିକ ସୁରକ୍ଷା ଯୋଜନାଗୁଡିକ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଚଳିତ ଆର୍ଥିକ ବର୍ଷ ଅନୁଦାନ କମିଥିବା କଥା ସତ୍ୟ କି, ଯଦି ସତ୍ୟ, ତେବେ ଏହା କମିବାର କାରଣ କଣ (ଖ) NSAP ଯୋଜନା ଅନ୍ତର୍ଗତ ଓଡିଶାରେ Pension ପାଉଥିବା ଲୋକଙ୍କ ସଂଖ୍ୟା କେତେ ଏବଂ ଏବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି ଏବଂ ଏହି Pension ପାଇବାକୁ ରାଜ୍ୟରେ ଆଉ ଯୋଗ୍ୟ ହିତାଧିକାରୀ କେତେ ଅଛନ୍ତି ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି?

----

## ବନ୍ଦ ହୋଇଥିବା ବିଦ୍ୟାଳୟ ପୁନଃ ଖୋଲିବା

659 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନକୁ ବିଚାରକୁ ନେଇ ପୂର୍ବ ସରକାରଙ୍କ ସମୟରେ ଯେଉଁ ସ୍କୁଲଗୁଡିକୁ ବନ୍ଦ କରାଯାଇଥିଲା, ସେଗୁଡିକୁ ପୁନର୍ବାର ଖୋଲିବା ପାଇଁ ସରକାର କେଉଁ ଆଧାରରେ ପଦକ୍ଷେପ ନେଇଛନ୍ତି ଏବଂ ଗତ ୧୪ ମାସ ମଧ୍ୟରେ କେତେଗୋଟି ସ୍କୁଲ କେଉଁ କେଉଁ ଜିଲ୍ଲାରେ କେତେ ସ୍କୁଲ ଖୋଲାଯାଇଛି କହିବେକି, (ଖ) ଯେଉଁସବୁ ଅଂଚଳରେ ପ୍ରାକୃତିକ ପ୍ରତିବନ୍ଧକ ରହିଛି, ସେଥିପାଇଁ ଏହି ବିଷୟରେ କୋହଳ କରି ବନ୍ଦ ହୋଇଥିବା ବିଦ୍ୟାଳୟଗୁଡିକୁ ପୁନଃ ଖୋଲିବା ପାଇଁ ପଦକ୍ଷେପ ନେବେ କି?

----

## ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ

660 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଓ ୫୦ ବର୍ଷରୁ ଅଧିକ ବୟସର କେତେ ବ୍ୟକ୍ତି ଏବଂ ସେହିପରି ଭିନ୍ନକ୍ଷମ ଭତ୍ତା ପାଉଥିବା ଓ ୫୦% ବା ତାଠାରୁ ଅଧିକ ଭିନ୍ନକ୍ଷମତା ଥିବା କେତେ ବ୍ୟକ୍ତିଙ୍କୁ ସରକାର ଚିହ୍ନଟ କରିଛନ୍ତି ତାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେକି ;(ଖ) ଉପରୋକ୍ତ ଚିହ୍ନିତ ଭତ୍ତାଧାରୀ ବ୍ୟକ୍ତିଙ୍କ ମଧ୍ୟରୁ ଇତିମଧ୍ୟରେ କେତେଜଣଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ କରାଯାଇଛି ଓ ଅବଶିଷ୍ଟ ଯୋଗ୍ୟବ୍ୟକ୍ତିଙ୍କୁ କାହିଁକି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇନାହିଁ, ବର୍ଦ୍ଧିତ ଭତ୍ତା ପାଇବାରୁ ବଂଚିତ ଭତ୍ତରାଧୀକାରିଙ୍କ ସପକ୍ଷରେ କେବେସୁଦ୍ଧା ବର୍ଦ୍ଧିତ ଭତ୍ତା ମଂଜୁର କରିବେ ?

----

## ମହାବିଦ୍ୟାଳୟରେ ଖାଲିଥିବା ପଦବୀ ପୂରଣ

661 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ କେଉଁ ବିଭାଗରେ କେତେ ଅଧ୍ୟାପକ ପଦବୀ ଖାଲିପଡିଛି ତାର ଏକ ବିଶ୍ୱବିଦ୍ୟାଳୟୱାରୀ ବିବରଣୀ ପ୍ରଦାନ କରିବା ସହିତ ସେସବୁ ପଦବୀ ପୂରଣ ପାଇଁ ଇତିମଧ୍ୟରେ କଣ ପଦକ୍ଷେପ ନିଆଯାଇଛି ଓ କେବେସୁଦ୍ଧା ଏସବୁ ପଦବୀ ପୂରଣ କରାଯିବ, (ଖ) ରାଜ୍ୟର ସରକାରୀ ମହାବିଦ୍ୟାଳୟମାନଙ୍କରେ ବିଭିନ୍ନ ବିଭାଗରେ କେତେ ପଦବୀ ଖାଲିପଡିଛି ତାର ଏକ ମହାବିଦ୍ୟାଳୟୱାରୀ ବିବରଣୀ ପ୍ରଦାନ କରିବା ସହିତ ସେସବୁ ଖାଲି ପଦବୀ ପୁରଣ ପାଇଁ ଇତିମଧ୍ୟରେ କଣ ପଦକ୍ଷେପ ନିଆଯାଇଛି ଓ ରାଜ୍ୟର ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ବିଭିନ୍ନ ବିଭାଗରେ କେତେ ପଦବୀ ଖାଲିପଡିଛି ତାର ଏକ ମହାବିଦ୍ୟାଳୟୱାରୀ ବିବରଣୀ ପ୍ରଦାନ ସହିତ ସେସବୁ ପଦବୀ କେବେସୁଦ୍ଧା ପୁରଣ କରାଯିବ ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

662 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାଳୟମାନଙ୍କରେ 2023 2024 ଶିକ୍ଷା ବର୍ଷ ଶେଷ ସୁଦ୍ଧା ମୋଟ କେତେ ସଂଖ୍ୟକ ଶିକ୍ଷକ ପଦବୀ ଥିଲା ଓ ସେଥିମଧ୍ୟରୁ କେତେ ପଦବୀ ଖାଲି ପଡିଥିଲା, (ଖ) 2024 2025 ଶିକ୍ଷା ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ଆଉ କେତେ ଅଧିକ ନୂତନ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି ଓଆଜି ପର୍ଯ୍ୟନ୍ତ ମୋଟ କେତେ ପଦବୀ ଖାଲିଅଛି, ଏସବୁ ଖାଲି ପଦବୀ ପୂରଣ ପାଇଁ ଇତିମଧ୍ୟରେ କଣସବୁ ପଦକ୍ଷେପ ନିଆଯାଇଛି ଏବଂ କେବେସୁଦ୍ଧା ଏସବୁ ପଦବୀ ପୁରଣ କରାଯିବ?

----

## ହାଇସ୍କୁଲରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବା

663 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର କେଉଁ ମସିହାରେ ଯୁକ୍ତ ଦୁଇ ଶ୍ରେଣୀକୁ ଉଚ୍ଚଶିକ୍ଷା ଠାରୁ ପୃଥକ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଆଣିଥିଲେ ? ଏହି ନିଷ୍ପତ୍ତି ସମୟରେ ହାଇସ୍କୁଲଗୁଡିକରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବାପାଇଁ ନିଷ୍ପତ୍ତି ହୋଇଥିଲା କି, ଯଦି ହଁ, ତେବେ ଇତି ମଧ୍ୟରେ କେତୋଟି ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ ହୋଇଛି ତାହାର ଏକ ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି ?

----

## ନୂତନ ସରକାରୀ ଡିଗ୍ରୀ କଲେଜ ଖୋଲିବା

664 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ସରକାରୀ ଡିଗ୍ରୀ କଲେଜ ରହିଛି ? କେଉଁ କେଉଁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସରକାରୀ ଡିଗ୍ରୀ କଲେଜ ନାହିଁ , ଯେଉଁସବୁ ଜିଲ୍ଲାରେ ସରକାରୀ ଡିଗ୍ରୀ କଲେଜ ନାହିଁ ସେଠାରେ ସରକାରୀ ଡିଗ୍ରୀ କଲେଜ ଖୋଲିବାପାଇଁ ସରକାର କ'ଣ ସହ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଝାରସୁଗୁଡା ଜିଲ୍ଲାରେ ଥିବା ଶିଳ୍ପ ସଂସ୍ଥା

665 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଝାରସୁଗୁଡା ଜିଲ୍ଲାରେ କେତୋଟି କେଉଁ କିସମର ଶିଳ୍ପ ରହିଛି ଓ ଏହିସବୁ ଶିଳ୍ପସଂସ୍ଥାଗୁହିକ ଗତ ୫ବର୍ଷ ମଧ୍ୟରେ ଜିଲ୍ଲାର ବିକାଶ ପାଇଁ ସିଏସଆର ପାଣ୍ଠି ବାବଦରେ କେତେ ଅର୍ଥ ପ୍ରଦାନ କରିଛନ୍ତି ଏହାର ଏକ ଶିଳ୍ପସଂସ୍ଥା ଦ୍ୱାରୀ ଓ ବର୍ଷରୀ ତାଲିକା ପ୍ରଦାନ କରିବେ କି ?

----

## Conduct Rules ଉଲ୍ଲଘଂନ

666 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଉତ୍ତର ଅନୁଯାୟୀ ୟୁନିଟ 1 ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୨ ଜଣ ଶିକ୍ଷୟତ୍ରୀ ବିନାନୁମତିରେ ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କୁ ଅଭିଯୋଗ ଦାଖଲ କାରଣରୁ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ 4 ଜଣଙ୍କୁ ସ୍ଥାୟୀ ଓ deployment ରେ ସ୍ଥାନାନ୍ତର କରିବା ବେଳେ ଅନ୍ୟ 5 ଜଣଙ୍କ କ୍ଷେତ୍ରରେ କି କାର୍ଯ୍ୟାନୁଷ୍ଠାନ, ବଦଳୀ ହୋଇଥିବା ସମସ୍ତ 4 ଜଣ ଅଭିଯୋଗ କରିଥିଲେ କିମ୍ୱା ଅନ୍ୟ କେଉଁ କାରଣରୁ, ରାଜ୍ୟ ସରକାରଙ୍କ Conduct Rules ଉଲ୍ଲଘଂନ କାରଣରୁ OCS CC&A rule 1962 ଅନୁଯାୟୀ କେଉଁ ଧାରାରେ ସଂପୃକ୍ତ ୨ ଜଣଙ୍କ ବିରୁଦ୍ଧରେ କେଉଁ ଧାରାରେ ବିଭାଗୀୟ କାର୍ଯ୍ୟବିଧି ଗ୍ରହଣ କରାଯାଇଛି, ଯଦି ନ କରାଯାଇଛି ତେବେ ଅନ୍ୟମାନେ Conduct Rules ଉଲ୍ଲଘଂନ କଲେ ସେମାନଙ୍କୁ ମଧ୍ୟ ଛାଡ କରାଯିବ କି?

----

## ଆବଶ୍ୟକତା ତୁଳନାରେ କର୍ମଚାରୀ ତୁଳନା

667 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଡି.ଇ.ଓ. ଅଫିସ ଓ କେଉଁ ସରକାରୀ ଉଚ୍ଚବିଦ୍ୟାଳୟମାନଙ୍କରେ କେତେଜଣ କ୍ଲର୍କ deployment ରେ ଆସି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ କେବେଠାରୁ କାର୍ଯ୍ୟ କରୁଛନ୍ତି, ଯେଉଁ ଅଫିସ ଉଚ୍ଚିବଦ୍ୟାଳୟୁ ଆସୁଛନ୍ତି ସେଠାରେ କାର୍ଯ୍ୟାଳୟ କିପରି ପରିଚାଳିତ ହେଉଛି, deployment ରେ ଅନ୍ୟତ୍ର କାର୍ଯ୍ୟ କରିବା ପାଇଁଁ order କରୁଥିବା ପଦାଧିକାରୀ ସେଥିପାଇଁ କ୍ଷମତାପ୍ରାପ୍ତ କି, (ଖ) Govt. Girls ଉଚ୍ଚବିଦ୍ୟାଳୟର ଦିବ୍ୟାଙ୍ଗ କ୍ଲର୍କଙ୍କୁ ସରକାର deputation ରେ ନେବା ପରେ କୌଣସି କ୍ଲର୍କକୁ ସେଠାକୁ deployment ରେ ନିଆଯାଇଛି କି, ଏବଂ ଡି.ଇ.ଓ. ଅଫିସ ରେ କେତେଜଣ HOD cadre Junior Assistant, ASO, SO, EO, AO, କାର୍ଯ୍ୟ କରୁଛନ୍ତି, ମଂଜୁରୀପ୍ରାପ୍ତ ସଂଖ୍ୟା ଓ କାର୍ଯ୍ୟରତ କର୍ମଚାରୀ ସଂଖ୍ୟା ତୁଳନାରେ କେତେ କର୍ମଚାରୀ ଆବଶ୍ୟକ ଓ କେବେ ପୂରଣ ହେବ?

----

## ବିଦ୍ୟାଦାନରେ ଅବହେଳା

668 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ବିଦ୍ୟାଳୟମାନଙ୍କରେ ବିଦ୍ୟାଦାନରେ ଜାଣିଶୁଣି ଅବହେଳା କରୁଥିବା ଠକୁଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ପ୍ରାଇମେରୀ ସ୍ତରରେ କିଏ ତାଗିଦ କରିଥାନ୍ତି, ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପଥରେ ଯେଉଁ ଶିକ୍ଷକ ଶିକ୍ଷୟତ୍ରୀମାନେ ଜାଣିଶୁଣି ବାଧା ସୃଷ୍ଟି କରନ୍ତି, ମୁଖିଆଭାବେ ପ୍ରଧାନଶିକ୍ଷକ ସେମାନଙ୍କ ଭୁଲ ସୁଧାରିବାକୁ ତାଗିଦ କଲେ ପୁରୁଷ ପ୍ରଧାନଶିକ୍ଷକଙ୍କ କ୍ଷେତ୍ରରେ ଯୌନ ଉତ୍ପୀଡନ ବୋଲି ବିବେଚନା କରାଯାଇଥାଏ ତାଗିଦର ସମ୍ମୁଖୀନ ହୋଇଥିବା ସଂପୃକ୍ତ ଶିକ୍ଷୟତ୍ରୀମାନେ ଉଚ୍ଚାଧିକାରୀ ଓ ରାଜନେତାଙ୍କୁ ବିନାନୁମତିରେ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଯୌନ ଉତ୍ପୀଡିତ ବୋଲି ଅଭିଯୋଗ କଲେ conduct rule ଉଲ୍ଲଘଂନ ପାଇଁ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଭଂଗ ଆଚରଣ ପାଇଁ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ କି, ରାଜ୍ୟର କେତେ ମହିଳା ଉଚ୍ଚବିଦ୍ୟାଳୟରେ ପୁରୁଷ ପ୍ରଧାନ ଶିକ୍ଷକ ଅଛନ୍ତି?

----

## ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କ ସମସ୍ୟାର ସମାଧାନ

669 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କାର୍ଯ୍ୟରତ ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କ ସମସ୍ୟାଗୁଡିକ ସମ୍ବନ୍ଧରେ ବିଭାଗ ଓ ବାରମ୍ବାର ଅବଗତି କରାଇବା ପରେ ମଧ୍ୟ ଏହାର କୌଣସି ସମାଧାନ କରାନଯିବାର କାରଣ କଣ, ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କୁ ମାସ ମାସ ଧରି ସେମାନଙ୍କର ପ୍ରାପ୍ୟ ନମିଳିବା, ପ୍ରୋଜେକ୍ଟ ଆପ୍ରୁଭାଲ ରେ ବର୍ଦ୍ଧିତ ଦରମା ପ୍ରଦାନ ନକରିବା ଭଳି ମୌଳିକ ସମସ୍ୟାଗୁଡିକ ଉପରେ ସରକାର ବିଚାର କରି ନ୍ୟାୟ ପ୍ରଦାନ କରିବେକି, ଏତଦବ୍ୟତିତ ହରିଆନା ଓ ଆସାମ ରାଜ୍ୟରେ ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କୁ ନିଜ ଅଧିନକୁ ନେଇ କାର୍ଯ୍ୟ କରାଉଥିବାବେଳେ ଓଡିଶାରେ ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କୁ ସରକାର କଂପାନୀମାନଙ୍କୁ ନଦେବା ନିଜ ଅଧିନକୁ ନେବେ କି?

----

## ଅନୁସୂଚିତ ଜନଜାତି ମାନଙ୍କର କଲ୍ୟାଣ

670 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଧୁନା ST ଜନସଂଖ୍ୟା କେତେ ଓ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ଓ ବିକାଶ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି; ଆଦିବାସୀଙ୍କ ବିକାଶ ପାଇଁ ଚଳିତ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ପାଇଁ କେଉଁ କେଉଁ ଯୋଜନାରେ କେତେ ପରିମାଣରେ ଅନୁଦାନ ବ୍ୟବସ୍ଥା କରାଯାଇଛି ଓ କେଉଁ ଯୋଜନାରେ ଅନୁଦାନ ପୂର୍ବ ବର୍ଷ ଅପେକ୍ଷା କେତେ ଅଧିକ ତାର Detail ତଥ୍ୟ ଦେବେ କି; ବିଶେଷ କରି ଧରତିଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ, ପ୍ରଧାନମନ୍ତ୍ରୀ ଜନଜାତି ବିକାଶ ମିଶନ, ଏକଲବ୍ୟ ମୋଡ଼େଲ ଆବାସିକ ବିଦ୍ୟାଳୟ ଯୋଜନା କେନ୍ଦ୍ର କେତେ ସହାୟତା କରୁଛି ?

----

## Make in Odisha Conclave ଦ୍ୱାରା ପୁଞ୍ଜି ନିବେଶ

671 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ Make in Odisha Conclave, Utkarsha Odisha ସମ୍ମିଳନୀରେ ଯେଉଁ Invester ମାନେ ପୁଞ୍ଜି ବିନିଯୋଗ କରିବା ପାଇଁ ସରକାରଙ୍କ ସହ MOU କରିଥିଲେ ସେଥିରୁ କେତେ ଜଣ Investor କେଉଁ କେଉଁ Industry କେଉଁ କେଉଁ ସ୍ଥାନରେ କାମ ଆରମ୍ଭ କଲେଣି ଜଣାଇବେ କି; ଗତ ୨୦ ମାସ ଭିତରେ ରାଜ୍ୟ ସରକାର କେଉଁ କେଉଁ ସ୍ଥାନରେ Industrial Authority ମାନଙ୍କ ସହ Meeting କରିଛନ୍ତି, କେତେ Industrialist ମାନେ Industry କରିବା ପାଇଁ ସରକାର ଘୋଷଣା କରିଛନ୍ତି ଓ କେତେ ନିଯୁକ୍ତି ସୁଯୋଗ ଓଡ଼ିଆ ଲୋକମାନଙ୍କ ପାଇଁ ସୃଷ୍ଟି ହେବ ବୋଲି ସରକାର ଜାଣିଛନ୍ତି ଓ ସେଥିପାଇଁ କେତେ ଜମି, କେତେ ପରିମାଣର କେଉଁ ଖଣି ଦେବାକୁ ପଡ଼ିବ ?

----

## ତଳେ ବସି ପାଠପଢ଼ିବା

672 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନିଗୋଟି ବ୍ଲକ ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ ବ୍ଲକର କେତେଗୋଟି ସ୍କୁଲର ପିଲାମାନେ ତଳେ ବସି ପାଠ ପଢୁଛନ୍ତି ଏବଂ କଣ ପାଇଁ Desk Bench ର ସୁବିଧା ଦିଆଯାଇ ନାହିଁ ଏବଂ ଏହା କେବେ ସୁଦ୍ଧା ଦିଆଯିବ ?

----

## College Committee ପୁନର୍ଗଠନ

673 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକ ବିରିଡ଼ି ରଘୁନାଥପୁର ଓ ତିର୍ତ୍ତୋଲର College ଗୁଡ଼ିକର Committee ଗୁଡ଼ିକ Dissolve ହେଇଛି ଏହାକୁ ପୁନର୍ଗଠନ ପାଇଁ କେବେ ସୁଦ୍ଧା କରାଯିବ; ପ୍ରତ୍ୟେକ ମହାବିଦ୍ୟାଳୟ ପରିଚାଳନ Committee .23Dec 2024 ରୁ ଭାଙ୍ଗି ଦିଆଯାଇଛି ସରକାର ଏହାର ପୁନର୍ଗଠନ ପାଇଁ କେଉଁ ବ୍ୟବସ୍ଥା ରଖିଛନ୍ତି ?

----

## ଦକ୍ଷତା ବିକାଶ ପାଇଁ ପଦକ୍ଷେପ

674 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିନୋଟି ବ୍ଲକ ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ତାଙ୍କ ଶିକ୍ଷା ପିଲାମାନଙ୍କୁ ପାଠ ପଢ଼େଇବା ସହିତ ଅନ୍ୟ କେଉଁ କେଉଁ ସରକାରୀ କାର୍ଯ୍ୟକ୍ରମ କରିବା ପାଇଁ ଅନ୍ତର୍ଭୁକ୍ତ କରିଛନ୍ତି ଓ ସେମାନଙ୍କର ଦକ୍ଷତା ବିକାଶ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

675 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାରେ ଥିବା ପ୍ରାଥମିକ , ଉଚ୍ଚପ୍ରାଥମିକ ଉଚ୍ଚବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ପ୍ରଧାନ ଶିକ୍ଷକ, ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଅବସର ହେତୁ ୨୦୨୫, ୨୦୨୬, ୨୦୨୭ ବର୍ଷରେ କେତେ ପଦବୀ ଖାଲି ହେବ ପ୍ରକାଶ କରି ବର୍ତ୍ତମାନ ଖାଲିଥିବା ପଦବୀ ଓ ଖାଲି ହେବାକୁ ଥିବା ପଦବୀକୁ ଲକ୍ଷ୍ୟ ରଖି କେବେ ସୁଦ୍ଧା ଉକ୍ତ ପଦବୀ ଗୁଡ଼ିକୁ ଶିକ୍ଷକ ଓ କର୍ମଚାରୀ ନିୟୋଜନ ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Private College ର B.Ed, M.Ed କୋର୍ସ ଖୋଲିବା

676 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେତେ ସରକାରୀ B.Ed College ଅଛି ଓ ଏହି କଲେଜ ମାନଙ୍କରେ ସର୍ବମୋଟ କେତେ ସିଟ ଅଛି, B.Ed କଲେଜ ଗୁଡ଼ିକରେ ମଞ୍ଜୁରପ୍ରାପ୍ତ ଶିକ୍ଷକ /ଅଣ ଶିକ୍ଷକ ପଦବୀ ସଂଖ୍ୟାରୁ କେତେ ପଦବୀ ଖାଲି ପଡ଼ିଛି, ତାର କଲେଜୱାରୀ ତାଲିକା ପ୍ରଦାନ କରିବେ କି ;(ଖ) B.Ed, MEd କୋର୍ସ ପାଇଁ ଛାତ୍ରଛାତ୍ରୀ ମାନଙ୍କର ଆଗ୍ରହ ବଢୁଥିବାରୁ Private ଶିକ୍ଷାନୁଷ୍ଠାନ ମାନଙ୍କରେ ଏହି କୋର୍ସ ପାଇଁ ସରକାର ଅନୁମତି ଦେବେ କି ?

----

## High School କୁ Upgrade କରିବା

677 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମଗ୍ର ଓଡ଼ିଶାରେ ବିଭିନ୍ନ ବ୍ଲକ ମାନଙ୍କରେ High School ମାନଙ୍କୁ Upgrade କରି ତହିଁରେ +2 ( class - XI and Class - XII) ଖୋଲା ଗଲା କିନ୍ତୁ ଉକ୍ତ ସ୍କୁଲ ପାଇଁ Principal ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ହୋଇ ନଥିବାର ଖବର ସରକାରଙ୍କ ନଜରକୁ ଆସିଅଛି କି; ଉତ୍ତର ହଁ ହେଲେ, ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକର ସୁଖା High School ରେ Principal ଦେବାର ବ୍ୟବସ୍ଥା କରିବେ କି ?

----

**Stadium ଓ Play Field ପାଇଁ ଅର୍ଥ ମଞ୍ଜୁର**

678 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୋନପୁର ଜିଲ୍ଲାର କେଉଁ କେଉଁ Stadium କିମ୍ବା Play field କୁ ୨୦୨୫ - ୨୬ ଆର୍ଥିକ ବର୍ଷରେ କେତେ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ ୨୦୨୬ -୨୭ ରେ କେତେ କେତେ ଅର୍ଥ ମଞ୍ଜୁର ପ୍ରସ୍ତାବ ରହିଅଛି ; (ଖ) ୨୦୨୫ - ୨୬ ଆର୍ଥୀକ ବର୍ଷପାଇଁ Deptt. ପାଇଁ କେତେ ଖର୍ଚ୍ଚ BE ରେ ବରାଦ ହୋଇଥିଲା ଓ ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ କେତେ ହୋଇଅଛି ୨୦୨୪ - ୨୫ ଆର୍ଥୀକ ବର୍ଷରେ କେତେ ଟଙ୍କା Surrender ହୋଇଥିଲା ?

----

**"ପ୍ରାଥମିକ ଶିକ୍ଷକ ଓ କର୍ମଚାରୀ ପଦବୀ ପୁରଣ ସମ୍ପର୍କରେ"**

679 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରାଥମିକ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ମାନଙ୍କରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ ବର୍ତ୍ତମାନ ସୁଦ୍ଧା କେତେ ପଦବୀ ଖାଲି ଅଛି, ତାହା ପୂରଣ ପୂର୍ବକ ଶିକ୍ଷାଦାନ ସୁସଂହତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

**"ଘରୋଇ ଚାଷ ଜମିକୁ ଚାଷୀକୁ ଫେରସ୍ତ ନିମନ୍ତେ "**

680 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମଣ୍ଡଳୀଠାରେ ଟାଟା ପାୱାର ନିମନ୍ତେ କେତେ ସରକାରୀ ଜମି ଓ ଘରୋଇ ଜମି ଅଧିଗ୍ରହଣ ହୋଇଥିଲା , ଟାଟାପାୱାର ପ୍ରକଳ୍ପ ନିର୍ମାଣରୁ ହରେଇ ରହିଥିବାବେଳେ ଏହି ଜାଗାକୁ କେଉଁ ଉଦ୍ଦେଶ୍ୟରେ ବିନିଯୋଗ ହୋଇଛି ଚାଷୀଙ୍କ ଜମିକୁ ଚାଷୀଙ୍କୁ ଫେରସ୍ତ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

**" ସରକାରୀ ଓ ବେସରକାରୀ ସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା " କମିବା ସମ୍ପର୍କରେ**

681 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଘରୋଇ ଓ ସରକାରୀ ସ୍କୁଲ ରହିଛି ଓ ସେ ସବୁରେ ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କେତେ ପ୍ରତିଶତ ପଢୁଛନ୍ତି ଏବଂ ସେମାନଙ୍କ ସଂଖ୍ୟା କେତେ ଏସବୁ ସ୍କୁଲରେ ନାମଲେଖା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଗତ ଶିକ୍ଷା ବର୍ଷରେ ଓ ଚଳିତ ଶିକ୍ଷା ବର୍ଷରେ କେତେ ପ୍ରତିଶତ ଲେଖାଏଁ ବଢ଼ିଛି ନା କମିଛି ରାଜ୍ୟରେ ୨୦୧୯ ୨୦ ରୁ ଏ ପର୍ଯ୍ୟନ୍ତ ପ୍ରତିବର୍ଷ କେତୋଟି ଲେଖାଏଁ ସରକାରୀ ଓ ବେସରକାରୀ ଓ ଘରୋଇ ସ୍କୁଲ ପ୍ରତିଷ୍ଠା କରାଯାଇଛି ବା ବନ୍ଦ କରାଯାଇଛି, ଏହି ସମୟରେ ଉଭୟ ପ୍ରକାରର କେତୋଟି ସ୍କୁଲର ଛାତ୍ରଛାତ୍ରୀ ସଂଖ୍ୟା କେଉଁ କାରଣରୁ କମିଛି, ଏବଂ ସରକାରୀ ସ୍କୁଲ କ୍ଷେତ୍ରରେ ତାର କି ପ୍ରତିକାର ବ୍ୟବସ୍ଥା ରହିଛି ?

----

**UGC ଦରମା ହାର ସରକାରୀ/ବେସରକାରୀ କଲେଜରେ ଲାଗୁକରାଯିବା ସମ୍ପର୍କରେ**

682 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ UGC ଦରମା ହାର କେତେ ଜଣ ସରକାରୀ କଲେଜ ଅଧ୍ୟାପକ ଓ ଅଧ୍ୟାପୀକାଙ୍କୁ ଏବଂ କେତେ ଜଣ ବେସରକାରୀ କଲେଜ ଅଧ୍ୟାପକ ଓ ଅଧ୍ୟାପୀକାଙ୍କୁ ଦିଆଯାଉଛି ଏବଂ ରାଜ୍ୟ ସରକାରଙ୍କ ଦରମା ହାର ଉଭୟ ପ୍ରକାର କଲେଜର କେତେ ଜଣ ଅଧ୍ୟାପକ ଓ ଅଧ୍ୟାପୀକାଙ୍କୁ UGC ଦରମା ହାର ଦେବା ଲାଗି ସରକାରଙ୍କ ପ୍ରସ୍ତାବ ଅଛି କି; ଯଦି ଉତ୍ତର ନା ହୁଏ, ତେବେ ତାର କାରଣ କଣ ଓ ଯଦି ହଁ ହୁଏ ସେ ଦୀଗରେ କି ପଦକ୍ଷେପ ନିଆଯାଉଛି ?

----

**ଶିଳ୍ପ ସଂସ୍ଥା କାରଖାନା ପ୍ରତିଷ୍ଠା ସମ୍ପର୍କରେ**

683 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଶିଳ୍ପ ସଂସ୍ଥା କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହ ବୁଝାବଣା ପତ୍ର ବା ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ୍ୟ ଏ ଅଙ୍ଗିକାର ପ୍ରଦାନ କରିଥିଲେ ବି ଏ ପର୍ଯ୍ୟନ୍ତ ଶିଳ୍ପ ସ୍ଥାପନ ଦୀଗରେ ଅଗ୍ରଗତି କରିନାହାନ୍ତି ସେ ସବୁ ପ୍ରକଳ୍ପର ତାଲିକା ଓ ମୋଟ ଅଟକଳ ପ୍ରଦାନ କରିବେ କି ଏବଂ ସେହି ସବୁ ଶିଳ୍ପରୁ କେତୋଟି ଓହରି ଗଲେଣି ବା ନିର୍ମାଣର ଆଉ ସମ୍ଭାବନା ନାହିଁ ଏବଂ ଅନ୍ୟ ଶିଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଲାଗି ସରକାର କି ପଦକ୍ଷେପ ନେଉଛନ୍ତି ?

----

**ମୟୁରଭଞ୍ଜ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ**

684 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଶିଳ୍ପ ଅନଗ୍ରସର ମୟୁରଭଞ୍ଜ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି; କେଉଁ କେଉଁ ଠାରେ କେତେ ପୁଞ୍ଜି ବିନିଯୋଗରେ କି କି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାର ଯୋଜନା କରିଛନ୍ତି ତାହା ଜଣାଇବେ କି ; (ଖ) ପାଞ୍ଚଦୀତ ସବଡ଼ିଭିଜନରେ ଖାଦ୍ୟ ପ୍ରକ୍ରିୟାକରଣ ଓ ଜଙ୍ଗଲଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ ଉତ୍ପାଦନରେ ବିନିଯୋଗ କରି ଶିଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

**ବଦଳୀ ନିତୀ ପାଳନ କରି relieve କରିବା**

685 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ କାର୍ଯ୍ୟରେସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ରାଜ୍ୟରେ କିରାଣୀ ତଥା ଅଧିକାରୀ ମାନଙ୍କ ବଦଳି ସମ୍ପର୍କରେ Book circular 42 ପରିଶିଷ୍ଟକ ଏବଂ G.A. Department Lt. No.19538 dtd.29.07.91 ଓ Lt. No.10271 dtd.20.05.1995 ନିର୍ଦ୍ଦେଶନାମା କରି ହୋଇଥିଲା ଏବଂ ତଦନୁସାରେ ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରିତ SO/ASO ଯେଉଁମାନେ ୧୦ ବର୍ଷଧରି ଗୋଟିଏ ନିର୍ଦ୍ଦେଶାଳୟରେ ଥିଲେ ସେମାନଙ୍କୁ ପ୍ରଥମ କାର୍ଯ୍ୟାଳୟରେ ୨୬ ଜଣ ଓ ପରେ 42 ଜଣଙ୍କୁ DHSE (O) ପତ୍ର ସଂଖ୍ୟା 7251 dtd.06.07.23 ଓ 15022 dtd.04.11.25 ବଦଳି ହୋଇଥିଲେ କିନ୍ତୁ ସେଥି ମଧ୍ୟରୁ DHE (O) 5 ଜଣ କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ relieve ନ କରିବା ସତ୍ୟ କି ; ଏହି ସମ୍ବନ୍ଧରେ Department Lt. No.37520/HE dtd.23.09.24 ଓ Lt. No.65492/HE dtd.01.12.25 ଓ UDNO-285 dtd.22.11.23/SAQ. No.120 dtd.26.07.24/UD No.729 dtd.29.10.24, UD No.71 dtd.14.02.25 ଓ UD No.688 dtd.19.09.25 ପତ୍ରାଳପ ଓ ବିଧାନସବାର ଉତ୍ତର ସାମଞ୍ଜସ୍ୟ ଥିବାରୁ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ପାଠ୍ୟ ଖସଡ଼ା ଓ ପାଠ୍ୟକ୍ରମ କରାଯିବା ସମ୍ପର୍କରେ

686 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାର ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଥିବା ଅବସରରେ ପ୍ରାଥମିକ ସ୍ତରଠାରୁ ଉଚ୍ଚତର ବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ନୂତନ ପାଠ୍ୟ ଖସଡ଼ା ଓ ପାଠ୍ୟକ୍ରମ ପ୍ରଚଳନ ପାଇଁ କି ବ୍ୟବସ୍ଥା କରାଯାଉଛି ?

----

## ଅଧ୍ୟାପକମାନଙ୍କୁ ବେତନ ପ୍ରଦାନ ସମ୍ପର୍କରେ

687 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ସେଲ୍ଫ ଫାଇନାନ୍ସିଙ୍ଗ ମୋଡରେ କେତୋଟି କଲେଜ ଚାଲୁଅଛି, ସେହି ପାଠ୍ୟକ୍ରମରେ ନିୟୋଜିତ ଅଧ୍ୟାପକମାନଙ୍କୁ ଉଚିତ ହାରରେ ବେତନ ପ୍ରଦାନ ସହ ଏହି ପାଠ୍ୟକ୍ରମ ଶିକ୍ଷାଦାନରେ ଗୁଣବତ୍ତା ରକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗୋଦାବରିଶ ବିଦ୍ୟାଳୟ ପାଇଁ ଅର୍ଥ ମଞ୍ଜୁର

688 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରିଶ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ପାଇଁ ସରକାର ଯେଉଁ ଘୋଷଣା କରିଥିଲେ, ତାହାକୁ କାର୍ଯ୍ୟକାରୀ କରିଛନ୍ତି କି; ଆଜିସୁଦ୍ଧା ରାଜ୍ୟର କେଉଁ ଜିଲ୍ଲାରେ କେତୋଟି ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ପାଇଁ ମୋଟ କେତେ ଟଙ୍କା ମଞ୍ଜୁର ହୋଇଛି ଏବଂ ସେଥିମଧ୍ୟରୁ କେତୋଟି ବିଦ୍ୟାଳୟରେ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ତାହାର ବ୍ଲକୱାରି ତାଲିକା ପ୍ରଦାନ କରିବେ କି; ବାଲେଶ୍ୱର ଜିଲ୍ଲାର ଆମ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ମନୋନୀତ ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ କେଉଁ ବିଦ୍ୟାଳୟ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି ?

----

## ପିଏମଶ୍ରୀ ସ୍କୁଲ କାର୍ଯ୍ୟକାରୀ

689 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏଯାଏ କେତୋଟି ପିଏମଶ୍ରୀ ସ୍କୁଲ କାର୍ଯ୍ୟକାରୀ ହୋଇଛି, ୨୦୨୫-୨୬ ଶିକ୍ଷାବର୍ଷ ପର୍ଯ୍ୟନ୍ତ ଏହାର ତାଲିକା ପ୍ରଦାନ କରିବେ କି; ଏହିସବୁ ପିଏମଶ୍ରୀ ସ୍କୁଲକୁ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା କରି ଅନୁଦାନ ଆସିଛି ଏବଂ ସେଥିରୁ ସ୍କୁଲ ଗୁଡ଼ିକ କେତେ ଟଙ୍କା କେଉଁ ବାବଦକୁ ଖର୍ଚ୍ଚ କରିଛନ୍ତି, ତାହାର ପିଏମଶ୍ରୀ ସ୍କୁଲୱାରି ତାଲିକା ପ୍ରଦାନ କରିବେ କି; ପିଏମଶ୍ରୀ ସ୍କୁଲକୁ ଆସିଥିବା ଅନୁଦାନ ରାଶିରେ କୌଣସି ସ୍କୁଲରେ ନୂତନ ଶ୍ରେଣୀଗୃହ ନିର୍ମାଣ କରିବାର ପ୍ରାବଧାନ ରହିଛି କି ?

----

### ବର୍ଦ୍ଧିତ ଭତ୍ତା ପାଇବାକୁ ଥିବା ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ

690 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏବେସୁଦ୍ଧା ୮୦ ବର୍ଷରୁ ଅଧିକ କେତେ ଜଣ ବରିଷ୍ଠ ନାଗରିକ ଏବଂ ୮୦% ରୁ ଅଧିକ ଅକ୍ଷମତା ଥିବା କେତେ ଜଣ ଭିନ୍ନକ୍ଷମ ବ୍ୟକ୍ତି ମାସକୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି, ତାହାର ଜିଲ୍ଲା ଓ ବ୍ଲକୱାରି ସଂଖ୍ୟା ପ୍ରଦାନ କରିବେ କି; ଏହି ବଞ୍ଚିତ ବ୍ୟକ୍ତିମାନେ କେଉଁ ବର୍ଷ କେଉଁ ମାସ ସୁଦ୍ଧା ସେମାନଙ୍କ ବର୍ଦ୍ଧିତ ଭତ୍ତା ପାଇବେ ?

----

### ୩୫୦୦ ଟଙ୍କା ଭତ୍ତା ପାଇବା ପାଇଁ ଚୟନ

691 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କଟକ ଜିଲ୍ଲାର ମୋଟ କେତେ ହିତାଧିକାରୀ ୮୦ ବର୍ଷିୟା ବାର୍ଦ୍ଧକ୍ୟ /୮୦% ବିକଳାଙ୍ଗ, ବିଧବା / ନିରାଶ୍ରୟ କେଉଁ ବ୍ଲକରୁ କେତେ ଭତ୍ତା ପାଉଛନ୍ତି ଏବଂ କେଉଁଠାରେ କେତେ ନୂତନ ଭତ୍ତା ପାଇବା ପାଇଁ ଆବେଦନ କରିଛନ୍ତି ତାର ବ୍ଲକ୍‌ରୀ ତାଲିକା ସେବାସହ ସେମାନଙ୍କୁ କେବେସୁଦ୍ଧା ନୂତନ ଭତ୍ତା ପ୍ରଦାନ କରାଯିବ ତାହା ନିର୍ଦ୍ଦିଷ୍ଟଭାବେ ଜଣାଇବେ କି ; ଏବଂ (ଖ) ୩୫୦୦ଟଙ୍କା ଭତ୍ତା ପାଇବା ପାଇଁ କେଉଁମାନେ ଚୟନ ହୋଇଥାନ୍ତି ଏବଂ ଏହାର ପ୍ରକ୍ରିୟା କ'ଣ ; ଏଥିପାଇଁ ସରକାରଙ୍କ ତରଫରୁ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ତାର ବିଷଦବିବରଣୀ ଉପସ୍ଥାପନା କରିବେ କି; ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ ବ୍ଲକ୍‌ର ଭତ୍ତା କ୍ଷେତ୍ରରେ ଜାଲିଆତି ନେଇ ସରକାରଙ୍କ ନିକଟରେ ଅଭିଯୋଗ ହୋଇଛି, ଏଥିରେ କେଉଁ ଅଧିକାରୀମାନେ ସଂପୃକ୍ତ ଅଛନ୍ତି ଏବଂ ସେମାନଙ୍କ ବିରୁଦ୍ଧରେ ବିଭାଗ ତରଫରୁ କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

### କଟକ ଜିଲ୍ଲାରେ ଗୋଦାବରିଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ

692 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୨ ଜାନୁଆରୀ ୨୦୨୫ ରେ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ମଧ୍ୟରେ ୬,୭୯୪ ଗୋଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଏଥିପାଇଁ ମୋଟ କେତେ ଟାଙ୍କ ଖର୍ଚ୍ଚ ହେବ ଏବଂ ପ୍ରତ୍ୟେକ ପ୍ରକଳ୍ପର ମୂଲ୍ୟ କେତେ ରହିବ ଜଣାଇବା ସହ, (ଖ) ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ କେତେ ଟଙ୍କାର ପ୍ରାବଧାନ ହୋଇଛି ଏବଂ ଏହି ପ୍ରାବାଧିତ ଅର୍ଥରୁ ଅଦ୍ୟାବଧି ଯେତେଗୋଟି ପଂଚାୟତରେ ହିଁ ସ୍କୁଲ ନିର୍ମାଣ ଆରମ୍ଭ ହୋଇଛି; ଯଦି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ତେବେ ଏହାର ଜିଲ୍ଲା-ୱାରୀ ତାଲିକା ପ୍ରଦାନ କରିବେ କି; ଯଦି ଆରମ୍ଭ ହୋଇ ନାହିଁ, ତେବେ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ଆରମ୍ଭ ହୋଇ ପାରିବ କି; ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କେତେଗୋଟି ସ୍କୁଲ ଏହି ଯୋଜନାରେ ନିର୍ମାଣ କରିବା ପାଇଁ ସରକାର ଚୂଡାନ୍ତ କରିଛନ୍ତି, ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି; କଟକ ଜିଲ୍ଲାର କେଉଁ ବ୍ଲକ୍‌ରେ କେତୋଟି, କେଉଁଠାରେ ଗୋଦାବରିଶ ବିଦ୍ୟାଳୟର କେତୋଟି ଶିଳାନ୍ୟାସ ହୋଇଛି ଏବଂ ଏଗୁଡିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ତାର ବ୍ଲକୱାରୀ ତାଲିକା ଦେବେ କି; ସେହିପରି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ ଶୌଚାଳୟ ଓ ରୋଷେଇ ଘର ଅଦ୍ୟାବଧି କେତେ ବିଦ୍ୟାଳୟଗୁଡିକରେ ଅଛି ଏବଂ କେତୋଟିରେ ଅଦ୍ୟାବଧି ହୋଇନାହିଁ ତାର ବ୍ଲକ୍‌ୱାରୀ ତାଲିକା ସେବାସହ ଯେଉଁ ସ୍କୁଲ ଗୁଡିକରେ ନାହିଁ ସେଗୁଡିକ କେବେ ସୁଦ୍ଧା କରାଯିବ ?

----

### OBC ମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ମିଳିବା

693 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଅଦ୍ୟାବଧି ପଛୁଆବର୍ଗ (OBC) ମାନଙ୍କୁ ଶିକ୍ଷା କ୍ଷେତ୍ରରେ କେତେ ପ୍ରତିଶତ ସଂରକ୍ଷଣ ମିଳୁଛି, ସେହିପରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ପିଲାମାନେ ଉଚ୍ଚଶିକ୍ଷା ଯଥା- ମେଡିକାଲ ଓ ଇଞ୍ଜିନିୟରିଙ୍ଗ ପାଇଁ କେତେ ପ୍ରତିଶତ ସଂରକ୍ଷଣ ରହିଛି ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ; ଏବଂ (ଖ) ରାଜ୍ୟରେ ପଛୁଆ ବର୍ଗଙ୍କୁ ଚାକିରୀ କ୍ଷେତ୍ରରେ କେବେ ସୁଦ୍ଧା ୨୭% ସଂରକ୍ଷଣ ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ଜଣାଇବେ କି; ସରକାରଙ୍କ ଘୋଷଣା ଏବଂ ଆଶ୍ୱାସନା ଅନୁସାରେ ରାଜ୍ୟର ମେଡିକାଲ, ଇଂଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନର ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି, ଚଳିତ ଶିକ୍ଷା ବର୍ଷରେ କେତେଜଣ ପଛୁଆ ବର୍ଗ ଛାତ୍ରଛାତ୍ରୀ ସଂରକ୍ଷଣ ସୁବିଧାରେ admission କରିଛନ୍ତି; ଆଗାମୀ ଶିକ୍ଷାବର୍ଷରେ ସରକାର ବୈଷୟିକ ଶିକ୍ଷାନୁଷ୍ଠାନରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ସୁନିଶ୍ଚିତ କରିବେ କି?

----

### Establishing local Exam Centre in Balangir for all competitive exam

694 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In Balangir district, most competitive and state-government exams are held in Bhubaneswar, Sambalpur, and other cities, causing students to incur additional time, travel, and financial burdens. 1. Is there a possibility of establishing local exam centers in Balangir for all competitive and government examinations? 2. What steps has the government taken to decentralize exam centers and enhance student convenience? How many students are expected to directly benefit from such measures? What is the government's implementation plan and timeline to ensure that future exams are conducted locally in Balangir?

----

## Repair and renovation works in Government high schools

695 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government clarify the current status of repair and renovation works in Government high schools of Balangir District and by when the pending projects under various schemes such as Mo School and High School Transformation will be completed, will the Government state the steps being taken to reduce student dropout rates in Balangir District, especially in tribal and remote areas and whether special interventions such as bridge courses, transportation support or residential schooling are being implemented ?

----

## Implementation of schemes like Post-Matric Scholarship

696 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What steps is the Government taking in 2025 to promote skill development, self-employment and entrepreneurship among ST, SC, minority and backward class youth in Balangir district, is the implementation of schemes like Post-Matric Scholarship, Tribal Sub-Plan and Backward Class Welfare being effectively monitored, and what are the outcomes so fa, will additionally training centers, vocational institutes or financial support programs be established to reduce unemployment, has the Government identified gaps in health, education and social welfare services for these communities and what corrective measures are planned ?

----

## ଶିକ୍ଷ ସଂସ୍ଥାରେ କାର୍ଯ୍ୟରତ ଓଡ଼ିଆ କର୍ମଚାରୀ

697 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ବର୍ତ୍ତମାନ ସୁଧା କେଉଁ ଶିକ୍ଷରେ କେତେ "Manpower "କାମ କରୁଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ;ଏବଂ କେତେଜଣ ଓଡ଼ିଆ କର୍ମଚାରୀ ଏବଂ କେତେଜଣ ଅଣଓଡ଼ିଆ କର୍ମଚାରୀ କାମ କରୁଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?**ଛାତ୍ରଛାତ୍ରୀ ତୁ**

----

## ଛାତ୍ରଛାତ୍ରୀ ତୁଳନାରେ ଶ୍ରେଣୀଗୃହ ନିର୍ମାଣ

698 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରାଥମିକ ବିଦ୍ୟାଳୟ( Primary School) ରେ ଗୋଟିଏ ଶ୍ରେଣୀଗୃହ ପାଇଁ କେତେ ପିଲା ଆବଶ୍ୟକତା ରହିବା କଥା, ତାହା ଜଣେଇବେ କି ; ପ୍ରାଥମିକ ବିଦ୍ୟାଳୟରେ ଯଥେଷ୍ଟ ଶ୍ରେଣୀଗୃହ ନଥିବା କାରଣରୁ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାର ସମସ୍ୟା ସରକାର ଅବଗତ ଅଛନ୍ତି କି ;ଏଥିପ୍ରତି ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି କି ?

----

## ଜଗତସିଂହପୁର ଜିଲ୍ଲାରେ ବନ୍ଦ ହୋଇଥିବା ବିଦ୍ୟାଳୟ

୬୨୨ **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଜଗତସିଂହପୁର ଜିଲ୍ଲାରେ କେତୋଟି ବିଦ୍ୟାଳୟ ବର୍ତ୍ତମାନ ସୁଧା ବନ୍ଦ ହୋଇରହିଛି, ତାହାର ବ୍ଲକୱାରୀ ପ୍ରଦାନ କରିବେ କି, ଏବଂ ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡ଼ିକ ବ୍ୟବହାର ନହେବା ଯୋଗୁଁ ଖରାପ ହେଉଥିବାର ସମସ୍ୟା ସରକାର ଜାଣନ୍ତି କି, ଏବଂ ଏଥିପ୍ରତି ଦୃଷ୍ଟି ଦେବାସହିତ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଉତ୍କଳ ବିଶ୍ୱ ବିଦ୍ୟାଳୟକୁ ବିଶ୍ୱସ୍ତରିୟମାନ ବୃଦ୍ଧି

700 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ରାଜ୍ୟରେ କେଉଁ ବିଶ୍ୱ ବିଦ୍ୟାଳୟ କେଉଁ ସ୍ତରକୁ ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ଉଚ୍ଚତର ମାନ ସୃଷ୍ଟି କରିଛନ୍ତି, ସରକାର ଏହାର ନିର୍ଦ୍ଦିଷ୍ଟ ତଥ୍ୟ ଉପସ୍ଥାପନ କରିବେ କି, ରାଜ୍ୟରେ ପ୍ରତିଷ୍ଠିତ ସର୍ବ ପୁରାତନ ବିଶ୍ୱ ବିଦ୍ୟାଳୟ, ଉତ୍କଳ ବିଶ୍ୱ ବିଦ୍ୟାଳୟକୁ ବିଶ୍ୱ ସ୍ତରୀୟ ମାନ ବୃଦ୍ଧି ସକାଶେ ସରକାର କୌଣସି ଯୋଜନା ପ୍ରଣୟନ କରିବେ କି ?

----

## ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ

701 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ କେତେ ଶିକ୍ଷକ ପଦ ଖାଲିଅଛି, ଏହା ପୁରଣ ସକାଶେ ସରକାର ଯୋଜନା, ରୂପାୟନ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, (ଖ) Rationalisation ଯୋଜନାରେ କେଉଁ ଜିଲ୍ଲାରେ କେତେ ବଳକା ଶିକ୍ଷକଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି, କେଉଁ ଜିଲ୍ଲାରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ rationalisation କାର୍ଯ୍ୟକାରୀ କରାଗଲାନାହିଁ, ଏହାର କାରଣ କଣ ଓ କେବେ ପଦକ୍ଷେପ ନିଆଯିବ ?

----

## ଖାଲିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ

702 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଓଡିଶା ଶିକ୍ଷାସେବା-ବର୍ଗ-1, ବର୍ଗ-2 ଓ Sr. SES ପ୍ରଧାନ ଶିକ୍ଷକ ପଦବୀରୁ କେତେ ପଦବୀ ଖାଲିଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେସ୍‌ର ଆଧୁନିକୀକରଣ

703 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ବିଗତ ତିନି ବର୍ଷରେ କେତେ ପରିମାଣର ଛାପା କାର୍ଯ୍ୟ ଘରୋଇ ପ୍ରେସ୍‌ରେ କରାଯାଇ କେତେ ଅର୍ଥ ପ୍ରଦାନ କରାଯାଇଛି, ପ୍ରକାଶ କରି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେସ୍‌ର ଆଧୁନିକୀକରଣ ଓ ଯନ୍ତ୍ରାଂଶ କିଣିବା ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ଓ ଏହି ପ୍ରେସ୍‌ରେ ସମସ୍ତ ଛାପା କାର୍ଯ୍ୟ ସମ୍ପାଦନ ହେବାରେ କ'ଣ ଅସୁବିଧା ଥିବାରୁ ବାହାର ପ୍ରେସ୍‌ରେ ଛାପା କାର୍ଯ୍ୟ କରାଯାଉଛି, ତାହାର ତଦନ୍ତ କରି ବିଶ୍ୱ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ନିଜସ୍ୱ ପ୍ରେସ୍‌ରେ ମୁଦ୍ରଣ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପ୍ରାଚୀନ ଲୋକକଳାର ସୁରକ୍ଷା

704 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର ଆଧ୍ୟାତ୍ମିକ ପ୍ରାଚୀନ ଲୋକକଳା ଲଉଡ଼ିର ସୁରକ୍ଷା, ବକାଶ ଓ ଗବେଷଣା ସହିତ ଏହାକୁ ଜନମାନସରେ ପ୍ରତିଫଳିତ କରିବା ପାଇଁ ବିଗତ ତିନି ବର୍ଷରେ କେଉଁ କେଉଁ ମାନ୍ୟବର ବିଧାୟକ କେତେ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବ ତଥା ନିର୍ଦ୍ଦେଶକଙ୍କୁ ପତ୍ର ମାଧ୍ୟମରେ ଓ ଇ-ମେଲ୍ ମାଧ୍ୟମରେ ଅବଗତ କରିଛନ୍ତି, ତାଙ୍କ ପତ୍ରକୁ ତର୍ଜମା କରି ଲଉଡ଼ିର ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି, ଭୁବନେଶ୍ୱରକୁ ଆସୁଥିବା ଅତିଥିମାନଙ୍କ ସ୍ୱାଗତ ପାଇଁ ବିଗତ ତିନି ବର୍ଷରେ କେତେଗୋଟି ଲଉଡ଼ି ଦଳକୁ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ସୁଯୋଗ ଦେଇ କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ସି.ଟି.ଏମ୍.ଏସ୍.ରେ ଅଧିକ ସଂଖ୍ୟକ ଲଉଡ଼ି ଦଳକୁ ସାମିଲ୍ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## କଟକ ସଦର ନିର୍ବାଚନ ମଣ୍ଡଳୀରେ ଭବ୍ୟ ସଂସ୍କୃତି ଭବନ ନିର୍ମାଣ

705 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସଦରରେ ଥିବା ସଂକୀର୍ତ୍ତନ ମଣ୍ଡଳୀ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର କେଉଁ ସହାୟତା ପ୍ରଦାନ କରୁଛନ୍ତି, ୨୦୨୫ ବର୍ଷରେ ସଦରର କେତେଜଣ କଳାକାରଙ୍କୁ 'କଳାକାର ଭତ୍ତା' ପ୍ରଦାନ କରାଯାଇଛି, କଟକ ସଦର ନିର୍ବାଚନ ମଣ୍ଡଳୀରେ ଏକ ଭବ୍ୟ 'ସଂସ୍କୃତି ଭବନ' ବା ପ୍ରେକ୍ଷାଳୟ ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ସରକାରୀ ITI ରେ AI, ରୋବୋଟିକ୍ସ ପାଠ୍ୟ ପ୍ରଚଳନ

706 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସଦର ବିଧାନସଭା ଅଧିନରେ ଥିବା ସରକାରୀ ଆଇ.ଟି.ଆଇ. (ITI) କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ନୂତନ ଯୁଗର କୋର୍ସ ଯଥା- AI, ରୋବୋଟିକ୍ସ ଏବଂ ଡ୍ରୋନ୍ ଟେକ୍ନୋଲୋଜି ପ୍ରଚଳନ କରିବା ପାଇଁ କଣ ପଦକ୍ଷେପ ନିଆଯାଉଛି, ଶିଳ୍ପ ସଂସ୍ଥାଗୁଡିକ ସହିତ ମିଳିତ ଭାବେ କଟକ ସଦରର ଯୁବକଯୁବତୀଙ୍କ ପାଇଁ କୌଣସି 'କ୍ୟାମ୍ପସ ପ୍ଲେସମେଣ୍ଟ' ବା ନିଯୁକ୍ତି ମେଳାର ଆୟୋଜନ କରାଯାଇଛି କି ?

----

## ଖେଳପଡିଆ ବିକାଶ ପାଇଁ ଅର୍ଥ ବ୍ୟୟ

707 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଥିବା କେଉଁ କେଉଁ ଗ୍ରାମ ପଞ୍ଚାୟତରେ ସରକାରଙ୍କ ତରଫରୁ ଖେଳ ପଡି଼ା ବିକାଶ ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଛି ଓ ଯେଉଁ ଗ୍ରାମ ପଞ୍ଚାୟତରେ ଖେଳ ପଡିଆ ନାହିଁ ସେଠାରେ ଖେଳ ପଡିଆ ବିକଶିତ କରିବା ପାଇଁ ପଦକ୍ଷେପ ନେବେ କି ?

----

## 3500 ଟଙ୍କା ଭତ୍ତା ପାଉଥିବା ବ୍ୟକ୍ତି

708 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାକାଳପଡା ନିର୍ବାଚନ ମଣ୍ଡଳୀରେ କେତେଜଣ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ଟ.3500 ବାର୍ଦ୍ଧକ୍ୟ ଭତ୍ତା (Old Age Pension) ପାଉଛନ୍ତି ତା'ର ଏକ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି ?

----

## ପ୍ରକଳ୍ପ କାର୍ଯ୍ୟ ପାଇଁ ଅଗ୍ରୀମ ଅର୍ଥ ପ୍ରଦାନ

709 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ କାର୍ଯ୍ୟରତ ଯନ୍ତ୍ରୀ ମାନଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ ଅଦ୍ୟାବଧି କେତେ ଅର୍ଥ ଅଗ୍ରୀମ ଭାବରେ ପ୍ରଦାନ ସକରାଯାଇଛି, ଏହି ଅଗ୍ରୀମ ଅର୍ଥ ବାବଦରେ କେତେ ଅଗ୍ରୀମ ଭାବରେ ପ୍ରଦାନ କରାଯାଇଛି, ଏହି ଅଗ୍ରୀମ ଅର୍ଥ ବାବଦରେ କେତେ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇ ଆବଶ୍ୟକ ଭାଉଚର ପ୍ରଦାନ ହୋଇଛି, ବକେୟା ଅର୍ଥର ବିନିଯୋଗ ପତ୍ର ତୁରନ୍ତ ଆହରଣ ଅଥବା ଅଗ୍ରୀମ ଅର୍ଥ ଫେରସ୍ତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖାଲିଥିବା ବିଜ୍ଞାନ ଓ ଗଣିତ ଶିକ୍ଷକ ପଦବୀ ପୂରଣ

710 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସରକାରଙ୍କ ତରଫରୁ କେଉଁ ଉଚ୍ଚ ବିଦ୍ୟାଳୟ ଗୁଡିକ ଗଢି ଉଠିଛି, ସେଥିରେ ଗଣିତ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ବହୁ ବିଦ୍ୟାଳୟରେ ନଥିବା ନେଇ ଛାତ୍ର/ଛାତ୍ରୀ ସହିତ ଅବିଭାବକମାନେ ଅଭିଯୋଗ କରୁଛନ୍ତି। ତେଣୁ କେତୋଟି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଓ ଗଣିତ ଶିକ୍ଷକ ନାହାନ୍ତି ତାହାର ସବିଶେଷ ତଥ୍ୟ ଦେବା ସଙ୍ଗେ ସଙ୍ଗେ ଯଥା ଶିଘ୍ର ଉପରୋକ୍ତ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ମହାବିଦ୍ୟାଳୟରେ ଖାଲିଥିବା ପ୍ରଫେସର ପଦବୀ ପୂରଣ

711 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସରକାରୀ ଓ ବେସରକାରୀ ମହା ବିଦ୍ୟାଳୟ କେତେ ଗୋଟି ଅଛି, ସେଥିରେ ବିଭାଗ ୱାରି ପ୍ରଫେସର ଓ ସହାୟକ ପ୍ରଫେସର ପଦବୀ ନଥିବବା ନେଇ ଜନ ସାଧାରଣଙ୍କ ତରଫରୁ ବହୁ ଅଭିଯୋଗ ଆସୁଅଛି, ଉକ୍ତ ଅଭିଯୋଗକୁ ଭିଭିକରି ପ୍ରଫେସର ଓ ସହାୟକ ପ୍ରଫେସର ବିଭାଗ ୱାରି ନିଯୁକ୍ତ କରିବାର ସୁ ବ୍ୟବସ୍ଥା କଲେ ଛାତ୍ର/ଛାତ୍ରୀ ଉପକୃତ ହେବା ସଙ୍ଗେ ସଙ୍ଗେ ଜନ ଅସନ୍ତୁଷ୍ଟ ଦୂର ହୋଇ ପାରିବ, ତେଣୁ ଉପରୋକ୍ତ ପଦବୀ ଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ?

----

## କେନ୍ଦୁଝର ଜିଲ୍ଲାରେ ବୃହତ ଶିଳ୍ପ ପ୍ରତିଷ୍ଠା

712 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଖଣି ନିଗମ(OMC)ର କେନ୍ଦୁଝର ଜିଲ୍ଲାରେ ଅନେକ ବୃହତ ଲୌହ ପଥର ଖଣି ଅଛି ଏବଂ ରାଜ୍ୟରେ OMC. ନିଗମର ମଧ୍ୟ ଅନେକ ପ୍ରକାର ଖଣି ଅଛି । ଉକ୍ତ ଲୌହ ପଥର ଖଣିକୁ ଭିତିକରି କେନ୍ଦୁଝର ଜିଲ୍ଲାରେ କିମ୍ବା ରାଜ୍ୟରେ କୌଣସି ଶିଳ୍ପ ପ୍ରତିଷ୍ଠା କରି ନଥିବାରୁ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଅଛି । ତେଣୁ ଓଡ଼ିଶା ଖଣି ନିଗମ(OMC) କେନ୍ଦୁଝର ଜିଲାରେ ବୃହତ ଶିଳ୍ପ କରିବା ପାଇଁ ସରକାର ନିଗମକୁ ପରାମର୍ଶ ଦେବେ କି ?

----

## ଅବସର ପରେ ନୂତନ ନିଯୁକ୍ତି

713 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଆରେ ବର୍ଷ ଅନୁଯାଇ elementary ଏବଂ secondaryରେ କେତେ ଶିକ୍ଷକ ଅବସର ହେଉଥିମବା ବେଳେ କେତେ ନୂତନ ନିଯୁକ୍ତି ପାଉଛନ୍ତି ୫ବର୍ଷର ବର୍ଷ ୱାରି ପରିସଂଖ୍ୟାନ ଓ ଶତକଡା statics ପ୍ରଦାନ କରିବେ କି, ବିଭାଗ ପକ୍ଷରୁ elementaryରେ ଶେଷ ନିଯୁକ୍ତି କେବେ ଓ କେତେ ଦିଆଯାଇଥିଲା, Elementary ହେଉ ବା Schematicରେ ପ୍ରତେକ ବର୍ଷ ବା ୨ ବର୍ଷକୁ ଥରେ ନିଯୁକ୍ତି ନହେବାର କାରଣ କଣ, ଏଦିଗରେ ସରକାର ବିଚାର କରିବେ କି ?

----

## Dropout ସଂଖ୍ୟା

714 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବର୍ଗ ଅନୁଯାଇ ସ୍କୁଲ Dropout statics ଓ ପରିସଂଖ୍ୟାନ କେତେ, ନୂଆ ସରକାର ଗଠନ ହେବା ପରେ Dropout କମିଛି କି ନାହିଁ, ବିଗତ ୫ବର୍ଷ ଅନୁଯାୟୀ Dropout ତଥ୍ୟ ପ୍ରଦାନ କରିବେ କି, ଏହି ମର୍ମରେ ବାଲେଶ୍ଵର ସଦର ନିର୍ବାଚନ ମଣ୍ଡଳୀର ପରିସଂଖ୍ୟାନ ସ୍କୁଲ ୱାରି ପ୍ରଦାନ କରିବା ସହ ratio କମେଇବା ପାଇଁ ସରକାର ବାଲେଶ୍ଵରରେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି କହିବେ କି ?

----

## ଦିବ୍ୟାଙ୍ଗ Certificate ପାଇବାରେ ବିଳମ୍ବ

715 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ UDID ଦିବ୍ୟାଙ୍ଗ Certificate ପାଇଁ ଅନଲାଇନ ଆବେଦନ ଓ ମେଡିକାଲ ବୋର୍ଡରେ ଦେଖାଇ ଅଦ୍ୟାବଧି Certificate ପାଇବା ପାଇଁ ଅପେକ୍ଷା କରିଥିବା ହିତାଧ୍ୟାକାରୀ ସଂଖ୍ୟା କେତେ, ବାଲେଶ୍ଵର ଜିଲ୍ଲାର ବ୍ଲକ ୱାରି ଆବେଦନ । ଡାକ୍ତର ଦେଖା ତଥ୍ୟ ସହ ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଜିଲ୍ଲାରେ ଗୋଟିଏ ମାତ୍ର ID ରୁ ଦିବ୍ୟାଙ୍ଗ Certificate generate ହେଉଥି ବାରୁ ବର୍ଷ ବର୍ଷ ଧରି ଶହ ଶହ ଲୋକେ Certificate ଆବେଦନ କରି ପାଇପାରୁନାହାନ୍ତି, ଏଦିଗରେ ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବେ କି ?

----

## କମ୍ପୁଟର ଶିକ୍ଷା ପାଇଁ କମ୍ପୁଟର ଯୋଗାଣ

716 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାର ଉଚ୍ଚ ବିଦ୍ୟାଳୟରେ କମ୍ପୁଟର ଶିକ୍ଷା ପାଇଁ କେତୋଟି ଲେଖାଏଁ କମ୍ପୁଟର ଦିଆଯାଇଛି,ବିନା କମ୍ପ୍ୟୁଟର ପ୍ରଶିକ୍ଷକ ସ୍କୁଲରେ କମ୍ପ୍ୟୁଟର ଯୋଗାଇବା ଅର୍ଥ କଣ; ବର୍ତ୍ତମାନ କେତେ ଜଣ କମ୍ପ୍ୟୁଟର ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି, କେତେ ଟିକେ ଶିକ୍ଷକ ନାହାନ୍ତି, ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ପାଠ୍ୟକ୍ରମର ତଥ୍ୟ ପ୍ରଦାନ କରିବେ; କେବେ ସୁଦ୍ଧା ବଳକା ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦେବେ ?

----

## କୋରାପୁଟ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର

717 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୫ବର୍ଷରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି କି ମନ୍ତ୍ରୀ, ବିଧାୟକ ଔ ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପର ବର୍ଷା ବୀରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ

718 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଡ଼ଚଣା ଏବଂ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ବର୍ତ୍ତମାନ କେତେ ସଂଖ୍ୟକ ଶିକ୍ଷକ-ଶିକ୍ଷୟିତ୍ରୀ ପଦ ଖାଲି ଅଛି ଏବଂ ସେହି ଖାଲି ପଦ ଗୁଡ଼ିକ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, (ଖ) ବିଗତ ତିନି ବର୍ଷ ମଧ୍ୟରେ ରାଜ୍ୟର ଆଦର୍ଶ ବିଦ୍ୟାଳୟ ଗୁଡ଼ିକରୁ କେତେ ଛାତ୍ରଛାତ୍ରୀ ଜାତୀୟ ସ୍ତରୀୟ ପ୍ରତିଯୋଗିତା ମୂଳକ ପରୀକ୍ଷା (NEET/JEE)ରେ ସଫଳତା ପାଇଛନ୍ତି, ସେମାନଙ୍କୁ ସ୍ୱତନ୍ତ୍ର କୋଚିଂ ପ୍ରଦାନ ପାଇଁ ସରକାର କୌଣସି ନୂତନ ଯୋଜନା କରୁଛନ୍ତି କି?

----

## ନୂତନ Sports Hostel ନିର୍ମାଣ

719 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ଓ ଭାପୁର ବ୍ଲକ ତଥା ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ କ୍ରୀଡା କ୍ଷେତ୍ରରେ ବିକାଶ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ସର୍ବୋପରି ଏହି ନିର୍ବାଚନ ମଣ୍ଡଳୀରେ ଏକ ସ୍ପୋର୍ଟସ୍ ହଷ୍ଟେଲ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି ?

----

## କେନ୍ଦ୍ରାପଡାର ମହାକାଳପଡା ଠାରେ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ସମ୍ପର୍କରେ

720 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡାର ମହାକାଳପଡା ଠାରେ ନିର୍ମାଣାଧିନ ବୃହତ୍ତ ଇସ୍ପାତ କାରଖାନାର ସ୍ଥିତି କ'ଣ ଓ ଆର୍ସେଲେଲ-ମିତ୍ତଲ କମ୍ପାନୀ ସହ ରାଜ୍ୟ ସରକାରଙ୍କ ସ୍ୱାକ୍ଷରିତ ଚୁକ୍ତିନାମାର ତଥ୍ୟ ସହ କେବେସୁଦ୍ଧା ଏହି ପ୍ରକଳ୍ପ ଉତ୍ପାଦନକ୍ଷମ ହେବ ?

----

## ବେସରକାରୀ ସ୍କୁଲ ଗୁଡିକରେ ଅତ୍ୟଧିକ ଫି ବୃଦ୍ଧି

721 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ବେସରକାରୀ ସ୍କୁଲ ଗୁଡିକ ପ୍ରତ୍ୟେକ ବର୍ଷ ଅପ୍ରତ୍ୟାଶିତ ଭାବରେ ଅତ୍ୟଧିକ ଫି ବୃଦ୍ଧି କରି ଅଭିଭାବକ ମାନଙ୍କ ଉପରେ ଆର୍ଥିକ ବୋଝ ବଢାଉଥିବା କଥା ସରକାରଙ୍କ ନଜରକୁ ଆସିଛି କି, ଯଦି ଏହା ସତ୍ୟ ତେବେ ଏହି ଫି ବୃଦ୍ଧି କରିବା ପୂର୍ବରୁ ସରକାରୀ ସ୍ତରରେ ଅନୁମୋଦନ ଆବଶ୍ୟକ କରାଇବା ପାଇଁ ସରକାର ଏକ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରିବା ସଙ୍ଗେ ସଙ୍ଗେ ଯେତିକି ଫି ବୃଦ୍ଧି କରିବା ଯୁକ୍ତିଯୁକ୍ତ ତାହାକୁ ଧାର୍ଯ୍ୟ କରିବା ସହ ଏହାକୁ ନିରୀକ୍ଷଣ କରିବା ପାଇଁ କ'ଣ ପଦକ୍ଷେପ ନେବେ ?

----

## ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ

722 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- NEP 2020 ରେ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଥିଲାବେଳେ ଦୀର୍ଘ 10 ବର୍ଷ ଧରି ନିରନ୍ତର ଶିକ୍ଷାଦାନ କରିଆସୁଥିବା Vocational (Trainer) Teacher ମାନଙ୍କର ଚାକିରୀ ସୁରକ୍ଷା ପ୍ରତି କ'ଣ ପଦକ୍ଷେପ ନିଆଯାଇଛି ?

----

## ମହାବିଦ୍ୟାଳୟକୁ ଅନୁଦାନ ଦେବା

723 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ଅନୁଦାନ ପାଇନଥିବା ବିଭିନ୍ନ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ଦେବାର ବ୍ୟବସ୍ଥା ସରକାରଙ୍କର ଅଛି କି, ଯଦି 'ହଁ', ତେବେ ସରକାର କେଉଁ ମସିହା ପର୍ଯ୍ୟନ୍ତ ଅନୁଦାନ ଦେବାପାଇଁ ସ୍ଥିର କରିଛନ୍ତି ?

----

## ଯୁବନିତୀ 2013 ର କାର୍ଯ୍ୟକାରୀତା ସମ୍ପର୍କରେ

724 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଯୁବକ ମାନଙ୍କୁ ସଶକ୍ତ କରିବା ପାଇଁ ଓଡିଶା ଯୁବନିତୀ 2013 ଆମ ରାଜ୍ୟରେ କାର୍ଯ୍ୟ କରୁଛି, ଏହି ଯୁବନିତୀ ମାଧ୍ୟମରେ ଯୁବ ସମାଜ କେଉଁ ପ୍ରକାର ସୁବିଧା ଓ ପ୍ରୋତ୍ସାହନ ପାଉଛନ୍ତି ସମ୍ପୂର୍ଣ୍ଣ ତଥ୍ୟ ଦେବେ କି, ସ୍କୁଲ, କଲେଜ ସ୍ତରରେ ଯୁବ ସମାଜକୁ ସ୍ୱତନ୍ତ୍ର ସହଯୋଗ କରାଯାଇଛି କି, ଯଦି 'ହଁ', ସେସବୁର ତଥ୍ୟ ରଖିବେ କି ; (ଖ) ଯୁବନୀତି 2013 ର ସମ୍ପୂର୍ଣ୍ଣ ତଥ୍ୟାବଳୀ ପ୍ରଦାନ କରିବେ କି ?

----

## Dropout ହାର କମାଇବା

725 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ସମସ୍ତ ଗ୍ରାମରେ ଖୋଲାଯାଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ବର୍ତ୍ତମାନ ପ୍ରାୟ ୫୦୦୦ରୁ ଅଧିକ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ଅଭିଯୋଗ ରହିଛିଅ ଏହି ବନ୍ଦ ବିଦ୍ୟାଳୟଗୁଡ଼ିକୁ ପୁନର୍ବାର ଖୋଲିବା ପାଇଁ ସରକାର କୌଣସି ନୀତିଗତ ସିଦ୍ଧାନ୍ତ କିମ୍ବା କାର୍ଯ୍ୟଯୋଜନା ଗ୍ରହଣ କରିଛନ୍ତି କି? ଏଥିସହ, ରାଜ୍ୟରେ ଛାତ୍ରଛାତ୍ରୀଙ୍କ Dropout ହାର କମାଇବା ପାଇଁ ଗୃହୀତ ପଦକ୍ଷେପ ଏବଂ ବିଗତ ବର୍ଷରେ ଜିଲ୍ଲାୱାରି Dropout ହାରର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି ?

----

## ମୁଖ୍ୟମନ୍ତ୍ରୀ ଶିକ୍ଷାବୃତ୍ତି ପ୍ରଦାନ

726 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୁଖ୍ୟମନ୍ତ୍ରୀ ଶିକ୍ଷାବୃତ୍ତି 2024-25 ବର୍ଷ ପାଇଁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇନଥିବା ସତ୍ୟ କି ଓ କେବେସୁଦ୍ଧା ପ୍ରଦାନ କରାଯିବ ?

----

## ଓଡିଆ ଭାଷା ସାହିତ୍ୟ ସହ ଜନଜାତି ଲୋକକଳା ସଂରକ୍ଷଣ

727 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛତିଶଗଡ଼ ରାଜ୍ୟ ସୀମାନ୍ତରେ ଅବସ୍ଥିତ ହିନ୍ଦୀ ପ୍ରଭାବିତ ଧର୍ମଗଡ଼ ଉପଖଣ୍ଡରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସହ ଅନୁସୂଚିତ ଜନଜାତି ର ଲୋକ କଳା ବାଦ୍ୟ ସଙ୍ଗୀତ ଓ ନୃତ୍ୟ ସଂକଟାପର୍ଣ ହେଉଥିବା ସରକାରଙ୍କ ନଜର ରେ ଅଛି କି, ସୀମାନ୍ତ ଅଞ୍ଚଳରେ ହିନ୍ଦୀ ପ୍ରଭାବିତ ସଂସ୍କୃତି କୁ ରୋକ ଲଗାଇବା ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସହ ଅନୂସୂଚିତ ଜନଜାତି ର ଲୋକ କଳା ବାଦ୍ୟ ସଙ୍ଗୀତ ଓ ନୃତ୍ୟ ସଂରକ୍ଷଣ ପାଇଁ ଧର୍ମଗଡ଼ ଠାରେ ସଂସ୍କୃତି କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କ ପଦକ୍ଷେପ ନେବେ କି ?

----

## Newly launched Vides Siksha Bruti Scholarship

728 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What is the current application intake and selection data for the newly launched "Videsh Siksha Brut scholarships for SC/ST postgraduate and PhD aspirants, including gender, income band, and projected placement outcomes ?

----

## 15000 teacher vacancies notified

729 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Will the Government provide details of the 15,000+ teacher vacancies notified in December 2025 across elementary, upper primary, and special education levels including category-wise (SC/ST/SEBC), district distribution, recruitment timelines, and measures to reduce the student-teacher ratio in tribal and rural schools ?

----

## Governing Body ଦ୍ୱାରା ନିଯୁକ୍ତି

730 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- Letter No. 12018 H/RDE, dated 24.09.2014 ଅନୁଯାୟୀ Governing Body ଦ୍ୱାରା ନିଯୁକ୍ତି ପ୍ରଦାନ କରିବା ଉପରେ ସରକାରୀ ନିଷେଧ ଥିବା ସତ୍ତ୍ୱେ, 2014 ପରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ Nilagiri Degree College, Nilagiri Higher Secondary School, Swarnachuda Degree College, Swarnachuda Higher Secondary School ରେ Governing Body କେତେଜଣ କର୍ମଚାରୀ/ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିଛି, ସେମାନଙ୍କ ନାମ, ପଦବୀ, ନିଯୁକ୍ତି ତାରିଖ ଓ ଦରମା ବିବରଣୀ ସରକାର ସଦନକୁ ଦେବେ କି, ସରକାରଙ୍କ ନିଷେଧ ଆଦେଶ ଥିବା ସତ୍ତ୍ୱେ Governing Body କେଉଁ ନିୟମ/ଆଇନ/ସରକାରୀ ଆଦେଶ ଆଧାରରେ ଉପରୋକ୍ତ ନିଯୁକ୍ତିଗୁଡ଼ିକ କରିଥିଲେ ?

----

## ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା

731 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ପାଇଛି କିନ୍ତୁ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ପାଇଥିବା ବେଳେ ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ପାଇପାରି ନାହିଁ, ସରକାର ଏହି ଦିଗରେ କଣ ପଦକ୍ଷେପ ନେଇଛନ୍ତି ?

----

## ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରେ ବିଳମ୍ବ

732 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- ରାଜ୍ୟ ସରକାର ଅକ୍ଷମତା ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ଅକ୍ଷମତାର ପ୍ରତିଶତ ନିଶ୍ଚୟ କରିବା ପାଇଁ ସରକାରଙ୍କର କଣ ନିର୍ଦ୍ଦେଶାବଳୀ କିମ୍ବା ମାର୍ଗଦର୍ଶିକା ଅଛି, ଏବଂ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ନିମନ୍ତେ ବ୍ଲକ ସ୍ତରରେ ଭିନକ୍ଷମ ଶିବିରର ଆୟୋଜନ ମଧ୍ୟ ହେଉଛି କିନ୍ତୁ ପରବର୍ତ୍ତୀ ସମୟରେ ସେହି ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରେ ଅହେତୁକ ବିଳମ୍ୱ ହେବାର ନଜର ଆସୁଛି ଏହାର କାରଣ କଣ, ସରକାର ଏଥି ପାଇଁ କଣ ପଦକ୍ଷେପ ନେଉଛନ୍ତି ?

----

## ବିଦ୍ୟାଳୟରେ ନିମ୍ନମାନର ଅଧ୍ୟାହ୍ନ ଭୋଜନ ଦେବା

733 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- ରାଜ୍ୟରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଦିଆଯାଉଥିରବା ମଧ୍ୟାହ୍ନ ଭୋଜନ ଅତ୍ୟନ୍ତ ନିମ୍ନମାନର / ପରିଚାଳନା ଗାଉଥିରବା ଘଟଣା ସତ୍ୟ କି, ସ୍କୁଲ ପିଲାମାନଙ୍କୁ ଦେବା ପୂର୍ବରୁ ଖାଦ୍ୟର ମାନ ନିୟମିତ ଯାଞ୍ଚ କରାଯାଉଛି କି, ଗତ ଦେଢ଼ ବର୍ଷ ମଧ୍ୟରେ କେତୋଟି ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ଦିଆଯାଉଥିମବା ଘଟଣା ପଦାକୁ ଆସିଛି, ବର୍ତ୍ତମାନ୍ ସୁଦ୍ଧା ସରକାର ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## 5T ଦ୍ୱାରା ସ୍କୁଲର ରୂପାନ୍ତରିକରଣ

734 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଫାଇଭଟି ଅଧୀନରେ କେତୋଟି ସ୍କୁଲର ରୁପାନ୍ତରକରଣ କରାଯାଇଥିଲା ? ଏଥିନପାଇଁ ରାଜକୋଷରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ସ୍କୁଲ ରୁପାନ୍ତରିକରଣ ନା ରେ ଆଖୁଜା ଦୁର୍ନୀତି ହୋଇଥିବା ଘଟଣା ସତ୍ୟ କି, ଏ ଦିଗରେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଦନ୍ତ ନିର୍ଦ୍ଦେଶ ଦେବେ କି ?

----

## ବଦଳି ନିୟମ ପାଳନ

735 **ଶ୍ରୀ ବିଭୂତି ଭୂଷଣ ପ୍ରଧାନ (ପରଜଙ୍ଗ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Inter Director transfer order No. 7251, dtd.06.07.2023, U. No.15022, dtd.04.01.2025 ଲାଗୁ ହେବାପାଇଁ DHSE(O)/DSE(O)/DHE(O) କୁ ପତ୍ରାଳାପ କରିବା ଏବଂ deemed to receive order ହେବା ତତ୍ ସହ ଦରମା ବନ୍ଦ ଆଦେଶନାମା ଆଜି ପର୍ଯ୍ୟନ୍ତ ଅଥବା କର୍ମଚାରୀ receive ନ ହେବା ସରକାରଙ୍କ ବଦଳୀ ନିୟମକୁ ଉଲ୍ଲଘଂନ କରୁନାହାନ୍ତି ତ, ସରକାରଙ୍କ ଆଦେଶନାମାକୁ ପାଳନ ନ କରିବା UD. No.70 ରେ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଅଧିକାରୀଙ୍କ ଉପରେ ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ; (ଖ) DHSE (O) କେଉଁ ଆଦେଶ ଅନୁସାରେ receive ନ ହୋଇଥିବା କର୍ମଚାରୀଙ୍କ ଦରମା ବନ୍ଦ ପାଇଁ Treasury କୁ ଚିଠି କରିଥିଲେ, ଏବଂ ବିଭାଗ ପତ୍ର ସଂଖ୍ୟା-34300/SME, dtd.10.12.2025 ଅନୁସାରେ DHSE(O) କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## କାରଖାନା ଗୁଡିକରେ ହୋଇଥିବା ଦୁର୍ଘଟଣା

736 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲାରେ ଗତ ୧୦ ବର୍ଷ ମଧ୍ୟରେ କେଉଁ କେଉଁ କାରଖାନା ଗୁଡ଼ିକରେ ଦୁର୍ଘଟଣା ଘଟିଥିଲା, କାରଖାନା ଓ ବାଷ୍ପିତ୍ର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ( Director of Factories & Boilers ) ତରଫରୁ କରିଥିବା ତଦନ୍ତ ତଥ୍ୟ ପ୍ରଦାନ କରିବା ସହ କେତେ ଜଣ କାର୍ଯ୍ୟରତ ଶ୍ରମିକ ବା କର୍ମଚାରୀ ଦୁର୍ଘଟଣାର ଶିକାର ହୋଇଛି, ସେମାନଙ୍କ ମଧ୍ୟରୁ କେତେ ଜଣ ସାମାନ୍ୟ ଆହତ, ଗୁରୁତର ଆହତ, ଅକର୍ମଣ୍ୟ ଏବଂ କେତେ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି, କେଉଁ କାରଣରୁ, କେଉଁ ତାରିଖରେ, କେଉଁ କାରଖାନାରେ ଦୁର୍ଘଟଣା ଘଟିଥିଲା, ପ୍ରତ୍ୟେକ ମୃତଙ୍କ ନାମ ଏବଂ ପରିବାରର ଠିକଣା ପ୍ରଦାନ କରିବାରେ ସହଯୋଗ କରିବେ କି ?

----

## ଗୋପାଳପୁର ବନ୍ଦରରେ କାମ କରୁଥିବା ମହିଳା ଶ୍ରମିକ ଓ ସୁପରଭାଇଜର ତାଲିକା ସମ୍ପର୍କରେ

737 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗୋପାଳପୁର ବନ୍ଦରରେ କାମ କରୁଥିବା ମୋଟ ସୁପରଭାଇଜର ଓ ମହିଳା ଶ୍ରମିକଙ୍କ ତାଲକା ଓ ଠିକଣା ଦେବେ କି, ଆଦାନୀ ସହ ହୋଇଥିବା ସରକାରଙ୍କ ଚୁକ୍ତିପତ୍ରର ତଥ୍ୟ ଯୋଗାଇଦେବେ କି ; (ଖ) ଗୋପାଳପୁର ବନ୍ଦରରେ କାର୍ଯ୍ୟରତ ସିକ୍ୟୁରିଟିଙ୍କ ତାଲିକା ସହ Security କମ୍ପାନୀର ଠିକଣା ଯୋଗାଇବା ସହ ସେମାନଙ୍କ ଦରମା କିଏ ଧାର୍ଯ୍ୟ କରନ୍ତି ?

----

## ଶିକ୍ଷକ ଅଭାବ ଯୋଗୁଁ ପାଢାରେ ବ୍ୟାଘାତ

738 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରାଥମିକ ଶିକ୍ଷା ବିଭାଗ ଅଧୀନରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଥି୍ବା ସ୍କୁଲଗୁଡ଼ିକରେ ଶିକ୍ଷକଙ୍କର ଅଭାବ ଏବଂ ଶିକ୍ଷକମାନେ ସ୍କୁଲରେ ପାଠ ପଢ଼ାଇବା ଛଡା ଅନ୍ୟାନ୍ୟ official କାମ କରୁଥିବା ଯୋଗୁଁ ଶିକ୍ଷା ପ୍ରଦାନରେ ବ୍ୟାଘାତ ସୃଷ୍ଟି ହେଉଥୀବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ, ଏହି ସମସ୍ୟାର ସମାଧାନ ପାଇଁ ସରକାର ବିହିତ ପଦକ୍ଷେପ ନେବେ କି ?

----

## ପ୍ରାଥମିକ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ

739 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ବର୍ଷ ମାନଙ୍କରେ ଆବଶ୍ୟକ ସଂଖ୍ୟକ ଛାତ୍ର ଛାତ୍ରୀ ଅଭାବ କାରଣରୁ କେତୋଟି ପ୍ରାଥମିକ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ କରା ଯାଇଥିଲା, ସେଥିରୁ ବର୍ତ୍ତମାନ ସୁଦ୍ଧା କେତୋଟି ବିଦ୍ୟାଳୟ ପୁଣି ଖୋଲା ଯାଇ ଅଛି, ଏବଂ ସେଥିରେ ଛାତ୍ର ସଂଖ୍ୟା କେତେ, ବର୍ତମାନ ସୁଦ୍ଧା ରାଜ୍ୟର କେତୋଟି ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନାହିଁ ଏବଂ ସେହି ସ୍ଥାନମାନଙ୍କରେ ନୂତନ ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କର ଯୋଜନା କ'ଣ, ଏହାର ଜିଲ୍ଲାୱାରୀ ବିବରଣୀ ଦେବେ କି, ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମୋଟ ଡ୍ରପ ଆଉଟ ସଂଖ୍ୟା କେତେ, ଏହାର କାରଣ କ'ଣ, ଏବଂ ପ୍ରତିକାର ପାଇଁ ସରକାର କି କି ପଦକ୍ଷପ ଗ୍ରହଣ କରୁଛନ୍ତି ?

----

## କ୍ରୀଡାକ୍ଷେତ୍ରରେ ପ୍ରୋତ୍ସାହନ

740 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (1) ଗ୍ରାମାଞ୍ଚଳ, ଯୁବକ ଯୁବତୀମାନଙ୍କୁ କ୍ରୀଡା କ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ପଞ୍ଚାୟତ ସ୍ତରରେ Mini Stadium ର ଆବଶ୍ୟକତା ଦେଖା ଦେଇଛି, ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସରକାର ସୁଚିନ୍ତିତ ବ୍ୟବସ୍ଥା କରିବେ କି ; (2) ଓଡିଶାର ଗ୍ରାମାଞ୍ଚଳରେ ଗଢି ଉଠିଥିବା କ୍ଲବ ଏବଂ ଯୁବକ ସଂଘଗୁଡିକୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଆୟୋଜନ କରିବା ପାଇଁ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ପଦକ୍ଷେପ ନେବେ କି?

----

## GIA ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ

741 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (1) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ, ରାଜ୍ୟ ସରକାରଙ୍କ ନିକଟରେ ଗତ 01.୦6.2008 ଠାରୁ 01.୦6.2018 ପର୍ଯ୍ୟନ୍ତ ଅନୁଦାନ (GIA) ପାଇଁ ଆଲୋଚନା କରିଥିଲେ ମଧ୍ୟ ସରକାର ନୀତିଗତ ନିଷ୍ପତ୍ତି (Policy decision) ନେବାରେ ଅହେତୁକ ବିଳମ୍ବ କରିବାର କାରଣ କଣ ; ସରକାର କେବେ ସୁଦ୍ଧା policy decision ନେଉଛନ୍ତି ଅବଗତ କରାଇବେ କି; ଯାହା ଫଳରେ ରାଜ୍ୟରେ ବହୁ ସଂଖ୍ୟକ ଅଧ୍ୟାପକ, କର୍ମଚାରୀ ଆର୍ଥିକ ଅନୁଦାନ ପାଇବାରେ ସକ୍ଷମ ହୋଇପାରନ୍ତେ ; (2) ୬62 ବର୍ଗ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା Data Entry Operator(DEO) ମାନଙ୍କୁ GIA ରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----

## କ୍ରୀଡାର ବିକାଶ

742 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ତୃଣମୂଳ ସ୍ତରରେ ସରକାର କ୍ରୀଡାର ବିକାଶ ପାଇଁ ବ୍ଲକ ସ୍ତରୀୟ ଷ୍ଟାଡିୟମ 314ଟି ବ୍ଲକରେ ଆସନ୍ତା 2028-29 ମସିହା ଆର୍ଥିକ ବର୍ଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ; ଅଦ୍ୟାବଧି ଓଡିଶାର କେଉଁ କେଉଁ ଜିଲ୍ଲାରେ କାର୍ଯ୍ୟ ଆରମ୍ଭ ହୋଇଛି?

----

## ଦିବ୍ୟାଙ୍ଗ ଚିହ୍ନଟ

743 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ଓ ବୋଲଗଡ ବ୍ଲକର କେତେଜଣ ଦିବ୍ୟାଙ୍ଗ କେଉଁ କେଉଁ ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି ; ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଭତ୍ତା ଓ ବାସଗୃହ ଏବଂ ସେମାନଙ୍କ ଆବଶ୍ୟକ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି ; ଅଦ୍ୟାବଧି କେତେଜଣଙ୍କୁ ଭତ୍ତା ଉପକରଣ ପାଇବା ପାଇଁ ଆବେଦନ କରିଛନ୍ତି ; ସମୁଦାୟ କେତେଜଣ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ସେମାନଙ୍କୁ ସରକାର କେଉଁ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି, ଚାକିରୀ କିମ୍ବା ବ୍ୟବସାୟିକ ବୃତ୍ତିରେ କେତେଜଣ ନିୟୋଜିତ ହୋଇଛନ୍ତି ?

----

## ନାଟକ ପରିବେଷଣ

744 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଟିଭି. ଡିଜିଟାଲ ମିଡିଆ ଓ ଚଳଚିତ୍ର ପ୍ରଭାବରେ ଗ୍ରାମାଞ୍ଚଳର ନାଟ୍ୟ ପରମ୍ପରା ହ୍ରାସ ପାଉଥିବା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳର ମଞ୍ଚନାଟକ ପରିବେଷଣ ପାଇଁ ଆଗ୍ରହ ପ୍ରକାଶ କରୁଥିବା ଯୁବଗୋଷ୍ଠୀକୁ ଖୋଲାମଞ୍ଚରେ ନାଟକ, ଗୀତିନାଟ୍ୟ ଓ ଡ୍ରାମା ପରିବେଷଣ ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଅଛି କି ; ଯଦି ହଁ କେଉଁ ପ୍ରକାର ତରିକା ସରକାର ଗ୍ରହଣ କରିଛନ୍ତି ; ଯଦି ଉତ୍ତର ନାଁ ହୁଏ ଏ ଦିଗରେ ପଦକ୍ଷେପ ନେବା ପାଇଁ ସରକାର ବିଚାର କରିବେ କି?

----

## ଜୁଆଙ୍ଗ ଜାତିର ଉନ୍ନତି

745 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦୁଝର ଜିଲ୍ଲାରେ ଜୁଆଙ୍ଗ ଓ ଭୂୟାଁ ଜନଜାତି ମାନଙ୍କର ଜୀବନ ଜୀବିକାକୁ ଭିତ୍ତିକରି 2022-2023, 2023-2024 ଓ 2024-2025 ରେ କେତେ ଅର୍ଥ କେଉଁ ଯୋଜନାରୁ ଦିଆଯାଇଅଛି ; ଉକ୍ତ ଅର୍ଥରେ ସେମାନଙ୍କୁ ଚଳ ଚଞ୍ଚଳ କରିବା ପାଇଁ କଣ କଣ ବୃହତ କାର୍ଯ୍ୟ ଅଦ୍ୟାବଧି ହୋଇଅଛି ?

----

## ଯୁବକ ଯୁବତୀଙ୍କୁ ନିଯୁକ୍ତି

746 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବହୁ ସଂଖ୍ୟକ ଯୁବକ ଯୁବତୀ ଶିକ୍ଷା ଲାଭ କରି ଚାକିରୀ ବା କୌଣସି ରୋଜଗାର ପନ୍ଥା ନପାଇ ବେକାର ହୋଇ ବୁଲୁଛନ୍ତି ଏବଂ ବାପା ମା ଋଣ କରି ପାଠ ପଢାଇବା ପାଇଁ ଯେଉଁ ଅର୍ଥ ଖର୍ଚ୍ଚ କରିଛନ୍ତି ତାହାକୁ ପରିଶୋଧ କରିବା ପାଇଁ ବହୁ ଚିନ୍ତା ଗ୍ରସ୍ତରେ ପଡିଛନ୍ତି ; ଏହାକୁ ସମାଧାନ କରିବା ନିମନ୍ତେ ବେକାର ଯୁବକ ଯୁବତୀମାନଙ୍କୁ ଅଧିକ ନିଯୁକ୍ତି କ୍ଷେତ୍ରରେ ସରକାର ବ୍ୟବସ୍ଥା କରିବେ କି?

----

**OBC ଗଣନା**

747 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଜାତିକୁ ନେଇ ଓ.ବି.ସି.(OBC) ହିସାବରେ ଗଣନା କରାଯାଉଅଛି ଓ ସେମାନଙ୍କ ପାଇଁ କଣ କଣ ଚାକିରି ସରକାର ଯୋଗାଇ ଦେବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସେମାନେ କଣ କଣ ସରକାରୀ ସୁବିଧା ସୁଯୋଗ ପାଇ ପାରୁଛନ୍ତି?

----

**ଶିଳ୍ପ ପ୍ରତିଷ୍ଠା**

748 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ଗଢି ଉଠିଥିବା ITI College ମାଧ୍ୟମରେ ଅନେକ ଯୁବକ ଯୁବତୀ ଶିକ୍ଷାଦାନ କରି ବେକାର ହୋଇ ବୁଲୁଛନ୍ତି ; ସେମାନଙ୍କ ପାଇଁ ସରକାର କୌଣସି ନିଯୁକ୍ତି ସୃଷ୍ଟି କରିନଥିବାରୁ ଦିନକୁ ଦିନ ଯୁବକଯୁବତୀ ମନବଳ ହରାଉଛନ୍ତି ; ଏଣୁ ITI College ରେ ଶିକ୍ଷାଲାଭ କରିଥିଲେ ମଧ୍ୟ ସରକାର କୌଣସି ନିଯୁକ୍ତି ପାଇଁ ଭିତ୍ତିଭୂମି ସୃଷ୍ଟି କରୁନଥିବାରୁ ଏହା ଚର୍ଚ୍ଚାର ବିଷୟ ହେଉଅଛି ; ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଯେହେତୁ କେନ୍ଦୁଝର ଏକ ଖଣି ବହୁଳ ଜିଲ୍ଲା ଅଟେ ତାକୁ ଭିତ୍ତିକରି କେନ୍ଦୁଝର ଜିଲ୍ଲାରେ ଅଧିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----

**ଓଡିଆ ଭାଷା ପ୍ରଚଳନ**

749 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ଓଡିଶା ଏକ ଓଡିଆ ଭାଷାଭାଷି ରାଜ୍ୟ ଏବଂ ଓଡିଶାରେ ବିଭିନ୍ନ ରାଜ୍ୟରୁ ଆସି ମହମଡିଆନ(ମଦ୍ରାସା) ସ୍କୁଲ, ସେଣ୍ଟମ୍ୟାରୀ ସ୍କୁଲ, ସେଣ୍ଟ ଯୋଶେଫ ଭଳି ସ୍କୁଲ ଏବଂ ଅନ୍ୟାନ୍ୟ ମୁକ୍ତ ବିଦ୍ୟାଳୟ ମାନଙ୍କରେ ଓଡିଆ ଭାଷାକୁ ପ୍ରଚଳନ କରିବା ପାଇଁ ଗୁରୁତ୍ୱ ଦେଉନଥିବା କଥା ସତ୍ୟ କି ; ଯଦି ସତ୍ୟ ଅଟେ, ତାହେଲେ ଓଡିଆ ଭାଷାକୁ ଉପରୋକ୍ତ ବିଦ୍ୟାଳୟ ମାନଙ୍କରେ ଗୁରୁତ୍ୱ ଦେବା ପାଇଁ ସରକାର ବାଧ୍ୟତାମୂଳକ ଶିକ୍ଷା ଦାନ ପାଇଁ ନୀତି ପ୍ରଣୟନ କରିବେ କି?

----

**ବିଶ୍ୱବିଦ୍ୟାଳୟ ମାନ୍ୟତା**

750 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ନିମନ୍ତେ ଦୀର୍ଘ ଦିନଧରି ଦାବି ହୋଇ ଆସୁଥିବା ସରକାର ଜାଣନ୍ତି କି ; ଯଦି ହଁ, ତେବେ ଏହି ବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା କି କି ପଦକ୍ଷେପ ଗ୍ରହଣ କରାଯାଇଛି?

----

## ଷ୍ଟାଡିୟମ ନିର୍ମାଣ

751 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାର କେଉଁ ବ୍ଲକର କେଉଁ କେଉଁ ସ୍ଥାନରେ ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଚୂଡାନ୍ତ ହୋଇଛି ତାର ଏକ ତାଲିକା ଦେବେ କି ; (ଖ) ଏହି ଷ୍ଟାଡିୟମ ନିର୍ମାଣ ନିମନ୍ତେ କେଉଁ କେଉଁ ବାବଦରେ କେତେ କେତେ ପରିମାଣର ଅର୍ଥ ସମୁଦାୟ ଖର୍ଚ୍ଚ ହେବ?

----

## ଜାତ ଓ ଜନଜାତି ତାଲିକା

752 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜାତି ଓ ଜନଜାତି ସଂପ୍ରଦାୟକୁ ରାଜ୍ୟ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି?

----

## ଅର୍ଥ ରାଶି ମଂଜୁର

753 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର କେଉଁ କେଉଁ ଗ୍ରାମ/ଜନବସିତିକୁ 2020-21 ଠାରୁ 2025-26 ମଧ୍ୟରେ କେଉଁ କେଉଁ ପ୍ରକଳ୍ପ ନିମିତ୍ତ କେତେ କେତେ ଅର୍ଥ ରାଶି ମଂଜୁର କରାଯାଇଛି?

----

## ସହାୟତା ରାଶି ପ୍ରଦାନ

754 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ଦୁର୍ଗାମଣ୍ଡପ ଓ କେଉଁ କେଉଁ ମା ଗଜଲକ୍ଷ୍ମୀ ମଣ୍ଡପକୁ କେଉଁ କେଉଁ ତାରିଖରେ କେତେ କେତେ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ତାର ଏକ ତାଲିକା ଦେବେ କି ; (ଖ) ଏହି ସହାୟତା ରାଶି ପ୍ରତିବର୍ଷ ନିୟମିତ ଭାବେ ପୂଜା କମିଟିମାନଙ୍କୁ ଦେବା ପାଇଁ ସରକାର ବିଚାର କରିବେ କି?

----

## କ୍ରୀଡା ଭିତ୍ତିଭୂମି ବିକାଶ

755 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ସହରରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପଦବୀ ପୂରଣ

756 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ST ବିଦ୍ୟାଳୟ ଚାଲୁଅଛି ; ସେଠାରେ କେତୋଟି ଶ୍ରେଣୀରେ କେତେଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ସେଠାରେ ମଂଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଏବଂ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କିନ୍ନରଙ୍କୁ ଘରୋଇ ଅନୁଷ୍ଠାନରେ ନିଯୁକ୍ତି

757 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ କିନ୍ନର ଅଛନ୍ତି ; ତନ୍ମଧ୍ୟରୁ କେତେଜଣ ଅଣମାଟ୍ରିକ, ମାଟ୍ରିକ, +2, +3, ସ୍ନାତକୋତ୍ତର ଓ ବୈଷୟିକ ଶିକ୍ଷାଧାରୀ ଅଛନ୍ତି ; ସେହି ସମ୍ପ୍ରଦାୟଙ୍କ ସାମାଜିକ ନିରାପତ୍ତା ସହ ସେମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ସରକାରୀ ଓ ଘରୋଇ ଅନୁଷ୍ଠାନରେ ନିୟୋଜନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପାରିଶ୍ରମିକ ପ୍ରଦାନ

758 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅଦ୍ୟାବଧି କେଉଁ କେଉଁ ସାଂସ୍କୃତିକ ଦଳକୁ ପଞ୍ଜିକୃତ କରାଯାଇ ସେମାନଙ୍କୁ CTMS ରେ ସାମିଲ କରାଯାଇଛି, ଏହି ଦଳମାନଙ୍କୁ କ୍ରମାନ୍ୱୟରେ ବିଗତ ଦୁଇ ବର୍ଷରେ କେତେଗୋଟି କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସୁଯୋଗ ପ୍ରଦାନ କରାଯାଇ କେତେ ପ୍ରାପ୍ୟ ପ୍ରଦାନ କରାଯାଇଛି ପ୍ରକାଶ କରି ପାଇକ ଆଖଡା, ସଂକୀର୍ତ୍ତନ, ଗୋଟିପୁଅ ନୃତ୍ୟଦଳ, ଲଉଡି ନୃତ୍ୟଦଳ, ବନାବାଡି ନୃତ୍ୟଦଳ, ଧୂକୁଡିନାଚ, ଦାସକାଠିଆ କଳାକାରଙ୍କ ସଂଖ୍ୟା ନଗଣ୍ୟ ହୋଇଥିବାରୁ ସେମାନଙ୍କୁ ସାମିଲ କରିବାକୁ ପୁନଃ ବିଜ୍ଞାପନ କରି ସାମିଲ ପାଇଁ ବ୍ୟବସ୍ଥା କରିବେ କି ; ଏବଂ (ଖ) କଳାକାରମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି?

----

## ଶିକ୍ଷାଦାନର ସୁଯୋଗ

759 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ପଲିଟେକିନିକରେ କେଉଁ ପାଠ୍ୟକ୍ରମରେ କେତେ ବିଦ୍ୟାର୍ଥୀଙ୍କୁ ବାର୍ଷିକ ଶିକ୍ଷାଦାନର ସୁଯୋଗ ଦିଆଯାଉଛି ପ୍ରକାଶ କରି ଏଠାରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ବିଦ୍ୟାଳୟ ନିର୍ମାଣ

760 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା/ଜଳେଶ୍ୱର ବ୍ଲକରେ କେଉଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବାକୁ ସରକାରଙ୍କଠାରେ ପ୍ରସ୍ତାବ ବିଚାରାଧୀନ ଅଛି ଏହାର ନାମ ତାଲିକା ସରକାର ଉପସ୍ଥାପନ କରିବେ କି ; ଏ ଦୁଇ ବ୍ଲକରେ ସେପରି ପ୍ରସ୍ତାବିତ ବିଦ୍ୟାଳୟ ଥିଲେ ଆସନ୍ତା ଶିକ୍ଷାବର୍ଷ ଠାରୁ ଏଥିଲାଗି ସରକାର ଆନୁଷ୍ଠାନିକ ଭାବରେ ଘୋଷଣା କରିବେ କି?

----

## ବିଦ୍ୟାଳୟର ଉନ୍ନତିକରଣ

761 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏପର୍ଯ୍ୟନ୍ତ କେଉଁ ବର୍ଷରେ କେତୋଟି Higher Secondary School(+2 level) ସରକାର ଖୋଲିଲେ ଏବଂ କେଉଁ ବ୍ଲକରେ ଖୋଲିଲେ ଏହାର ନାମ ତାଲିକା ଉପସ୍ଥାପନ କରିବେ କି ; ଆସନ୍ତା ଶିକ୍ଷାବର୍ଷରେ କେତୋଟି ଖୋଲାଯିବ ଏହାର ପ୍ରସ୍ତାବ ନୀତିଗତ ଭାବରେ ସିଦ୍ଧାନ୍ତ ନିଆଯାଇଛି କି ; ଉତ୍ତର ହଁ ହେଲେ କେଉଁ ବ୍ଲକ/ଜିଲ୍ଲାରେ କେଉଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ Higher Secondary School ରେ ପରିଣତ କରାଯିବ ଓ ଏଥିରେ ସବିଶେଷ ରୂପାୟନର ଯୋଜନା କଣ?

----

## ଛାତ୍ରୀନିବାସ ନିର୍ମାଣ

762 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ (KALIKA) ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସ ନିର୍ମାଣ ସମାପ୍ତ ହୋଇଥିଲେ ହେଁ ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ଆଉ କଣ ଆବଶ୍ୟକ ; ଏହି ଛାତ୍ରୀନିବାସକୁ କେବେ ଚଳକ୍ଷମ କରାଯିବ ତଥା ଛାତ୍ରୀମାନେ କେବେ ଆଡମିଶନ୍ ହେବେ, କେତେଜଣ ଛାତ୍ରୀନିବାସ ପରିଚାଳନା କରିବେ, ସରକାର ସେମାନଙ୍କୁ କେବେ ନିଯୁକ୍ତି ଦେବେ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; ଛାତ୍ରମାନଙ୍କ ପାଇଁ ଛାତ୍ରା ନିବାସ ନିର୍ମାଣ କେବେ?

----

## ଗୃହ ମରାମତି

763 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ (KALIKA) ଆଦର୍ଶ ବିଦ୍ୟାଳୟର ସମ୍ପୂର୍ଣ୍ଣ ଗୃହଟି କେତେକ ସ୍ଥାନରେ ସାମାନ୍ୟ ମରାମତି ସହିତ ନୂଆକରି ରଙ୍ଗଦେବା ଜରୁରୀ ଆବଶ୍ୟକତା ସମ୍ବନ୍ଧରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ କାର୍ଯ୍ୟ ସମ୍ପାଦନ ସକାଶେ କାହାକୁ କି ନିର୍ଦ୍ଦେଶ ଦେବେ ଓ କେବେ କାର୍ଯ୍ୟାନୁଷ୍ଠାନ ହେବ?

----

## କର୍ମଚାରୀ ନିଯୁକ୍ତି

764 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ଅନୁଦାନପ୍ରାପ୍ତ ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ କେତେଜଣ ଅଧ୍ୟାପକ, ଅଣଶିକ୍ଷା କର୍ମଚାରୀ କାର୍ଯ୍ୟରତ ଅଛନ୍ତି ; କେତେଜଣ କର୍ମଚାରୀ ଆବଶ୍ୟକ, ନୂଆ କର୍ମଚାରୀ ଓ ଅଧ୍ୟାପକ ନିଯୁକ୍ତି ସକାଶେ ସରକାର କି ପଦକ୍ଷେପ ଗ୍ରହଣ କରିବେ?

----

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ଓ ଆତ୍ମନିଯୁକ୍ତି ଋଣ ପ୍ରଦାନ

765 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ କେତେଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଛନ୍ତି, ତନ୍ମଧ୍ୟରୁ କେତେଜଣଙ୍କୁ ଭତ୍ତା ସହିତ ସେମାନଙ୍କ ଜୀବନ ଧାରଣ ନିମନ୍ତେ କେତେଜଣଙ୍କୁ ସହାୟକ ଉପକରଣ ଓ ଆତ୍ମନିଯୁକ୍ତି ଋଣ ପ୍ରଦାନ କରାଯାଇଛି ଏବଂ (ଖ) ଶିକ୍ଷିତ ଦିବ୍ୟାଙ୍ଗମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରୀ ଓ ଘରୋଇ ଉଦ୍ୟୋଗରେ ନିୟୋଜନ କରାଯାଇଛି?

----

## ଅଧିକ ସଂଖ୍ୟାରେ ପଞ୍ଜିକୃତ କରିବା ପାଇଁ ପଦକ୍ଷେପ

766 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରାଜ୍ୟରେ କେଉଁ କେଉଁ ଲଉଡି ନୃତ୍ୟ ଦଳ, ବନାବାଡି ନୃତ୍ୟ ଦଳ ଓ ଗଉଡ ବାଡି ଦଳକୁ ପଞ୍ଜିକୃତ କରାଯାଇଛି ; ଏହି ଦଳମାନଙ୍କୁ ସି.ଟି.ଏମ୍.ଏସ୍. ମାଧ୍ୟମରେ ପଞ୍ଜିକୃତ କରି ସେମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ କେତେଥର ସୁଯୋଗ ପ୍ରଦାନ କରାଯାଇଛି ପ୍ରକାଶ କରି ପୁନଃ ବିଜ୍ଞାପନ କରି ଲଉଡି, ବନାବାଡି ଓ ଗଉଡବାଡି ଦଳକୁ ଅଧିକ ସଂଖ୍ୟାରେ ପଞ୍ଜିକୃତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ବୈଷୟିକ ଶିକ୍ଷାର ସୁଯୋଗ ପ୍ରଦାନ

767 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ବୈଷୟିକ ଶିକ୍ଷାର ସୁଯୋଗ ପ୍ରଦାନ ପାଇଁ ସରକାରୀ ଓ ଘରୋଇ ଉଦ୍ୟମରେ କି ପଦକ୍ଷେପ ଗ୍ରହଣ କରାଯାଇ ବାର୍ଷିକ କେତେଜଣ ବିଦ୍ୟାର୍ଥୀଙ୍କୁ ବୈଷୟିକ ଶିକ୍ଷାର ସୁଯୋଗ ପ୍ରଦାନ କରାଯାଉଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## କ୍ରୀଡା ପ୍ରତିଭାମାନଙ୍କୁ ଆବାସିକ ଶିକ୍ଷାର ସୁଯୋଗ ପ୍ରଦାନ

768 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟାଙ୍ଗୀଠାରେ କ୍ରୀଡାଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା କରି କ୍ରୀଡା ପ୍ରତିଭାମାନଙ୍କୁ ଆବାସିକ ଶିକ୍ଷାର ସୁଯୋଗ ପ୍ରଦାନ ସହ ସେମାନଙ୍କୁ କ୍ରୀଡା କ୍ଷେତ୍ରରେ ସୁପ୍ରତିଷ୍ଠିତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ବିଦ୍ୟାର୍ଥୀଙ୍କ ସଂଖ୍ୟା

769 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଲେପୁର ଓ ଟାଙ୍ଗୀ ଚୌଦ୍ୱାର ବ୍ଲକରେ କେତେଗୋଟି ବିଭାଗୀୟ ବିଦ୍ୟାଳୟ ଥିଲାବେଳେ ସେଠାରେ କେତେଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି ଓ ଏହି ବିଦ୍ୟାଳୟମାନଙ୍କରେ ମଞ୍ଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ, ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ତିନି ଚକିଆ EV ଗାଡି ଯୋଗାଇବାକୁ ପ୍ରସ୍ତାବ

770 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଦିବ୍ୟାଙ୍ଗମାନଙ୍କୁ ତିନି ଚକିଆ EV ଗାଡି ଯୋଗାଇଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଡଃ ରାଧାନାଥ ରଥଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା

771 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାର ପ୍ରଥମ ତାଳପତ୍ର ପୋଥି ସମ୍ବାଦ ପତ୍ର କୁଜିବର ପତ୍ରର ସମ୍ପାଦକ ସାଧୁ ସୁନ୍ଦର ଦାସ ଓ ସମାଜର ପୂର୍ବତନ ସମ୍ପାଦକ ଡଃ ରାଧାନାଥ ରଥଙ୍କ ଭୁବନେଶ୍ୱରଠାରେ ପୂର୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Institute of Textiles Technology ରେ ପାଠ୍ୟକ୍ରମ

772 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚୌଦ୍ୱାର ସ୍ଥିତ Institute of Textiles Technology ରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିଳ୍ପାୟନ କ୍ଷେତ୍ରରେ ଅଗ୍ରଗତି

773 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚୌଦ୍ୱାରଠାରେ Welspone Industries କୁ କେତେ ଜମି ପ୍ରଦାନ କରାଯାଇଛି, ସମ୍ପୃକ୍ତ ସଂସ୍ଥା ଶିଳ୍ପାୟନ କ୍ଷେତ୍ରରେ କେତେ ଅଗ୍ରଗତି କରିଛନ୍ତି, ଏହାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଗ୍ରାମ ପଞ୍ଚାୟତରେ ଖେଳ ପଡିଆରେ ବିକାଶ

774 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାରେ ଅଦ୍ୟାବଧି କେଉଁ ବ୍ଲକର କେଉଁ ଗ୍ରାମପଞ୍ଚାୟତର ଖେଳ ପଡିଆ଼ାର ବିକାଶ ସାଧନ କରାଯାଇଛି ଓ ସମସ୍ତ ପଞ୍ଚାୟତରେ ଖେଳ ପଡିଆର ବିକାଶ ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିକ୍ଷା ନାଁରେ ସରକାରୀ ଜମି ପ୍ରଦାନ

775 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ଘରୋଇ ଶିକ୍ଷା ଅନୁଷ୍ଠାନକୁ ମାଗଣା ଜମି ପ୍ରଦାନ କରାଯାଇଛି, ବିଶେଷ କରି ଭୁବନେଶ୍ୱରରେ ଶିକ୍ଷା ନାଁରେ କେଉଁ ବ୍ୟକ୍ତି ବିଶେଷ ବା ସଂସ୍ଥାକୁ କେତେ ପରିମାଣର ସରକାରୀ ଜମି ପ୍ରଦାନ କରାଯାଇଛି ?

----

## ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ

776 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗତ ଦେଢ଼ ବର୍ଷ ମଧ୍ୟରେ କେଉଁ ଜିଲ୍ଲାରେ କେତେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ରହିଛି, ଏହି ସବୁ ଶିଳ୍ପ ପ୍ରତିଷ୍ଠା ପାଇଁ କେତେ ପୁଞ୍ଜି ନିବେଶରେ କେତେ ନିଯୁକ୍ତି ସୃଷ୍ଟି ହେବାର ଆକଳନ କରାଯାଇଛି, କେତେ ସୁଦ୍ଧା ଏହି ପ୍ରସ୍ତାବିତ ଶିଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହେବ ?

----

## ଆଦିମ ଜନଜାତି ବର୍ଗର ଲୋକ ସଂଖ୍ୟା

777 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଆଦିମ ଜନଜାତି ବର୍ଗର ଲୋକ ସଂଖ୍ୟା କେତେ, ଏହି ବର୍ଗର ଲୋକଙ୍କ ବିକାଶ ପାଇଁ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବୈଷୟିକ ଶିକ୍ଷା ଅନୁଷ୍ଠାନର ସଂଖ୍ୟା

778 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ସଂଖ୍ୟକ ସରକାରୀ ଓ ଘରୋଇ ବୈଷୟିକ ଶିକ୍ଷା ଅନୁଷ୍ଠାନ ରହିଛି, ଏହି ସବୁ ଶିକ୍ଷା ଅନୁଷ୍ଠାନରେ ଚଳିତ ଶିକ୍ଷା ବର୍ଷରେ କେତେ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେଥିମଧ୍ୟରୁ ବାହାର ରାଜ୍ୟ ତଥା ଦେଶ ବାହାର ଛାତ୍ର ଛାତ୍ରୀ ସଂଖ୍ୟା କେତେ, ତାହାର ଏକ ତାଲିକା ପ୍ରଦାନ କରିବେ କି, ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ କେତେ ସିଟ୍ ଖାଲି ପଡ଼ିଛି ?

----

## ଷ୍ଟାଡିୟମ୍ ରେ ଜାତୀୟ ତଥା ଆନ୍ତର୍ଜାତୀୟ ଖେଳର ଆୟୋଜନ

779 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ଦେଢ଼ ବର୍ଷ ମଧ୍ୟରେ କେଉଁ ଷ୍ଟାଡିୟମ୍ ରେ କେତୋଟି ଜାତୀୟ ତଥା ଆନ୍ତର୍ଜାତୀୟ ଖେଳର ଆୟୋଜନ ହୋଇଥିଲା, ଏଥିପାଇଁ ରାଜ୍ୟ ସରକାର କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ? ବିଭିନ୍ନ ଖେଳ ଆୟୋଜନ ଦ୍ୱାରା କେତେ ରାଜସ୍ୱ ଆଦାୟ କରାଯାଇଛି?

----

**Details of Scholarships for students from Balangir**

780 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Will the Government provide details of scholarships, fellowships, and financial assistance for students from Balangir district pursuing higher education in Odisha and outside the State, (b) Will the Government provide data on enrollment trends, dropout rates, and student performance in higher education institutions of Balangir district over the last five years?

----

**Sports competitions and youth festivals**

781 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Is the Government taking any initiatives in 2025 to organize sports competitions and youth festivals at district and state levels to promote sports culture among young people, (b) Is the Government planning any schemes or programs in 2025 to support the development of young athletes and encourage youth engagement in sports and recreational activities across rural and urban areas of Odisha ?

----

**Details of number of Industrial Units**

782 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) will the Govt. provide details of the number and types of industrial units established in Balangir district during the last three years and the employment generated; (b) furnish information on the incentives, subsidies, or financial support provided to MSMEs and startups in Balangir in 2024-25."; and provide the status of large-scale industrial projects under implementation in Balangir district, including total investment and expected jobs." the measures taken to improve industrial infrastructure in Balangir, including power, transport, and water facilities for industries.

----

**Current status of enrollment in govt.-run ITIs**

783 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (a) What is the current status of enrollment, training, and placement in government-run ITIs and vocational training centers across Odisha, particularly in backward districts; (b) What measures are being implemented to modernize existing technical institutes and introduce new courses aligned with emerging technologies and market demand ?

----

**Number of Government schools in Balangir**

784 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (a) Will the Government state how many Government schools in Balangir district are currently without adequate drinking water, toilet facilities, and boundary walls, and what measures are being taken to address these gaps in 2025; (b) Will the Government provide details of the schools in Balangir district that are yet to receive functional smart classrooms and ICT labs, and specify the timeline for completing these installations in 2025?

----

**କ୍ରୀଡାର ବିକାଶ**

785 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ରାଜ୍ୟରେ କ୍ରୀଡାର ବିକାଶ ପାଇଁ କେଉଁ ଜିଲ୍ଲାର କେଉଁ ସ୍କୁଲ ଗୁଡିକରେ ସ୍ଥାୟୀ ଖେଳପଡିଆ ସହ ନିୟମିତ କ୍ରୀଡା ଶିକ୍ଷକ ଅଛନ୍ତି, ତାର ଜିଲ୍ଲାୱାରୀ ଏକ ତାଲିକା ଦେବେ କି, ତନ୍ମଧ୍ୟରୁ କେଉଁ ସ୍କୁଲ ଗୁଡିକର ଉପକରଣ କ୍ରୟ ବାବଦକୁ ପ୍ରତ୍ୟେକ ବର୍ଷ କେତେ ଆର୍ଥିକ ପ୍ରୋତ୍ସାହନ ରାଶି ମିଳିଥାଏ ଜଣାଇବା ସହ, (ଖ) ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲ ଗୁଡିକରେ କ୍ରୀଡା ଶିକ୍ଷକ ନିଯୁକ୍ତି ନିମନ୍ତ କି ପଦକ୍ଷେପ ଗ୍ରହଣ କରିଛନ୍ତି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି; ଦୀର୍ଘ ବର୍ଷଧରି ନିରବଛିନ୍ନ ଭାବେ କାର୍ଯ୍ୟକରୁଥିବା କ୍ରୀଡା ଶିକ୍ଷକ ଓ କଳା ବିଭାଗ ଶିକ୍ଷକ ମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ଦେବାରେ କି ତ୍ରୁଟି ରହିଛି ଏବଂ ସେମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ନେବେ କି, ଏବଂ (ଘ) ରାଜ୍ୟରେ କାର୍ଯ୍ୟରତ Schematic Junior Teacher ମାନଙ୍କୁ ସରକାର ନିୟମିତ କରିବା ପାଇଁ ଘୋଷଣା କରିଥିବା ସ୍ଥଳେ ସେମାନଙ୍କୁ କେବେଠାରୁ ନିୟମିତ ଭାବେ ନିଯୁକ୍ତି ଦେବାପାଇଁ ସ୍ଥିର କରିଛନ୍ତି ?

----

**ଖେଳ ପଡିଆ ଉନ୍ନତିକରଣ**

786 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ː**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- କ୍ରୀଡାର ବିକାଶ ପାଇଁ କଟକ ଜିଲ୍ଲାର କେଉଁ ପଞ୍ଚାୟତ/ ବ୍ଲକ / ଏନଏସି ଅଞ୍ଚଳର କେଉଁ ଖେଳ ପଡିଆ ଗୁଡିକର ଉନ୍ନତିକରଣ ଓ କେଉଁ ମିନି ଷ୍ଟାଡିୟମ ଗୁଡିକ ପାଇଁ ବିଭାଗ ତରଫରୁ କେଉଁ ଯୋଜନାରେ କେତେ ଅନୁଦାନ ପ୍ରଦାନ କରାଯାଇଛି ତାର ଏକ ତାଲିକା ପ୍ରଦାନ କରିବେ କି; ଏବଂ ଆଠଗଡ଼ ସ୍ଥିତ ଷ୍ଟାଡିୟମ ପାଇଁ କେତେ ଅର୍ଥ କେବେ ପ୍ରଦାନ କରାଯାଇଛି?

----

**Demands of OJTA**

787 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) what specific action or decision has been taken by the Government on the memoranda submitted by the Odisha Junior Teachers' Association (OJTA) bearing Letter No. 20/2025/OJTA dated 06.09.2025 and Letter No. 26/2025/OJTA dated 10.10.2025, regarding regularization, pay parity, and full service benefits for the 2012-13 batch Junior Teachers; (b) whether any official communication or assurance has been issued to the said Association; if so, the details thereof; and If not, the reasons for non-consideration of their legitimate demands and the time-frame proposed for redressal; will the govt. give details of the present status of things ?

----

## ସ୍ଥାୟୀ ନିଯୁକ୍ତି ପାଇଁ ପଦକ୍ଷେପ

788 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Odisha SSD Guest Teacher ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ କେବେ କି କି ଦାବୀ ଉପସ୍ଥାପନା କରିଥିଲେ, ଏବଂ ଏହି ଦାବୀ ଗୁଡିକ ମଧ୍ୟରୁ କେଉଁ ଗୁଡିକ ସମାଧାନ କରାଯାଇଅଛି ଏବଂ କେଉଁଗୁଡିକ ଅଦ୍ୟାବଧି କେଉଁ କାରଣ ପାଇଁ ସମାଧାନ ହୋଇପାରିନାହିଁ ତାର ସମସ୍ତ ତଥ୍ୟ ଭିତ୍ତିକ ଉତ୍ତର ପ୍ରଦାନ କରିବେ କି; ଏବଂ (ଖ) ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ଓ ଭବିଷ୍ୟତ ନିମନ୍ତେ କାର୍ଯ୍ୟକରୁଥିବା ଅତିଥି ଶିକ୍ଷକ ଦୀର୍ଘଦିନ କାର୍ଯ୍ୟ ତୁଲାଇଛନ୍ତି ଯେଉଁମାନଙ୍କର ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ଶିକ୍ଷାଗତ ଯୋଗ୍ୟତା ରହିଅଛି ଓ ସେମାନଙ୍କୁ ସ୍ଥାୟୀଭାବେ ନିଯୁକ୍ତି ଦେବାପାଇଁ କି ପଦକ୍ଷେପ ନେଇଛନ୍ତି ?

----

## Regularisation Jr. Teacher

789 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether it is a fact that the State Government has earlier regularized H.S.C. pass C.T. Gana Sikshyaks by inducting them into the Level-V cadre; whether denial of similar regularization benefits to the Junior Teachers appointed during 2012- 13, who have completed more than the prescribed period of engagement, amounts to discrimination and arbitrariness in violation of Articles 14 and 16 of the Constitution of India; (b) whether, while announcing on 5th September 2025 (Teacher's Day) the abolition of all contractual teaching posts and regularization of Junior Teachers, the Government excluded the 2012-13 batch Junior Teachers from such benefit; and if if so, the reasons therefore, and whether such exclusion amounts to hostile discrimination contrary to the principle of equality and non-arbitrariness as laid down by the Hon'ble Supreme Court in E.P. Royappa v. State of Tamil Nadu (1974) 4 SCC 3; Give details of the present status besides the time-line within which Govt. considers to evaluate these demands ?

----

## ସେକେଣ୍ଡାରୀ ଶିକ୍ଷକ ମାନଙ୍କ କ୍ୟାଡର ପୁର୍ନଗଠନ

790 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସେକେଣ୍ଡାରୀ ଶିକ୍ଷକ ମାନଙ୍କ କ୍ୟାଡର ପୁର୍ନଗଠନ ନେଇ ସରକାର କିଛି ନିଷ୍ପତ୍ତି ନେଇଛନ୍ତି କି, ଏ ବାବଦରେ ଶିକ୍ଷକ ସଂଘ ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ କେତେ ଥର ବୈଠକ ହୋଇଛି ଏବଂ ସେଥିରୁ କି ନିଷ୍କର୍ସ ବାହାରିଛି ?

----

## ହାଇସ୍କୁଲରେ କ୍ଲର୍କ ଓ ପିଅନ ନିଯୁକ୍ତି

791 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ପ୍ରତି ରାଜ୍ୟର କେତେ ହାଇସ୍କୁଲରେ କେତୋଟି କ୍ଲର୍କ ଓ ପିଅନ ପଦବୀ ଖାଲି ପଡିଛି, ଏହିସବୁ ଖାଲିଥିବା ପଦରେ କ୍ଲର୍କ ଓ ପିଅନ ନିଯୁକ୍ତି ନେଇ ସରକାର ନିକଟ ଭବିଷ୍ୟତରେ କୌଣସି ନିଷ୍ପତ୍ତି ନେବେ କି, ଖାଲିପଡିଥିବା ପିଅନ ପଦହେ ସ୍ଥାନୀୟ ସ୍ତରରେ SMC ଜରିଆରେ ଅସ୍ଥାୟୀ ଭାବେ ପିଅନ ନିଯୁକ୍ତି ନେଇ କୌଣସି ପ୍ରସ୍ତବ ଅଛି କି ?

----

## ରେସନ ବାବଦରେ ଦିଆଯାଉଥିବା ଅର୍ଥର ପରିମାଣ

792 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା (MMPY) ରେ ସରକାର ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରୁଥିବାବେଳେ ରେସନ ବାବଦରେ କେତେ ମାସର ଟଙ୍କା ବାକି ଅଛି, ଯେଉଁ ହାଇସ୍କୁଲରେ କେବଳ ନବମ ଓ ଦଶମ ଶ୍ରେଣୀ ଅଛି, ସେସବୁ ସ୍କୁଲକୁ ରୋଷଇ ପାଇଁ ଆସବାବ ପତ୍ର (Utensils) ପାଇଁ କେତେ ଟଙ୍କା ଦିଆଯାଇଛି, ଏହିସବୁ ସ୍କୁଲରେ ରୋଷେଇ ଘର ତିଆରି ପାଇଁ କିଛି ପଦକ୍ଷେପ ନିଆଯାଇଛି କି ?

----

## ଓଡିଶା ସାହିତ୍ୟ ଏକାଡେମିର ସାଧାରଣ ପରିଷଦ ନିର୍ବାଚନ

793 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶା ସାହିତ୍ୟ ଏକାଡେମି ପ୍ରାୟ ତିନି ବର୍ଷ ହେଲା ବିନା ସାଧାରଣ ପରିଷଦରେ ଚାଲିଥିବା ବେଳେ ଏହାର ସାଧାରଣ ପରିଷଦ ନିର୍ବାଚନ ଲାଗି ପଦକ୍ଷେପ ନେବେ କି, (ଖ) କେତେ ବର୍ଷ ହେଲା ଓଡ଼ିଆ ସାହିତ୍ୟ/ ସଙ୍ଗୀତ/ଉର୍ଦ୍ଦୁ ଏକାଡେମିର ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇ ନଥିବାର କାରଣ କଣ, ଏହିସବୁ ପୁରସ୍କାର ପ୍ରଦାନ କରିବାକୁ ଆଶୁ ପଦକ୍ଷେପ ନେବେ କି ?

----

## ବିଦେଶୀ ପୁଞ୍ଜି ବିନିଯୋଗ କରିଥିବା କମ୍ପାନୀ ସଂଖ୍ୟା

794 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୧୯ ମାସ ମଧ୍ୟରେ ରାଜ୍ୟରେ କେତୋଟି କମ୍ପାନୀ କେତେ ଟଙ୍କାର ବିଦେଶୀ ପୁଞ୍ଜି ବିନିଯୋଗ ( FDI) କରିଛନ୍ତି, ସେଥିରୁ କେତୋଟି କମ୍ପାନୀ ସହ MOU ହୋଇଛି, କେତୋଟି ସ୍ଥାନ ଶିଳ୍ପସଂସ୍ଥା ଖୋଲାଯାଇଛି, କେତୋଟି ଶିଳ୍ପ ସଂସ୍ଥାରୁ ଉତ୍ପାଦନ ଆରମ୍ଭ ହୋଇଛି ଏବଂ କେତେଜଣଙ୍କୁ ସିଧାସଳଖ ନିଯୁକ୍ତି ମିଳିଛି, ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଓଡ଼ିଆ ଭାଷାରେ ଶିକ୍ଷାଦାନ

795 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଡ଼ୋଶୀ ରାଜ୍ୟ ଗୁଡ଼ିକରେ ଓଡ଼ିଆ ଭାଷାବାସୀ ଅଞ୍ଚଳକୁ ଓ ଲୋକଙ୍କୁ ଚିହ୍ନଟ କରି ସେଠାରେ ଓଡ଼ିଆରେ ଶିକ୍ଷାଦାନ ଏବଂ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାର ଲାଗି କୌଣସି ବ୍ୟବସ୍ଥା ସରକାରଙ୍କର ରହିଛି କି ଏବଂ ଉତ୍ତର ହଁ ହୋଇଥିଲେ ସେପରି ଅଞ୍ଚଳ ସବୁର ତାଲିକା ଓ ଓଡ଼ିଆ ଭାଷାବାସୀଙ୍କ ଲୋକଙ୍କ ସଂଖ୍ୟା ଏବଂ ସେମାନଙ୍କୁ ଓଡ଼ିଆ ଭାଷା ଶିକ୍ଷାଦେବାର ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ପାଇଁ କି ପଦକ୍ଷେପ ନିଆଯାଇଛି ?

----

## ଭିନ୍ନକ୍ଷମ ଚିହ୍ନଟ

796 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବାର ଓ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ତାଲିମ ଦେଇ ଚାକିରୀ ଦେବା ଅଥବା ଆର୍ଥିକ ସ୍ୱାବଲମ୍ବୀ କରିବାର କି ବ୍ୟବସ୍ଥା କରାଯାଇଛି ଏବଂ ଏହାର ସୁଫଳ କଣ ?

----

## କ୍ରୀଡ଼ାବିତଙ୍କୁ ନିଯୁକ୍ତି

797 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କ୍ରୀଡ଼ାବିତମାନଙ୍କୁ ନିଯୁକ୍ତି ଦେବା ଲାଗି ଓ ସେମାନଙ୍କୁ ଆୟକାରୀ ଧନ୍ଦାରେ ନିୟୋଜିତ କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ରହିଛି କି ; ଉତ୍ତର ହଁ ହୋଇଥିଲେ ଏସବୁ ଯୋଜନା କଣ ଓ ଏହାର ସୁଫଳ ଏଯାଏଁ କେତେଜଣ କ୍ରୀଡ଼ାବିତ କିଭଳିଭାବେ ପାଇଲେଣି ?

----

## ସ୍ୱାକ୍ଷରତା ହାର

798 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନୁସୂଚିତ ଜନଜାତୀ, ଅନୁସୂଚୀତ ଜାତି ଓ ବିଭିନ୍ନ ପ୍ରକାରର ସଂଖ୍ୟାଲଘୁ ସଂପ୍ରଦାୟରେ ସ୍ୱାକ୍ଷରତା ହାର, ଜନ୍ମହାର ଓ ମୃତ୍ୟୁହାର ଏବଂ ସାଧାରଣ ଆୟୁ କେତେ ଏବଂ ତାହା ଏସବୁ କ୍ଷେତ୍ରରେ ରାଜ୍ୟର ସାଧାରଣ ହାର ଏବଂ ଜାତୀୟ ହାର ଠାରୁ କେତେ ଭିନ୍ନ?

----

## ପେନସନ ପ୍ରଦାନ

799 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ସପ୍ତମ ବେତନ କମିଶନ ସୁପାରିଶ କାର୍ଯ୍ୟକାରୀ କରାଗଲାବେଳେ ପେନସନ ଗ୍ରାଚ୍ୟୁଇଟି ପ୍ରଦାନରେ ସରକାରୀ ଓ ଅନୁଦାନପ୍ରାପ୍ତୀ ବେସରକାରୀ କଲେଜର ଅବସରପ୍ରାପ୍ତ ୟୁ.ଜି.ସି. ଓ ରାଜ୍ୟ ସରକାରଙ୍କ ଦରମା ହାର ଲାଗିଥିବା କୌଣସି ପାର୍ଥ୍ୟକ୍ୟ ରଖାଯାଇଥିଲା କି ଓ ଉତ୍ତର ହଁହୁଏ ତେବେ ତାହା କଣ ଥିଲା ଏବଂ ତାର କାରଣ କଣ ଏବଂ ସେହି ପାତର ଅନ୍ତରକୁ ଦୂର କରି ବେସରକାରୀ ଅବସରପ୍ରାପ୍ତ ଅଧ୍ୟାପକଓ ଅଧ୍ୟାପିକାମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସରକାର ବିଚାର କରୁଛନ୍ତି କି, ଉତ୍ତର ହଁ ହୋଇଥିଲେ ଏଭଳି ପେନସନ ପାଉଥିବା ବେସରକାରୀ କଲେଜର ୟୁ.ଜି.ସି. ଓ ରାଜ୍ୟ ସରକାରଙ୍କ ଦରମା ହାରରେ ରହିଥିବା ଅବସରପ୍ରାପ୍ତ ଅଧ୍ୟାପକଓ ଅଧ୍ୟାପିକାମାନଙ୍କ ସଂଖ୍ୟା କେତେ ଓ ସେମାନଙ୍କ ପ୍ରତି ଉପରୋକ୍ତ ବ୍ୟତିକ୍ରମ ଲାଗି କି ପଦକ୍ଷେପ ନିଆଯାଉଛି?

----

## ପଦବୀ ପୂରଣ

800 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନମଣ୍ଡଳୀରେ କେଉଁ କେଉଁ ଆଦିବାସୀ ବିଦ୍ୟାଳୟ ଥିବାବେଳେ ସେଠାରେ କେତେଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି ଏହି ବିଦ୍ୟାଳୟରେ ମଂଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ତାହା ପୁରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଷ୍ଟାଡିୟମ ନିର୍ମାଣ

801 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନମଣ୍ଡଳୀର ବାଙ୍କୀ, ଡମପଡା ଓ ବାରଙ୍ଗ ବ୍ଲକରେ ତିନୋଟି ଉନ୍ନତମାନର ଷ୍ଟାଡିୟମ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## ଶିକ୍ଷାର ସୁଯୋଗ ପ୍ରଦାନ

802 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନମଣ୍ଡଳୀରେ କେଉଁ କେଉଁ ସଂସ୍ଥା ମାଧ୍ୟମରେ ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି ଓ ସେଠାରେ କେଉଁ କେଉଁ ପାଠ୍ୟକ୍ରମରେ କେତେଜଣ ବିଦ୍ୟାର୍ଥୀଙ୍କୁ ଶିକ୍ଷାର ସୁଯୋଗ ପ୍ରଦାନ କରାଯାଉଛି ଏଠାରେ ଏକ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ପ୍ରତିମୂର୍ତ୍ତି ପ୍ରତିଷ୍ଠା

803 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ମାଟିର ବରପୁତ୍ର ସ୍ୱାଧିନତା ସଂଗ୍ରାମୀ ଗୋବିନ୍ଦ ରଥ ଓ ସମବାୟର ଜନକ ଡଃ ଯୋଗେଶ ଚନ୍ଦ୍ର ରାଉତଙ୍କ ଭୁବନେଶ୍ୱରରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି?

----

## ଦିବ୍ୟାଙ୍ଗଙ୍କ ପାଇଁ ମାର୍ଗଦର୍ଶିକା

804 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ପାଇଁ ଏକ ନୂତନ ମାର୍ଗଦର୍ଶିକା ପ୍ରଣୟନ ସହ ସେମାନଙ୍କୁ ସମ୍ମାନ ସହ ଜୀବନ ଧାରଣ ନିମନ୍ତେ ସୁଯୋଗ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଖାଲିଥିବା BEO ପଦବୀ ସଂଖ୍ୟା

805 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ବ୍ଲକରେ କେତୋଟି BEO ପଦବୀ ଖାଲି ପଡିଅଛି, ଉକ୍ତ ପଦବୀ ଗୁଡିକ କେବେ ସୁଦ୍ଧା ପୂରଣ କରିବେ (ଖ) ରାଜ୍ୟର କେଉଁ କେଉଁ ପ୍ରାଇମେରୀ, UP School ଏବଂ High School ରେ ଛାତ୍ର ଛାତ୍ରୀ ଅଧ୍ୟୟନ ତୁଳନାରେ ଗୃହ ଭିତ୍ତିଭୂମି ଓ ପାନୀୟ ଜଳର ବ୍ୟବସ୍ଥା ନାହିଁ, ଏଗୁଡିକର ସୁବ୍ୟବସ୍ଥା ପାଇଁ କେବେ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବିଦ୍ୟାଳୟ ଓ ଗଣଶିକ୍ଷା / ଗୋଦାବରୀଶ ବିଦ୍ୟାଳୟ

806 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତରେ ଗୋଦାବରୀଶ ବିଦ୍ୟାଳୟ କରିବାପାଇଁ ଘୋଷଣା କରିଥିଲେ ଏହି -ଅନୁଯାୟୀ ଦେବଗଡ଼ ଜିଲ୍ଲାର ର କେଉଁ କେଉଁ ଠାରେ ଗୋଦାବରୀଶ ବିଦ୍ୟାଳୟ ହୋଇଛି ?

----

## Grant-in-Aid ମିଳିଥିବା ମହାବିଦ୍ୟାଳୟ ସଂଖ୍ୟା

807 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ କେତୋଟି Grant-in-Aid ମିଳିଥିବା ମହାବିଦ୍ୟାଳୟ ଅଛି, ସେହି ମହାବିଦ୍ୟାଳୟ ଗୁଡିକରେ କେଉଁ କେଉଁ ବିଭାଗରେ କେତେ ଅଧ୍ୟାପକ ପଦବୀ ଖାଲି ଅଛି ଏବଂ କେବେ ସୁଦ୍ଧା ଖାଲିପଦବୀ ପୂରଣ ହେବ ସେ ସମ୍ପର୍କିତ କି କି ବାସ୍ତବ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ତତ ସହ ୧୦ ବର୍ଷ ହେଲା Managing Body ଅଧୀନରେ କାର୍ଯ୍ୟ କରୁଥିବା ଅଧ୍ୟାପକ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, କେବେ ସୁଦ୍ଧା ଉପରୋକ୍ତ ଖାଲି ପଦବୀ ସବୁ ପୂର୍ଣ୍ଣ କରାଯିବ ?

----

## ଇ - ସାଇକେଲ ପାଇଥିବା ହିତାଧିକାରୀଙ୍କ ତଥ୍ୟ

808 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ଇ-ସାଇକେଲ କିମ୍ବା ତିନିଚକିଆ ସ୍କୁଟି ପ୍ରଦାନ କରାଯାଇଛି ଏବଂ କେତେ ଜଣ ପାଇବେ ତାର ଏବଂ ତାର ବ୍ଲକ ୱାରୀ ହିତାଧିକାରୀଙ୍କ ନାମ ସହ ତଥ୍ୟ ପ୍ରଦାନ କରିବେ କି, ଏବଂ ଯଦି ନାଁ ତେବେ କେବେ ସୁଦ୍ଧା ସେମାନଙ୍କୁ ପ୍ରଦାନ କରାଯିବ ଏବଂ ତାଙ୍କ ସଂଖ୍ୟା କେତେ ନାମ ଏବଂ ଠିକଣା ସହ ପ୍ରକାଶ କରିବେ କି ?

----

## ଖେଳପଡିଆର ଉନ୍ନତି

୪09 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସମସ୍ତ ମହାବିଦ୍ୟାଳୟର ଖେଳପଡିଆ ଉନ୍ନତି ଓ ବିକାଶ ପାଇଁ କି କି ପଦକ୍ଷେପ ନିଆଯାଇଛି ତାହା ଅବଗତ କରିବେ କି ଏବଂ ଆଗାମି ଦିନରେ କି କି ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯାଉଛନ୍ତି ?

----

## ସରକାରୀ ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଖୋଲିବା ସଂପର୍କରେ

810 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ସମସ୍ତ ସରକାରୀ ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଓ କେତେ ଶିଶୁଙ୍କୁ ନେବା ଶିଶୁବାଟିକା କାର୍ଯ୍ୟକ୍ରମ ଆରମ୍ଭ ହେବ ସେଥିପାଇଁ କେତେଜଣ ପ୍ରାକ୍ ପ୍ରାଥମିକ (ଶିଶୁ ଶିକ୍ଷକ) ଯେଉଁମାନେ DECE(Diploma in early childhood care and education ) ରେ କୃତ କାର୍ଯ୍ୟ ହୋଇ ଟ୍ରେନିଂପ୍ରାପ୍ତ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି, ଶିଶୁସେବିକାମାନଙ୍କୁ ସରକାର କେଉଁ ଗାଇଡଲାଇନ ଆଧାରରେ ନିଯୁକ୍ତି ଦେବେ, ଶିଶୁସେବିକାମାନଙ୍କର କାମ କଣ, ପ୍ରାପ୍ୟ କଣ, ନିଯୁକ୍ତି କ୍ରାଇଟାରିଆ କଣ, ଶିଶୁମାନଙ୍କ ପାଇଁ କେଉଁ ଶିକ୍ଷକ ପଢାଇବେ, ଜାତୀୟ ଶିକ୍ଷା ନୀତି 2020 ରେ ଶିଶୁବାଟିକା ଓ ଶିଶୁ ଶିକ୍ଷା ପାଇଁ କଣ ଗାଇଡଲାଇନ ଅଛି, ସରକାର ସେସବୁ ଗାଇଡଲାଇନ ମାନୁଛନ୍ତି କି?

----

## SC/STକର୍ମଚାରୀମାନଙ୍କର ପଦୋନ୍ନତି ଓ ଆର୍ଥିକ ସୁବିଧା ଦେବା ସଂପର୍କରେ

811 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ବହୁ ସଂଖ୍ୟାରେ ଯୋଗ୍ୟ SC/STକର୍ମଚାରୀ ସେମାନଙ୍କର ନ୍ୟାର୍ଯ୍ୟ ପଦୋନ୍ନତିରୁ ବଂଚିତ ହେଉଛନ୍ତି ବୋଲି ଆସୁଥିବା ଅଭିଯୋଗର ସତ୍ୟତା ଅଛି କି, ଯଦି ନାଁ ତେବେ ସରକାର ତୁରନ୍ତ ରାଜ୍ୟର ସମସ୍ତ ବିଭାଗର କ୍ୟାଡର wise ତଥ୍ୟକୁ ଏକ ଶ୍ୱେତପତ୍ର ଜରିଆରେ ଉପସ୍ଥାପନ କରିବେ କି , ଏଥିସହ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ (22.01.2026) ର ପୁନଃ ବିଚାର କରି କର୍ମଚାରୀମାନଙ୍କ ପିଛିଲା ତାରିଖରୁ (retrospective effect) ପଦୋନ୍ନତି ଓ ଆର୍ଥିକ ସୁବିଧା ଦେବେ କି, ସରକାରଙ୍କ ପାଖରେ ଏହି ସମ୍ବନ୍ଧୀୟ ଥିବା ସମସ୍ତ ତଥ୍ୟ ପ୍ରଦାନ କରି ସାର୍ବଜନୀନ କରିବେ କି?

----

## ଘରୋଇ ଓ ସରକାରୀ ଦକ୍ଷତା ବିକାଶ କେନ୍ଦ୍ର କାର୍ଯ୍ୟକାରୀତା ସଂପର୍କରେ

812 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲିଗୁଡା ନିର୍ବାଚନମଣ୍ଡଳୀରେ ଅଧୁନା କେତୋଟି ଦକ୍ଷତା ବିକାଶ କେନ୍ଦ୍ର ଅଛି, ସେଥିରୁ କେତୋଟି ଘରୋଇ ଓ କେତୋଟି ସରକାରୀ କେନ୍ଦ୍ର ଅଛି, ଦକ୍ଷତା ବିକାଶ କେନ୍ଦ୍ରମାନଙ୍କରେ ପ୍ରତି ବର୍ଷ କେତେ ପିଲା admission ନେଇଛନ୍ତି, କେଉଁ କେଉଁ ଟ୍ରେଡ ରେ ଟ୍ରେନିଂ ଦିଆଯିବ ଓ କେଉଁ ସଂସ୍ଥାମାନେ ଟ୍ରେନିଂର ଦାୟିତ୍ୱ ବହନ କରିଥାନ୍ତି, ସରକାର କେଉଁ କେଉଁ ସଂସ୍ଥାକୁ କେଉଁ ଭିତ୍ତିରେ ଟ୍ରେନିଂ ଦେବା ପାଇଁ ଦାୟିତ୍ୱ ଦିଅନ୍ତି ଓ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ କରିବାକୁ ପଡେ?

----

**ସ୍ୱଷ୍ଟ ଯୁବନୀତି କାର୍ଯ୍ୟକାରୀତା ସଂପର୍କରେ**

813 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ସ୍ୱଷ୍ଟ ଯୁବନୀତି କଣ ଅଛି, ରାଜ୍ୟରେ ଥିବା ସମସ୍ତ ବେକାର ଯୁବକଯୁବତୀଙ୍କ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସରକାରଙ୍କ ବିଶେଷ ପଦକ୍ଷେପ କଣ ଜଣାଇବେକି, Vision 2026 ଓVision 2047 କୁ ଆଖି ଆଗରେ ରଖି ରାଜ୍ୟର ମୂଳ ପୁଞ୍ଜି ଯୁବପିଢିଙ୍କର ଭବିଷ୍ୟତ ପ୍ରତି ସରକାର ସର୍ବାଗ୍ରେ ବିଚାର କଣ କିଛି ଠୋସ ପଦକ୍ଷେପ ନେବେକି?

----

**ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭତ୍ତା ପ୍ରଦାନ ସଂପର୍କରେ**

814 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲିଗୁଡା ନିର୍ବାଚନମଣ୍ଡଳୀରେ ଅଧୁନା କେତେଜଣ ବୟସ୍କ ଲୋକ ମାସିକ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି ଓ କେତେ ଜଣ ମାସିକ 3500 ଟଙ୍କା ଭତ୍ତା ପାଉଛନ୍ତି, କେତେଜଣ ଭିନ୍ନକ୍ଷମ ବ୍ୟକ୍ତି ମାସିକ ଭତ୍ତା ପାଉଛନ୍ତି କେତେ ଅସହାୟ ବିଧବା ମହିଳା ମାସିକ ଭତ୍ତା ପାଉଛନ୍ତି ଜଣାଇବା ସହ 60 ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଭତ୍ତାଧାରୀମାନଙ୍କର ଭତ୍ତାକୁ ଅତିକମରେ ଆଉ 1000 ଟଙ୍କା ଲେଖାଏଁ ବୃଦ୍ଧି କରିବାକୁ ପଦକ୍ଷେପ ନେବେକି, କେତେଜଣ ବୟସ୍କ ଲୋକ, ଅସହାୟ ମହିଳା, ଭିନ୍ନକ୍ଷମ ବ୍ୟକ୍ତିମାନେ ଭତ୍ତା ପାଇବାକୁ ଆବେଦନ କରି ବଡ ଅସୁବିଧାରେ ଅଛନ୍ତି ଓ ସେମାନଙ୍କ ଆବେଦନକୁ ସରକାର ତୁରନ୍ତ ଗ୍ରହଣ କିମ୍ବା ଭତ୍ତା ଦେବାର ବ୍ୟବସ୍ଥା କରିବେକି?

----

**ଘୁମୁରା ଲୋକନୃତ୍ୟ ଦଳକୁ ପାରିଶ୍ରମିକ ପ୍ରାପ୍ୟ ଦେବା**

815 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସରକାର କଳାହାଣ୍ଡି ଉତ୍ସବ ଘୁମୁରା 2026 ପାଇଁ କେତେ ଟଙ୍କାର ଅନୁଦାନ ଦେଇଛନ୍ତି ଏବଂ ଏହାର ବ୍ୟୟର ସଂପୁର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, (ଖ) ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଲୋକନୃତ୍ୟ ଦଳମାନେ ପ୍ରଦର୍ଶନ କରିଥିବା ପାରିଶ୍ରମିକ ପ୍ରାପ୍ୟ ତାଙ୍କୁ ପ୍ରଦାନ କରାଯାଇଅଛି କି, ଯଦି ହଁ ତେବେ କେଉଁ ତାରିଖ ପର୍ଯ୍ୟନ୍ତ ତାଙ୍କ ପାରିଶ୍ରମିକ ପାଇଛନ୍ତି?

----

**ବିଦ୍ୟାଳୟଗୁଡିକରେ Repairing and New Construction ବାବଦରେ ଆର୍ଥିକ**

816 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନର୍ଲା ନିର୍ବାଚନମଣ୍ଡଳୀରେ 2019 2025 ଆଜି ପର୍ଯ୍ୟନ୍ତ ମୋଟ କେତେଟଙ୍କା ବ ବିଦ୍ୟାଳୟଗୁଡିକରେ Repairing and New Construction ପାଇଁ ଦିଆଯାଇଅଛି ବର୍ଷୱାରୀ ରିପୋର୍ଟ ଦେବା ସହ ସେହି ଟଙ୍କାରେ କଣ କଣ କାମ କେଉଁକେଉଁ ବିଦ୍ୟାଳୟରେ ହୋଇଛି କେତେ ଅର୍ଥ ବଳକା ଅଛି ଓ କାହା ନାମରେ advance payment ହୋଇଛି ଜଣାଇବେକି କି?

----

**ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସରକାରୀ ସୁବିଧା ଦେବା**

817 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀମାନଙ୍କ ପାଇଁ HRMS, I.D. ଉପଲବ୍ଧ ହେବ କି ଏବଂ ସେମାନେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅଧିନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କର ଶିକ୍ଷକମାନେ ପାଉଥିବା ସୁବିଧା ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଦିଆଯିବା ସରକାର ବିଚାର କରିବେକି?

----

**ITDA ଦ୍ଵାରା ଅର୍ଥ ସଂପୁର୍ଣ୍ଣ ତଥ୍ୟ ପ୍ରଦାନ**

818 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନମଣ୍ଡଳୀରେ ITDA ଦ୍ଵାରା ଆଦିବାସୀ ଓହରିଜନ ମଙ୍ଗଳ ବିଭାଗ ଦ୍ଵାରା ପ୍ରଦତ୍ତ ବିଭିନ୍ନ ପାଣ୍ଠିରେ 2023 ରୁ 2025 ମସିହା ପର୍ଯ୍ୟନ୍ତ ପ୍ରକଳ୍ପୱାରୀ କେତେ ଟଙ୍କା ବ୍ୟୟ ବରାଦ ହୋଇଅଛି ?

----

**Boundary Wall ନିର୍ମାଣ ସଂପର୍କରେ**

819 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନମଣ୍ଡଳୀର ନର୍ଲା, କର୍ଲାମୁଣ୍ଡା, ମ. ରାମପୁର, କେସିଙ୍ଗା ବ୍ଲକର କେଉଁ କେଉଁ ବିଦ୍ୟାଳୟରେ Boundary Wall ନାହିଁ ଏହା ସରକାର ନିର୍ମାଣ କରିବା ପାଇଁ ସ୍ଵତନ୍ତ୍ର ପାଣ୍ଠି ପ୍ରଦାନ କରିବେ କି?

----

**Desk Bench ପ୍ରଦାନ**

820 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ତିନି ଗୋଟି ବ୍ଲକ ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲର କେତେଗୋଟି ସ୍କୁଲର ପିଲାମାନେ ତଳେ ବସି ପାଠ ପଢୁଛନ୍ତି ଏବଂ କଣ ପାଇଁ Desk Bench ର ସୁବିଧା ଦିଆଯାଇନାହିଁ ଏବଂ ଏହା କେବେସୁଦ୍ଧା ଦିଆଯିବ?

----

**ବାର୍ଷିକ ଅନୁଦାନ**

821 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ତିନିଗୋଟି ବ୍ଲକ ବିରିଡ଼ି, ରଘୁନାଥପୁର ତିର୍ତ୍ତୋଲରେ ପ୍ରତ୍ୟେକ ସ୍କୁଲଗୁଡିକ ସରକାରଙ୍କ ତରଫରୁ କେତେ ଟଙ୍କାର ବାର୍ଷିକ ଅନୁଦାନ ଆସୁଛି ଏହା କେଉଁ କେଉଁ Head ରେ ଖର୍ଚ୍ଚ ହୋଇଛି ?

----

**ଶିକ୍ଷକଙ୍କ ସଂଖ୍ୟା**

822 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ତିନିଗୋଟି ବ୍ଲକ ବିରିଡି, ରଘୁନାଥପୁର ତିର୍ତ୍ତୋଲର ସମସ୍ତ ବିଦ୍ୟାଳୟଗୁଡିକରେ ଶିକ୍ଷକମାନଙ୍କର କେଉଁ ସ୍କୁଲରେ କେତେଗୋଟି ଶିକ୍ଷକ ଅଛନ୍ତି ଓ କେତେଗୋଟି ଶିକ୍ଷକ ରହିବା କଥା ଏବଂ କେଉଁ କେଉଁ ସ୍କୁଲରେ ଶିକ୍ଷକମାନଙ୍କର ସଂଖ୍ୟା କମ ଅଛି ଏଥିପାଇଁ ସରକାର କଣ ବ୍ୟବସ୍ଥା ରଖିଛନ୍ତି?

----

## ଉନ୍ନତିମୂଳକ କାର୍ଯ୍ୟ

823 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ତିନିଗୋଟି ବ୍ଲକ ବିରିଡି, ରଘୁନାଥପୁର, ତିର୍ତ୍ତୋଲର ପୂର୍ବ ସରକାର ସମୟରେ ରାଜ୍ୟର ବିଭିନ୍ନ ଜାଗାରେ ହୋଇଥିବା Indoor Stadium ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଓ maintenance ପାଇଁ କେଉଁ କେଉଁ ପଦକ୍ଷେପ ନିଆଯାଉଛି, 2023 ମସିହାଠାରୁ ଆଜି ପର୍ଯ୍ୟନ୍ତ ଏହାର development ପାଇଁ ବା maintenance ପାଇଁ କେଉଁ multi purpose stadium ପାଇଁ କେତେ ଟଙ୍କା କେଉଁ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ କରାଯାଇଛି ?

----

## ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ

824 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ତିର୍ତ୍ତୋଲ, ରଘୁନାଥପୁର, ବିରିଡି ବ୍ଲକର ସରକାରଙ୍କ ତରଫରୁ ବନ୍ଦ କରାଯାଇଥିବା କେତୋଟି ବିଦ୍ୟାଳୟ ବନ୍ଦ କରାଯାଇଛି ଏବଂ ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ସେଗୁଡିକ ପୁନର୍ବାର ଖୋଲିବା ପାଇଁ କି ପଦକ୍ଷେପ ନିଆଯାଇଛି?

----

## ପାନୀୟଜଳ ଯୋଗାଣ

825 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାରେ କେତେ ସଂଖ୍ୟକ ବିଦ୍ୟାଳୟରେ ପାନୀୟ ଜଳ ଓ ଶୌଚାଳୟ ସୁବିଧା ନାହିଁ ତାହାର ବ୍ଲକଓ୍ୱାରୀ ବିବରଣୀ ପ୍ରଦାନ କରିବେକି?

----

## ITDA ଅଧିନରେ କାର୍ଯ୍ୟକାରୀ ଯୋଜନା

826 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନାଗିରି ITDA ଅଧିନରେ ୨୦୨୪ ମସିହାରୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ଯୋଜନା ଯଥା:- MMJJM, TYME, DAJGUA, PM-JAN MAN, PMJVM ଅଧୀନରେ କେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହୋଇଛି ଏବଂ କେତେ ଅର୍ଥରାଶି ଖର୍ଚ୍ଚ ହୋଇଅଛି ?

----

## Pre-Matric ଓ Post Matric ଛାତ୍ର ବୃତ୍ତିଯୋଜନା

827 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଏହି ବିଭାଗ ଅଧିନରେ SC ଓ SC ଛାତ୍ରଛାତ୍ରୀଙ୍କ ପାଇଁ Pre-Matric ଓ Post Matric ଛାତ୍ରବୃତ୍ତି ଯୋଜନା ଅଧିନରେ ୨୦୨୩ ରୁ ଏ ପର୍ଯ୍ୟନ୍ତ କେତେ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ଏବଂ କେତେ ଅର୍ଥ ବଣ୍ଟନ ହୋଇଛି ?

----

## ଅତିଥି ଅଧ୍ୟାପକଙ୍କ ସଂଖ୍ୟା

828 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜିଲ୍ଲାର ସରକାରୀ କଲେଜ ଗୁଡ଼ିକରେ ଅତିଥି ଅଧ୍ୟାପକ ( Guest Faculty) ସଂଖ୍ୟା କେତେ ରହିଛି ଏବଂ ସେମାନଙ୍କୁ ଦିଆଯାଉଥିବା ମାସିକ ସମ୍ମାନ ଦର କେତେ ଏବଂ କେବେଠାରୁ ସେମାନେ ଯୋଗଦାନ କରିଛନ୍ତି, ନାମସହ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ଛାତ୍ରଛାତ୍ରୀଙ୍କ Dropout ହାର

829 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାରେ ଗତ ତିନି ବର୍ଷରେ ଛାତ୍ରଛାତ୍ରୀଙ୍କ Dropout ହାର କେତେ ରହିଛି ; ଏହାକୁ କମାଇବା ପାଇଁ କଣ ପଦକ୍ଷେପ ନିଆଯାଉଅଛି ?

----

## ପରମିଟ ପଡ଼ିଆରେ ଉନ୍ନତି

830 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲାରେ କ୍ରୀଡା ବିଭାଗ ପକ୍ଷରୁ ସ୍ଥାନୀୟ ପରମିଟ ପଡିଆର ଉନ୍ନତି ନିମନ୍ତେ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାର ସ୍ଥିତାବସ୍ଥା କଣ ; କେତେ ଅର୍ଥ ବ୍ୟୟରେ ଏବଂ କେଉଁ କାର୍ଯ୍ୟ ପାଇଁ DPR ହୋଇଛି ; ଉକ୍ତ କାର୍ଯ୍ୟର ଅନୁମୋଦନ ନିମନ୍ତେ ବିଭାଗ ପକ୍ଷରୁ ବିଳମ୍ବ ହେବାର କାରଣ କଣ ; କେବେ ସୁଦ୍ଧା ଏହାର କାର୍ଯ୍ୟାରମ୍ଭ ହେବ ?

----

## ସ୍ପୋର୍ଟ କମ୍ପ୍ଲେକ୍ସ ନିର୍ମାଣ

831 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ପ୍ରସ୍ତାବିତ ସ୍ପୋର୍ଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟର ଅଗ୍ରଗତି କଣ ; କେବେ ସୁଦ୍ଧା DPR ପ୍ରସ୍ତୁତ ହୋଇ Tender ହେବ ନିର୍ଦ୍ଦିଷ୍ଟ ତାରିଖ ପ୍ରଦାନ କରିବେ କି ; (ଖ) ବାଲେଶ୍ୱରରେ ସ୍ପୋର୍ଟ Deptt ଅନ୍ତର୍ଗତ କେଉଁ କାର୍ଯ୍ୟ ବା କାର୍ଯ୍ୟକ୍ରମ ପାଇଁ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ଆସିଛି ଓ ଏହା କେଉଁଠାରେ ଖର୍ଚ୍ଚ ହୋଇଛି ତାହାର ବିବରଣୀ ସହିତ ବାଲେଶ୍ୱର indoor ହଲ୍ ରକ୍ଷଣାବେକ୍ଷଣ ପାଇଁ କଣ ବିଭାଗ ତରଫରୁ ପଦକ୍ଷେପମାନ ଗ୍ରହଣ କରାଯାଇଛି ?

----

## ଐତିହ୍ୟ ଗ୍ରାମ ଯୋଜନାରେ ମହାପୁରୁଷଙ୍କ ଗ୍ରାମର ବିକାଶ

832 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଐତିହ୍ୟ ଗ୍ରାମ ଯୋଜନାରେ କେତେ ଅର୍ଥ ପ୍ରସ୍ତାବିତରେ କେଉଁ କେଉଁ ମହାପୁରୁଷଙ୍କ ଗ୍ରାମକୁ ବିକଶିତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ; ସେଥିରେ ମୋ ଦ୍ୱାରା ପ୍ରସ୍ତାବିତ ବାଲେଶ୍ୱରର ବରପୁତ୍ର ଫକୀରମୋହନ ସେନାପତିଙ୍କ ଗାଁ ଅଛି କି ନାହିଁ; ଯଦି ଅଛି କେଉଁ ପ୍ରକିୟାରେ କଣ ସବୁ ଉନ୍ନତିମୂଳକ କାର୍ଯ୍ୟ ହେବ ?

----

## ଗୋଦାବରୀମ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା

833 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅନ୍ତର୍ଗତ କେତେ ଅର୍ଥରେ କେତେଗୋଟି ବିଦ୍ୟାଳୟରେ କେଉଁ ପ୍ରକାରର ଭିତ୍ତିଭୂମି ଓ ମାନବସମ୍ବଳ ବିକାଶ ପାଇଁ ନିର୍ଣ୍ଣୟ ହୋଇଛି ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବା ସହ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି କେତେଗୋଟି ସ୍କୁଲ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସ୍କୁଲୱାରି କେଉଁ component ପାଇଁ କେତେ ଅର୍ଥ ମଞ୍ଜୁର ହୋଇଛି କହିବେ କି ; ଏହାର ଡିଜାଇନ, DPRର ଏକକିତା ନକଲ ପ୍ରଦାନ କରିବେ କି ?

----

## ଶିକ୍ଷକ ଚୟନ କରିବା ମାର୍ଗଦର୍ଶିକା

834 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ପିଲା ଅନୁପାତରେ ଶିକ୍ଷକ ଚୟନ କରିବା ମାର୍ଗଦର୍ଶିକାରେ ପରିବର୍ତ୍ତନ ଆବଶ୍ୟକ ହେଉଛି ବୋଲି ବିଭାଗ ଅନୁଭବ କରୁଛି କି ; ଶ୍ରେଣୀଗୃହ ୱାରି ଶିକ୍ଷକ ନରହିଲେ ପାଠପଢା ଠିକ୍ ହେବ ତ ; ବିଶେଷ କରି ପ୍ରାଥମିକ ବିଦ୍ୟାଳୟରେ ଆଜି ମଧ୍ୟ ଗୋଟିଏ ଶ୍ରେଣୀ ଗୃହରେ ୨ରୁ ଉର୍ଦ୍ଧ୍ୱ ଶ୍ରେଣୀର ପିଲା ବସି ପଢୁଛନ୍ତି ଯାହାଦ୍ୱାରା ଶିକ୍ଷାରମାନ ବୃଦ୍ଧି ହୋଇପାରୁନାହିଁ, ଏଦିଗରେ ସରକାର କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ଶିକ୍ଷକ ନିଯୁକ୍ତି

835 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶିକ୍ଷକ ନିଯୁକ୍ତି ନିମନ୍ତେ ଦାବୀ ସରକାରଙ୍କର ନଜରରେ ଅଛି କି ; ଉତ୍ତର ହଁ ହେଲେ ସେ ସମ୍ପର୍କିତ ସରକାର କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, Rehabilitation Assistance Scheme ମାଧ୍ୟମରେ ନିଯୁକ୍ତିକୁ ତା ୧୮.୦୨. ୨୦୨୦ ରିଖଠାରୁ ଆଜି ପର୍ଯ୍ୟନ୍ତ ଥିବା ଦିବଂଗତ ପରିବାରର ସଦସ୍ୟଙ୍କୁ RAS-Rule ୧୯୯୦ ଅନୁସାରେ ପୁରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ?

----

## ଓଡ଼ିଆ ଭାଷାରେ ବିଲ ଦେବା

836 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସରକାରୀ ସମସ୍ତ ବିଲ ଗୁଡ଼ିକୁ ଓଡ଼ିଆ ଭାଷାରେ ଦେବାକୁ ସରକାର ଏଯାବତ କି କି ପଦକ୍ଷେପମାନ ଗ୍ରହଣ କରିଛନ୍ତି; (ଖ) ନିକଟରେ ବିଜୁଳି ଉପଭୋକ୍ତା ମହାସଂଘ ଓଡ଼ିଆ ଭାଷାରେ ବିଜୁଳି ବିଲ ପ୍ରଦାନ ନିମନ୍ତେ ଦାବୀ ଉପସ୍ଥାପନ କରିଥିବା ସମ୍ପର୍କରେ ସରକାରଙ୍କର ଅବଗତ ଅଛନ୍ତି କି; ଉତ୍ତର ହଁ ହେଲେ କେବେ ଏ ସମ୍ପର୍କିତ ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ମାନ୍ୟବର ଗୃହରେ ବାସ୍ତବ ତଥ୍ୟ ପ୍ରଦାନ କରିବେ କି ?

----

### Website Portal ଗୁଡ଼ିକର କାର୍ଯ୍ୟ

837 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଭିନ୍ନ ବିଭାଗର Web -site Portal ଗୁଡ଼ିକ ଠିକରୂପେ କାର୍ଯ୍ୟ କରୁନଥିବା ସତ୍ୟ ଅଟେ କି ; ଉତ୍ତର ହଁ ହେଲେ ସ୍କୁଲ ଓ ଗଣଶିକ୍ଷା ବିଭାଗରେState Scholarship Portal ରେ ଅନେକ ପ୍ରାଥମିକ ଶିକ୍ଷାନୁଷ୍ଠାନ ଓ ନୂଆକରି ଅନୁମୋଦନ ପାଇଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକର ବିବରଣୀ ନଥିବା ସହ ବାଣିଶ୍ରୀ ବୃତ୍ତିକୁ ଭିନ୍ନକ୍ଷମ ଛାତ୍ର ଓ ଛାତ୍ରୀ କେଉଁ କାରଣରୁ ବଞ୍ଚିତ ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି ; (ଖ) Web-site ରେ ତଥ୍ୟ ଗୁଡ଼ିକ up-to-date କରିବା ନିମନ୍ତେ ମାନ୍ୟବର ବିଭାଗୀୟ ଅଧିକାରୀ ମାନଙ୍କଉପରେ ଯଗସୂତ୍ର କରିବା ସହ ଠିକ ରୂପେ ଅନୁପାଳନ ନିମନ୍ତେ ଅନୁଧ୍ୟାନ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିବେ କି?

----

### ପି.ଏମଶ୍ରୀ ଯୋଜନାରେ ହାଇସ୍କୁଲ ସାମିଲ

838 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପି.ଏମଶ୍ରୀ ଯୋଜନାରେ ଅଦ୍ୟାବଧି ଗଜପତି ଜିଲ୍ଲାରେ କେତୋଟି ହାଇସ୍କୁଲ ସାମିଲ କରାଯାଇଛି ସେଥିମଧ୍ୟରୁ କେତୋଟି ସ୍କୁଲରେ କେତେ ଟଙ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି ବିଦ୍ୟାଳୟ ପାଇଁ ଟଙ୍କା ମଞ୍ଜୁର ହୋଇଛି ଏବଂ ଚଳିତ ବର୍ଷ କେତୋଟି ବିଦ୍ୟାଳୟ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ନିମନ୍ତେ ପ୍ରସ୍ତାବ ଅଛି ତାର ବ୍ଲକୱାରୀ ତାଲିକା ସହିତ, ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

### ବିଦ୍ୟାଳୟରେ ସୁବିଧା ପ୍ରଦାନ

839 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗଜପତି ଜିଲ୍ଲାରେ ସମୁଦାୟ କେତୋଟି କେଉଁ କେଉଁ ବର୍ଗର ବିଦ୍ୟାଳୟରେ ଅଦ୍ୟାବଧି ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ଯୋଗାଣ ଇତ୍ୟାଦି ସୁବିଧା ନାହିଁ, ତତସମ୍ବନ୍ଧିୟ ସବିଶେଷ ତଥ୍ୟ ପ୍ରଦାନ କରିବା ସହ ସେ ସମସ୍ତଙ୍କୁ ସମସ୍ତ ସୁବିଧା ତୁରନ୍ତ ଯୋଗାଇଦେବାକୁ ମାନ୍ୟବର ସରକାରଙ୍କଠାରେ ଦାବୀ ଉପସ୍ଥାପନ କରିବେ କି ?

----

### Multiple Classes in Govt. Schools

840 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a)The list of Govt. schools where more than one class is being conducted in a single classroom district-wise and block-wise; The aumber of classrooms available in each such school and the number of classes

conducted therein; (b) The sanctioned working and vacant teacher strength in these School and the reasons for such classroom sharing, including infrastructure shortage, teacher vacancy or school mergers, and the timeline fixed to provide adequate classrooms and teachers?

----

**Status of Forest Rights**

841 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government is aware of alleged violations of Free Prior Informed Consent (FPIC) of Gram Sabhas in connection with forest land diversion for the Sijimali Bauxite Project of M/s Vedanta Ltd., and the action taken thereon; (b) the reasons for non-implementation of Special Gram Sabha resolutions passed during August- September 2024 in villages under Sunger and Talaampadar GPs; The village-wise status of Forest Rights Act claims-filed, recognised and rejected (individual and community)-in Kashipur and Thuamul Rampur blocks?

----

**Plan Prepared by Culture Deptt.**

842 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The details of the plan prepared by the Culture Department for preservation, promotion and development of Cuttack city as a cultural and heritage hub; (b) The activities proposed under the said plan, including heritage conservation, establishment of statues or memorials of prominent personalities, cultural infrastructure, Festivals and Tourism Linkage and the estimated financial outlay, source of funds, implementation timeline and executing agencies for the plan?

----

**Funds Sanctioned in 2024 - 25**

843 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total funds sanctioned during FY 2024-25 and 2025-26 for renovation, repair and upgradation of Government schools in Barabati-Cuttack, with school-wise details of works approved and status; (b) The number and value of proposals under consideration for sanction during the same period; The number of unsafe or dilapidated school buildings identified in Barabati-Cuttack as per official survey and the number of schools requiring urgent upgradation and the timeline fixed for completion ?

----

## New Industrial Project

844 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The detailed list of New industrial projects in Cuttack district that have been started, approved or are under consideration since June 2024, sector-wise; (b) The number of direct employment generated by the industries that have already commenced operations; The expected benefits from the proposed and approved projects, including employment generation development of ancillary industries, skill development, infrastructure growth and overall economic development of the district, along with the proposed timelines for implementation ?

----

## Reservation for Admission

845 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- In light of the 11.25% SEBC reservation for admissions in state Universities and Colleges from the 2025-26 Academic year, what specific compliance timelines and monitoring mechanisms are in place, especially for professional, technical, and medical streams where exclusion has drawn public criticism?

----

## GCC Police -2025

846 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Could the Government furnish a sector wise impact assessment and job creation estimate of the newly approved Global Capability Centre (GCC) Policy 2025, especially plans to extend benefits beyond Bhubaneswar to emerging tier-II cities and Western Odisha?

----

## Teacher Vacancies

847 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What concrete steps has the ST & SC Development Department taken since October 2025 to fill the 293 regular and 369 contractual Teacher vacancies in SSD and EMRS residential schools to ensure compliance with RTE norms and reduce potential dropout risks?

----

## Extension of SEBC Reservation

848 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Following the extension of SEBC reservation to education under sports services, what is the current status of quota integration into sports coaching, academies, and youth services, including district-wise beneficiary data?

----

**AI Impact**

849 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- In the context of Odisha hosting AI impact conferences and regional knowledge events late in December 2025, what targeted skill development programmes have been initiated under the Skill Development & Technical Education Department to prepare youth for GCC and emerging tech jobs?

----

**Research ଓ Innovation କାର୍ଯ୍ୟର ସଫଳ ରୂପାୟନ**

850 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ କେଉଁ ବିଭାଗ /ବିଷୟରେ ଅଧିକ ଗବେଷଣା ଓ ବିକାଶ ପାଇଁ ଆଗ୍ରହ ପ୍ରକାଶ ପାଉଛି; ଛାତ୍ରଛାତ୍ରୀ ମାନଙ୍କର ଆଗ୍ରହକୁ ଦୃଷ୍ଟିରେ ରଖି ନୂତନ ଉଦ୍ଭାବନ ନିମନ୍ତେ Project ଗୁଡ଼ିକର ଉନ୍ନତିପାଇଁ ସରକାର କି ପ୍ରକାର ଗଠନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ;ଏହି Research ଓ Innovation କାର୍ଯ୍ୟର ସଫଳ ରୂପାୟନ ପାଇଁ ସରକାର କେତେ ଟଙ୍କାର ବ୍ୟୟବରାଦ ୨୦୨୪ -୨୫ ରେ କରିଥିଲେ ଏବଂ ସମସ୍ତ ଅର୍ଥ ବ୍ୟୟ ହୋଇଛି କି; ୨୦୨୫ - ୨୬ ବର୍ଷରେ ଯେଉଁ ଟଙ୍କା ବ୍ୟୟ ବରାଦ କରାଯାଇଛି ଆର୍ଥିକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବାର ସମ୍ଭାବନା ଅଛି କି ?

----

**କର୍ମନିଯୁକ୍ତି ପ୍ରଦାନ ପାଇଁ କୋଚିଂ ବ୍ୟବସ୍ଥା**

851 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରଠାରେ କିମ୍ବା ରାଜ୍ୟର ଅନ୍ୟ କେଉଁ ସ୍ଥାନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ମେଧାବୀ ଯୁବକ ଯୁବତୀମାନଙ୍କୁ କର୍ମନିଯୁକ୍ତି ପ୍ରଦାନ ପାଇଁ ସରକାର ସେମାନଙ୍କୁ କୋଚିଂ ଦେବା ବ୍ୟବସ୍ଥା କରିଛନ୍ତି କି ;ଏହା କେଉଁ ମାସଠାରୁ ଚାଲୁ ରହିଛି ଏବଂ ଏଥିପାଇଁ କୋଚିଂ ଦେଉଥିବା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ବର୍ଷୱାରୀ କେତେ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ପ୍ରଥମରୁ ଅଧ୍ୟାବଧି କେତେଜଣ ଛାତ୍ରଛାତ୍ରୀ କେଉଁ ପଦବୀ / ବିଭାଗରେ ନିଯୁକ୍ତି ପାଇଛନ୍ତି ତାର ବର୍ଷୱାରୀ ଏକ ବିବରଣୀ ପ୍ରଦାନ କରିବେ କି; ST ଓ SC ଛାତ୍ରଛାତ୍ରୀମାନଙ୍କ ସହିତ ସଂଖ୍ୟାଲଘୁ ଓ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାର ଏଭଳି ବ୍ୟବସ୍ଥା ପାଇଁ ଯୋଜନା କରୁଛନ୍ତି କି ?

----

## ପ୍ରାରମ୍ଭିକ ତଦନ୍ତ ସମ୍ପର୍କରେ

852 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଭୁବନେଶ୍ୱର ୟୁନିଟ - ୧ ସରକାରୀ ବାଳିକା ବିଦ୍ୟାଳୟର Suspend ହୋଇଥିବା ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ହୋଇଥିବା ଯୌନ ନିର୍ଯ୍ୟାତନା ଅଭିଯୋଗର ବିଭାଗୀୟ ପ୍ରାରମ୍ଭିକ ତଦନ୍ତରେ ଯୌନ ନିର୍ଯ୍ୟାତନାର କିଛି ସୂଚନା ମିଳିଛି କି;Suspend ହୋଇଥିବା ପ୍ରଧାନ ଶିକ୍ଷକ ଏବେ ପୁନଃ ପଦସ୍ଥ ହେଲେଣି କି; ଯଦି ନାଁ କେଉଁ କାରଣ ପାଇଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଷନାମାନୁସାରେ ପୁନଃ ପଦସ୍ଥ ନ ହେବାର କାରଣ କଣ; (ଖ) ସରକାରୀ କାର୍ଯ୍ୟ /ବିଦ୍ୟାଦାନରେ ଅବହେଳା/ ଛାତ୍ର ଛାତ୍ରୀମାନଙ୍କୁ ସଂପୃକ୍ତ ବିଭାଗରେ ଉଚିତ ମାର୍ଗରେ ଶିକ୍ଷାଦାନ ନ କରିବା ଯୋଗୁଁ ପ୍ରଧାନ ଶିକ୍ଷକ ଭୁଲ ସୁଧାରିବା ପାଇଁ ତାଗିଦ କଲେ ଯୌନଉତ୍ପୀଡ଼ନ ମାମଲାରେ ସମ୍ପୃକ୍ତ ହେଉଥିବାରୁ ମହିଳା ଶିକ୍ଷୟତ୍ରୀଥିବା ସ୍କୁଲରେ କେବଳ ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତି କରିବେ କି ?

----

## ଡ଼ାଏରୀ ହୋଇଥିବା ଚିଠି ସଂଖ୍ୟା

853 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳ୍ପନାଛକ ଭୁବନେଶ୍ୱରଠାରେ ଥିବା ସଂସ୍କୃତି ବିଭାଗ କାର୍ଯ୍ୟାଳୟରେ ନଭେମ୍ବର ୨୦୨୫, ମାସରେ ସର୍ବମୋଟ କେତୋଟି ସରକାରୀ ଓ କେତୋଟି ବେସରକାରୀ / ସାଧାରଣ ଲୋକଙ୍କଠାରୁ ପ୍ରାପ୍ତ ଚିଠି ଡ଼ାଏରୀ ହୋଇଛି; ସେଥିମଧ୍ୟରୁ A,B ଓ C ଶ୍ରେଣୀ ଅନୁଯାୟୀ କେତୋଟି ଲେଖାଏଁ ଚିଠି ମିଳିଛି ;ତାରିଖ ଅନୁଯାୟୀ ନଭେମ୍ବର ମାସରେ ୨୦୨୫ ମସିହାରେ କେତୋଟି ଲେଖାଏଁ A ଓ B ଶ୍ରେଣୀର ଚିଠି ଡ଼ାଏରୀ ହୋଇଛି; ଦୈନିକ ଚିଠି ସମାଧାନ ରେଜିଷ୍ଟର ଅନୁଯାୟୀ ଉପବିଭାଗ ଅଧିକାରୀମାନେ ଦୈନିକ କେତୋଟି ଲେଖାଏଁ A ଓ B ଶ୍ରେଣୀର ଚିଠି ଫଇସଲା ପାଇଁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ;୨୦୨୫ ମସିହାରେ, କେଉଁ କେଉଁ ତାରିଖରେ pending position review କରାଯାଇ କେତେ ସଂଖ୍ୟକ ଚିଠି ପ୍ରତ୍ୟେକ review ରେ Assistant ମାନଙ୍କ ପାଖରେ pending ଥିଲା; ଏଥିପାଇଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଡ଼ାଇରିଷ୍ଟ ଚିଠିର ସ୍ଥିତି

854 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ ପୂର୍ବ ଉତ୍ତର ଅନୁଯାଇ Odisha Record Manual 1964 ଓ ସଚିବାଳୟ ନିର୍ଦ୍ଦେଶନାମାରେ ସଂସ୍କୃତି ବିଭାଗ ଭୁବନେଶ୍ୱରର ଡ଼ାଇରିଷ୍ଟ ସାଧାରଣ ଲୋକଙ୍କଠାରୁ ରଖୁଥିବା ପତ୍ରର ନକଲରେ କେବଳ ପ୍ରାପ୍ତି ସ୍ୱୀକାର ଆବଶ୍ୟକ କିମ୍ବା ନକଲ ନଥିଲେ ରସିଦ ଦେବାର ପ୍ରାବଧାନ ଅଛି ;ସମ୍ପୃକ୍ତ ଡ଼ାଇରିଷ୍ଟ ଚିଠିର ସ୍ଥିତି ଉପବିଭାଗକୁ ଗଲାଣି କି ନାହିଁ ଜାଣିବାକୁ ଚାହିଁବାର ଉତକ୍ଷିପ୍ତ ହୋଇ ସାଧାରଣ ଲୋକଙ୍କୁ ସେଠାରୁ ଚାଲିଯିବାକୁ କହୁଥିବା ସତ୍ୟ କି ; OSD ମହାଶୟା ଏଭଳି ଘଟଣାରେ ହସ୍ତକ୍ଷେପ କରିଥିଲେ କି; ସେହି କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି କାର୍ଯ୍ୟ କରୁଛନ୍ତି; ସରକାରଙ୍କ ନିୟମାନୁସାରେ ସେମାନଙ୍କୁ ଯଥାଶୀଘ୍ର ବଦଳିପାଇଁ ପଦକ୍ଷେପ ନେବେ କି ; ପ୍ରତିଷ୍ଠାନ ଅଧିକାରୀଙ୍କ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ନିଯୁକ୍ତି କେଉଁ ଆଧାରରେ ହୋଇଛି ?

----

## କେବଳ କାର୍ଯ୍ୟାଳୟର ବ୍ୟବହାର ପାଇଁ

855 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁସୂଚିତ ଜନଜାତି, ଜାତି ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି ବର୍ତ୍ତମାନ ରାଜ୍ୟରେ ବିଲୁପ୍ତପ୍ରାୟ ଜନଜାତିଙ୍କ ସଂଖ୍ୟା କେତେ ରହିଛି ; ୨୦୦୦ ମସିହାରେ ଏମାନଙ୍କ ଜନସଂଖ୍ୟା କେତେ ଥିଲା ; ବିଲୁପ୍ତପ୍ରାୟ ଜନଜାତିଙ୍କ ପ୍ରଜାତି, ସଂଖ୍ୟା ଓ ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

### କେବଳ କାର୍ଯ୍ୟାଳୟର ବ୍ୟବହାର ପାଇଁ

856 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଆ, ଭାଷା ଓ ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି ରାଜ୍ୟର କେଉଁ କେଉଁ ମହାପୁରୁଷମାନଙ୍କ ଉପରେ ଓଡିଆ ଭାଷା ପୁସ୍ତକମାନଙ୍କ ପ୍ରକାଶିତ ହୋଇଛି; ଏହିସବୁ ପୁସ୍ତକର ଦାମ୍ କେତେ ରହିଛି ଓ ଆଗ୍ରହୀ ବ୍ୟକ୍ତିମାନେ ଏହିସବୁ ପୁସ୍ତକ କେଉଁଠାରୁ ପାଇପାରିବେ ?

----

### ବିଦ୍ୟାଳୟ ସଂଖ୍ୟା

857 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ରହିଛି; ଏହିସବୁ ବିଦ୍ୟାଳୟ ମଧ୍ୟରୁ କେତୋଟି ବିଦ୍ୟାଳୟରେ ବିଜୁଳି, ଶୌଚାଳୟ ଓ ପାନୀୟଜଳ ସୁବିଧା ଉପଲବ୍ଧ ଅଛି; ଏହାର ଏକ ଜିଲ୍ଲାୱାରୀ ଓ ବିଦ୍ୟାଳୟ ୱାରୀ ତାଲିକା ପ୍ରଦାନ କରିବେ କି ?

----

### ଠିକା ଅଧ୍ୟାପକଙ୍କ ସଂଖ୍ୟା

858 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ମହାବିଦ୍ୟାଳୟଗୁଡିକରେ ପାଠ ପଢାଇବା ପାଇଁ କେଉଁ ବିଷୟରେ କେତେ ଜଣ ଠିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ; ଏହିସବୁ ଅଧ୍ୟାପକମାନଙ୍କର ନିଯୁକ୍ତି ସର୍ତ୍ତ ସବୁ କ'ଣ ରହିଛି ; ଗୋଟିଏ ଶ୍ରେଣୀ ପାଇଁ ଅଧ୍ୟାପକମାନଙ୍କୁ କେତେ ପାରିଶ୍ରମିକ ମିଳୁଛି ; ଠିକାରେ ଥିବା ଅଧ୍ୟାପକମାନଙ୍କୁ ଯୋଗ୍ୟତା ଆଧାରରେ ନିୟମିତ କରିବା ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି ; ଯଦି ହଁ, ତେବେ ସେ ସଂକ୍ରାନ୍ତରେ ଉଲ୍ଲେଖ କରିବେ କି ?

----

### ତାପଜ କାରଖାନାର ସଂଖ୍ୟା

859 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତୋଟି ତାପଜ କାରଖାନା ରହିଛି ; ଏହିସବୁ ତାପଜ କାରଖାନାଗୁଡିକରୁ ବର୍ଷକୁ କେତେ ପରିମାଣରେ ପାଉଁଶ ବାହାରୁଛି ; ତାପଜ ପାଉଁଶକୁ ବ୍ୟବହାର କରିବା ପାଇଁ ରାଜ୍ୟରେ କେତୋଟି ଶିଳ୍ପ କେଉଁ ଜିଲ୍ଲାରେ ରହିଛି ତାହାର ଏକ ତାଲିକା ପ୍ରଦାନ କରିବେ କି

----

### ସରକାରୀ ଅନୁଦାନର ପରିମାଣ

860 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛଟେନପାଲି ଗ୍ରାମପଞ୍ଚାୟତ ହାଇସ୍କୁଲ କେବେଠାରୁ ଆରମ୍ଭ ହୋଇଛି ଏବଂ ଏହା କେତେ ସରକାରୀ ଜମି ଏବଂ କେତେ ବେସରକାରୀ ଜମିରେ ଅବସ୍ଥିତ ତାର ବିବରଣୀ ଦେବା ସହିତ ଏହାକୁ ସରକାରୀ ଅନୁଦାନ (grant) କେତେ ମିଳୁଛି ଏବଂ ଏହାର Governing Body କାର୍ଯ୍ୟ କରୁଛି କି ନା, ଯଦି ହଁ ତେବେ ଏଥିରେ କେତେ ଜଣ ସଦସ୍ୟ ଅଛନ୍ତି ସେମାନଙ୍କର ନାମ ଓ ପଦ ପ୍ରକାଶ କରିବେ କି?

----

## ଶିଳ୍ପ ପ୍ରତିଷ୍ଠା ପାଇଁ MOU ସ୍ୱାକ୍ଷର

861 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ କେତୋଟି MOU ସ୍ୱାକ୍ଷର କରିଛନ୍ତି, ସେଥିମଧ୍ୟରୁ କେତୋଟି ଶିଳ୍ପ ତାଙ୍କର କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ କେତୋଟି ଶିଳ୍ପ ଆଦୌ ଅଗ୍ରଗତି ହୋଇନାହିଁ ତାର ଏକ ତାଲିକା ଦେବା ସହିତ କାର୍ଯ୍ୟ ଆରମ୍ଭ କରିଥିବା ଶିଳ୍ପ ପ୍ରତିଷ୍ଠାନ ମାନଙ୍କର ବର୍ତ୍ତମାନର ସ୍ଥିତି କଣ ଓ କେବେ ସୁଦ୍ଧା MOU ହୋଇଥିବା ସମସ୍ତ ଶିଳ୍ପ ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବ ତାହା ଅବଗତ କରାଇବେ କି; (ଖ) MOU ଦସ୍ତଖତ କରିଥିବା ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକ ପାଇଁ କେଉଁ କେଉଁ ଜାଗାରେ କେତେ କେତେ ପରିମାଣର ଜମି ଅଧିଗ୍ରହଣ ହୋଇଛି ?

----

## ବର୍ଦ୍ଧିତ ଭତ୍ତା ପ୍ରଦାନ

862 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସରକାର ୨୦୨୪ ବିଜେପି ଘୋଷଣାପତ୍ରରେ କରିଥିବା ନିର୍ବାଚନୀ ପ୍ରତିଶ୍ରୁତି ଯେଉଁଥିରେ ୬୦-୭୯ ବର୍ଷ ବୟସର ବରିଷ୍ଠ ନାଗରିକ, ବିଧବା ଏବଂ ଦିବ୍ୟାଙ୍ଗ ମାନଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ ତାହା ପୂରଣ କରିବାକୁ ଇଚ୍ଛା ରଖିଛନ୍ତି କି; ଯଦି ହଁ ତେବେ ଏହି ବର୍ଦ୍ଧିତ ଭତ୍ତା ସମଗ୍ର ଓଡ଼ିଶାରେ କେବେ ସୁଦ୍ଧା କାର୍ଯ୍ୟକାରୀ କରାଇବାର ଲକ୍ଷ୍ୟ ରଖିଛନ୍ତି ?

----

## PMAY ଯୋଜନା ଅଧିନରେ ଆବେଦନକାରୀଙ୍କ ସଂଖ୍ୟା

863 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ PMAY ଯୋଜନା ଅଧିନରେ କେତେ ଜଣ ହିତାଧିକାରୀ ଆବେଦନ କରିଛନ୍ତି ଓ ସେଥିମଧ୍ୟରୁ କେତେଜଣଙ୍କ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ତାର ଏକ ତାଲିକା ଦେବା ସହ ଯେଉଁ ହିତାଧିକାରୀ ମାନଙ୍କର ନିଜସ୍ୱ ଜମି ନାହିଁ ସେମାନେ PMAY ଯୋଜନାର ଲାଭ ଉଠିାବାରେ ବିଳମ୍ବ ହେଉଥିବା ଏବଂ ଜଙ୍ଗଲ ଜମିରେ ରହୁଥିବା ହିତାଧିକାରୀ ମାନଙ୍କ FRA ଅନୁମୋଦନରେ ବିଳମ୍ବ ହେଉଥିବା କଥା ସରାକରଙ୍କ ଦୃଷ୍ଟିଗୋଚର ହୋଇଛି କି; ଯଦି ହଁ ତେବେ ଏ ସମ୍ପର୍କରେ ନିୟମ ଗୁଡ଼ିକର ସରଳୀକରଣ କରିବା ପାଇଁ ସରକାର କଣ ପଦକ୍ଷେପ ନେବେ ?

----

## ବୃଦ୍ଧା ଭତ୍ତା ହିତାଧିକାରୀଙ୍କ ସଂଖ୍ୟା

864 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସମୁଦାୟ କେତେଜଣ ବୃଦ୍ଧାଭତ୍ତା ହିତାଧିକାରୀ ଅଛନ୍ତି; ସେମାନଙ୍କ ମଧ୍ୟରୁ ଜିଲ୍ଲା ଓ ବ୍ଲକ ସ୍ତରରେ କେତେ ଜଣ ମୃତ ହୋଇଛନ୍ତି ଓ ସେମାନଙ୍କ ଉତ୍ତରାଧିକାରୀଙ୍କୁ କେତେ ଦିନ ମଧ୍ୟରେ ଭତ୍ତା ପ୍ରଦାନ କରାଯିବାର ନିୟମ ରହିଛି ; ଏଥି ସହିତ ବର୍ତ୍ତମାନ କେତେଜଣ ଉତ୍ତରାଧିକାରୀ ଆବେଦନ କରିଛନ୍ତି ଓ ସରକାର ସେମାନଙ୍କୁ କେବେ ସୁଦ୍ଧା ଭତ୍ତା ପ୍ରଦାନ କରିବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ପଷ୍ଟ କରିବେ କି ?

----

**Annual Budget allocation for PWD welfare on Satyabadi**

865 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What was the annual budget allocation and actual expenditure for PWD welfare in Satyabadi for 2023- 2025; Why is there any underspending and what steps are being taken to fully utilise funds for frontline support; How does SSEPD ensure timely disbursement of pensions and allowances, especially after adoption of DBT (Direct Benefit Transfer) in Satyabadi?

----

**New Translation Policy**

866 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What progress has been made under the new translation policy to bring Odia books to national and international audiences; Could the Govt. publish an annual report with statistics, including translations by writers or institutions based in Satyabadi; What is the strategy for including Satyabadi's literary luminaries and local writers in the state-supported translation and publication programs?

----

**Financial incentive Package to enhance private ITI enrolment**

867 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- As per official records, government ITIs maintain a 95% seat utilisation rate while private ITIs struggle with barely 50% occupancy, with 39,000 seats lying vacant; Given that private ITIs cater to diverse economic backgrounds, what financial incentive package does the Govt. propose to enhance Gout propose to enhance private ITI enrollment; Will the government consider matching the Rs 80,000 annual support provided by states like Assam instead of the current Rs 25,000 limited to ST/SC categories?

----

**Status of Khelo India Centres**

868 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the status of Khelo India Centers approved for Odisha? How many have been operationalised in Puri district? When will the newly approved five KICS in Ganjam, Gajapati, Jharsuguda, Nayagarh and Deogarh be fully functional with hired coaches? (b) What is the current status of Multi-Purpose Indoor Stadiums (MPIS) in Odisha? How many are fully operational and in how many facilities have operators been engaged for maintenance? and Are there any pending Khelo India projects in Puri district or surrounding areas? What are the reasons for delays, if any? What mechanisms exist to ensure that newly constructed block-level stadiums will be maintained and operated efficiently? Who will be responsible for daily management and organisation of competitions? What budget allocation has been made for maintenance, coaching staff and equipment for existing sports facilities in 2025-26?

----

**Number of Community Forest rights Claims Filed**

869 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- As of May 2025, nationally 49.02% of FRA titles have been distributed; What is the specific number of individual and community forest rights claims filed, rejected and pending in Puri district? Which villages in Satyabadi have secured forest rights for livelihood activities like forest produce collection and minor forest products marketing under the Mo Jungle Jami Yojana?

----

**ଶିକ୍ଷକ ପଦବୀ ପୂରଣ**

870 **ଶ୍ରୀ ମାଧବ ଧଡା (ସୋରୋ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରୋ ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ଦୁଇ ଗୋଟି ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଶିକ୍ଷୟିତ୍ରି ଅଭାବରୁ ଛାତ୍ର ଓ ଛାତ୍ରୀମାନଙ୍କର ଶିକ୍ଷାଦାନରେ ଘୋର ଅବ୍ୟବସ୍ଥା ହେଉଥିବ ଖବର ବିଭାଗ ନଜରରେ ଅଛି କି ଯଦି ହଁ ତେବେ, ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଚେଷ୍ଟିତ ଥିବା ବେଳେ କେବେ ସୁଦ୍ଧା ଏହି ଶିକ୍ଷକ ପଦବୀ ଗୁଡିକ ପୂରଣ ହେବ ତାହା ଜଣାଇବେ କି ; ଏଥି ସହିତ ସୋରୋ ଓ ବାହାନଗା ବ୍ଲକରେ ଥିବା ଦୁଇଟି ଆଦର୍ଶ ବିଦ୍ୟାଳୟରେ ଅନୁମୋଦିତ ଶିକ୍ଷକଙ୍କ ସଂଖ୍ୟା କେତେ ଏବଂ ବର୍ତ୍ତମାନ ସେଠାରେ କେତେ ଜଣ ଶିକ୍ଷକ ଅଛନ୍ତି ଓ କେବେସୁଦ୍ଧା ଖାଲିଥିବା ଶିକ୍ଷକ ପଦବୀ ପୂରଣ କରାଯିବ ସହିତ ବିଭାଗୀୟ ସଚିବ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନ କରି ଏକ ତଥ୍ୟ ପ୍ରଦାନ କରିବେ କି? (ଖ ) ସୋରୋ ନିର୍ବାଚନ ମଣ୍ଡଳୀର ଛାତ୍ରଛାତ୍ରୀଙ୍କ ratio ଅନୁଯାଇ କେତେଗୋଟି ବିଦ୍ୟାଳୟରେ ଆବଶ୍ୟକ ଠୁଁ କେତେ ଅଧିକା ଶିକ୍ଷକ ଅଛନ୍ତି ?

----

**କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା**

871 **ଶ୍ରୀ ମାଧବ ଧଡା (ସୋରୋ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱରରେ ଗଢିଉଠିଥିବା ଶିଳ୍ପ ସଂସ୍ଥାରେ କେତେ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, କେଉଁ କେଉଁ ପାହ୍ୟାରେ ନିୟମିତ, ଚୁକ୍ତିଭିତିକ, ଦୈନିକ ମଜୁରୀରେ ଏବଂ ଯଦି ଅନ୍ୟାନ ପ୍ରକାରରେ, ଏମାନଙ୍କ ମଧ୍ୟରେ କେତେ ଓଡିଆ, କେତେ ଜଣ ଓଡିଆ କର୍ମଚାରୀ କାର୍ଯ୍ୟ କରୁଛନ୍ତି; କମ୍ପାନୀୱାରୀ ଏହାର ବିବରଣୀ ପ୍ରଦାନ କରିବେ କି ? (ଖ) ବାଲେଶ୍ୱର ଜିଲ୍ଲାରେ ମୋଟ୍ କେତୋଟି କେଉଁ ପ୍ରକାରର ବୃହତ୍, ମଧ୍ୟମ ଶିଳ୍ପସଂସ୍ଥା ରହିଛି; ଏଗୁଡିକର ନାମ ତାଲିକା ସହିତ ସେହିସବୁ ସଂସ୍ଥାରେ କେତେ ଲୋକ କର୍ମସଂସ୍ଥାନ ପାଇଛନ୍ତି ତାହାର ଏକ ଶିଳ୍ପସଂସ୍ଥାୱାରୀ ତାଲିକା ପ୍ରଦାନ କରିବେ କି ; ଜିଲ୍ଲାରେ ଥିବା ଶିଳ୍ପସଂସ୍ଥାଗୁଡିକରେ ବାଲେଶ୍ୱର ଜିଲ୍ଲାର କେତେ ସଂଖ୍ୟକ ଯୁବକ ଯୁବତୀ କେଉଁ ଶିଳ୍ପରେ ନିଯୁକ୍ତି ପାଇଛନ୍ତି ଶିଳ୍ପ ସଂସ୍ଥା ୱାରୀ ତଥ୍ୟ ପ୍ରଦାନ କରିବେ କି? ବାଲେଶ୍ୱର ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ CSR fund ରୁ କେଉଁ ଶିଳ୍ପ ସଂସ୍ଥା କେଉଁ ଜାଗାରେ କେଉଁ ପ୍ରକଳ୍ପ ମାନ କରିଛନ୍ତି ?

----

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ

872 **ଶ୍ରୀ ମାଧବ ଧଡା (ସୋରୋ)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଆ ଭାଷା ସାହିତ୍ୟର ସୁଦକ୍ଷ ବିନ୍ଧାଣୀ କବିବର ରାଧାନାଥ ରାୟଙ୍କ ଜନ୍ମ ସ୍ଥଳୀ କେଦାରପୁର ଗ୍ରାମ କୁ ବରପୁତ୍ର ଏତିହ୍ୟ ଗ୍ରାମ ଯୋଜନା ରେ ସାମିଲ କରି ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଉକ୍ତ ପ୍ରସ୍ତାବକୁ ସ୍ୱୀକାର ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟ ରେ କରି କାର୍ଯ୍ୟ ଆରମ୍ଭ କରିବା ପାଇଁ DPR ପ୍ରସ୍ତୁତି ସହିତ time line ସମ୍ବଳିତ ଏକ ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି? (ଖ) ସୋର ଅଞ୍ଚଳର ଅନେକ ଲୁକାୟିତ ବରପୁତ୍ର ମାନଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ଦିଗରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି, ଏହି ମର୍ମରେ ସାଧାରଣ ଲୋକଙ୍କର ପ୍ରସ୍ତାବ ଅନୁଯାୟୀ ସୋର ଅଞ୍ଚଳର ଶିକ୍ଷାଗୁରୁ ଓ ୩୪ ଗୋଟି ଶିକ୍ଷା ଅନୁଷ୍ଠାନ ର ପ୍ରତିଷ୍ଠାତା ରୂପେ ପରିଚିତ ସ୍ୱର୍ଗତ ଉପେନ୍ଦ୍ରନାଥ ପ୍ରଧାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ବିଭାଗ ଅର୍ଥ ଖର୍ଚ୍ଚ କରିବା ସହିତ ସୋର ସହରର ପ୍ରମୁଖ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବିଭାଗ ବିଶେଷ ଧ୍ୟାନ ଦେବେ କି ?

----

## ଖେଳ ପ୍ରତିଯୋଗିତା ଆୟୋଜନ ପାଇଁ ବ୍ୟବସ୍ଥା

873 **ଶ୍ରୀ ମାଧବ ଧଡା (ସୋରୋ)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ ) ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଖେଳାଳି ଚୟନ ପାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଞ୍ଚଳିକ ସ୍ତରୀୟ ଖେଳ ପ୍ରତିଯୋଗିତା ଆୟୋଜନ ପାଇଁ ବ୍ୟବସ୍ଥା ଅଛି କି; ଯଦି ହଁ ତେବେ କଣ ବିଧି ବ୍ୟବସ୍ଥା ଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି; ଯଦି ନାଁ ତେବେ ବିଭାଗ ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଚଳିତ ଆର୍ଥିକ ବର୍ଷରେ ବ୍ୟବସ୍ଥା କରିବେ କି? (ଖ ) ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଗ୍ରାମାଞ୍ଚଳରେ ଖେଳ ପ୍ରତି ଆଗ୍ରହ ଥିବା ଯୁବକ ଓ ଯୁବତୀ ମାନଙ୍କୁ ଖେଳ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା ଅଛି କି, ଯଦି ହଁ ତେବେ କଣ ବିଧି ବ୍ୟବସ୍ଥା ଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି? ଯଦି ନାଁ ତେବେ ବିଭାଗ ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଚଳିତ ଆର୍ଥିକ ବର୍ଷରେ ବ୍ୟବସ୍ଥା କରିବେ କି? ସୋରୋ ପୌରପାଳିକାର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରରେ ନିର୍ମାଣଧୀନ Indoor stadium hall ଅଧାପନ୍ତରିଆ ଅବସ୍ଥାରେ ପଡିରହିଥିବାର ସ୍ଥିତାବସ୍ଥା କଣ ସରକାର ଜାଣନ୍ତି କି, ଯଦି ଉତ୍ତର ହଁ ହୁଏ, ତେବେ କେବେ ସୁଦ୍ଧା ଏହା କାର୍ଯ୍ୟାରମ୍ଭ ହେବ ?

----

## ସରକାରୀ ପ୍ରାଥମିକ ବିଦ୍ୟାଳୟର up grade

874 **ଶ୍ରୀ ମାଧବ ଧଡା (ସୋରୋ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଶିକ୍ଷା ବର୍ଷରେ ବାଲେଶ୍ୱର ଜିଲ୍ଲା କେତେଗୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ କେଉଁ ସରକାରୀ ନିୟମ ଆଧାରରେ କେଉଁ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ମୁତାବକ upgrade କରାଗଲା, ସୋରୋ ଗୋଷ୍ଠୀ ଅଧିକାରୀଙ୍କ ପତ୍ର ସଂଖ୍ୟା 2095 ତାରିଖ 23.07.2025 ସୋରୋ ଓ ବାହାନଗା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀକୁ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ Upgrade ପାଇଁ ତଦନ୍ତ ରିପୋର୍ଟ ପ୍ରଦାନ ପରେ ବି ଆଜ ଦିନ ସୁଦ୍ଧା ଉକ୍ତ ବିଦ୍ୟାଳୟକୁ ଉନ୍ନତ ହୋଇନଥିବା ସତ୍ୟ କି, ସତ୍ୟ ହୋଇଥିଲେ ଏହାର କାରଣ କଣ ବିଭଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ପ୍ରଦାନ କରିବେ କି? (ଖ ) ସୋରୋ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକରୁ କେଉଁ କେଉଁ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ କେଉଁ ଆଧାରରେ upgrade (ଉନ୍ନିତ) କରିବାକୁ ଗତ ଶିକ୍ଷା ବର୍ଷରୁ ଅଦ୍ୟ ତାରିଖ ସୁଦ୍ଧା DEO କାର୍ଯ୍ୟାଳୟକୁ ପ୍ରସ୍ତାବ ଆସିଥିଲା ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ଓ DEO ବାଲେଶ୍ୱର ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର Upgrade proposal କୁ ବିଭଗୀୟ ଉଚ୍ଚ ଅଧିକାରୀଙ୍କୁ ପ୍ରେରଣ ନକରିବାର କାରଣ କଣ, DEO ବାଲେଶ୍ୱର ପରବର୍ତ୍ତୀ ପଦକ୍ଷେପ କଣ ହେବ ? 06.10.2025 ତାରିଖରେ ବାଲେଶ୍ୱର ଜିଲ୍ଲାପାଳ DEO ବାଲେଶ୍ୱରକୁ ପତ୍ର ସଂଖ୍ୟା 3976 ଏକ ଚିଠି ପ୍ରଦାନ କରିଥିଲା ବେଳେ ଏହି ଚିଠି ପରେ DEO ବାଲେଶ୍ୱରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଛି?

----

## ଭଲିବଲ ଖେଳାଳିଙ୍କ ପାଇଁ କୋଚିଂ ବ୍ୟବସ୍ଥା

875 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାର ଉତ୍ତର ବାଲେଶ୍ୱର ଅଞ୍ଚଳ ଭଲିବଲ୍ ଖେଳ ପାଇଁ ପ୍ରସିଦ୍ଧ; ବସ୍ତା, ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକର ଭଲିବଲ୍ ଖେଳାଳି ମାନେ ବିଭିନ୍ନ ସମୟରେ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି? ଆଗାମୀ ଦିନରେ ରାଜ୍ୟରେ ଭଲିବଲ୍ ଖେଳର ଏବଂ ଖେଳାଳି ମାନଙ୍କ ଉନ୍ନତି ପାଇଁ ଉତ୍ତର ବାଲେଶ୍ୱରରେ କୋଚିଂ ବ୍ୟବସ୍ଥା ସହିତ ସବୁ ଋତୁରେ ଅଭ୍ୟାସ ଜାରି ରଖିବା ପାଇଁ ସମସ୍ତ ସୁବିଧା ଥିବା ଏକ ସ୍ୱତନ୍ତ୍ର ଭଲିବଲ୍ Indoor Stadium ନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଡ଼ିଗ୍ରୀ ଏବଂ ଡ଼ିପ୍ଲୋମା ଇଞ୍ଜିନିୟରିଂ କଲେଜ ସଂଖ୍ୟା

876 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ କେତେଗୋଟି ଘରୋଇ ଏବଂ ସରକାରୀ ଡିଗ୍ରୀ ଏବଂ ଡିପ୍ଲୋମା ଇଞ୍ଜିନିୟରିଂ କଲେଜ ଅଛି? ଏହି କଲେଜ୍ ଗୁଡ଼ିକର ସମୁଦାୟ ସିଟ୍ ସଂଖ୍ୟା କେତେ ଏବଂ ଗତ ଦୁଇବର୍ଷରେ ବିଭିନ୍ନ ବିଭାଗରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀ ଆଡମିଶନ କରିଥିଲେ ଏବଂ କେତେ ସିଟ୍ ଖାଲି ରହିଥିଲା? ଏଥି ସହିତ ଗତ ତିନିବର୍ଷ ମଧ୍ୟରେ ଏହି କଲେଜଗୁଡ଼ିକର ବିଭିନ୍ନ କମ୍ପାନୀରେ ପ୍ଲେସମେଣ୍ଟର ହାର ପ୍ରଦାନ କରିବେ କି?

----

## ନିରକ୍ଷରଙ୍କୁ ଶିକ୍ଷାଦାନ ବ୍ୟବସ୍ଥା

877 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମସ୍ତଙ୍କୁ ଶିକ୍ଷିତ ବା ସାକ୍ଷର କରାଯିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଉଲ୍ଲାସ ULLAS (Understanding of Lifelong Learning for All in Society) ଯୋଜନାରେ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର କେତେଜଣ ନିରକ୍ଷରଙ୍କୁ ଚିହ୍ନଟ କରାଯାଇ ପଞ୍ଜିକରଣ କରିବା ସହିତ ସେମାନଙ୍କୁ ଶିକ୍ଷାଦାନ ଦେବାର ବ୍ୟବସ୍ଥା କରାଯାଇଛି ତାହାର ଜିଲ୍ଲା ୱାରୀ ଏକ ତଥ୍ୟ ପ୍ରଦାନ କରିବେ କି?

----

## ଆଦିକବି ସାରଳାଦାସଙ୍କ ଜନ୍ମ ଜୟନ୍ତୀ ପାଳନ

878 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଆ ଅସ୍ମିତାର ଅଗ୍ରଗତ୍ୟ ଆଦିକବି ସାରଳା ଦାସଙ୍କର ୬00 ତମ ଜନ୍ମ ଜୟନ୍ତୀ ଚଳିତ ବର୍ଷ ପାଳନହେବାକୁ ଯାଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏତେବେ ଏହାକୁ ସ୍ମରଣୀୟ କରିବା ସହିତ ତାଙ୍କର ସ୍ମୃତିକୁ ପ୍ରଚାର ପ୍ରସାର ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Registered Youth Club ସଂଖ୍ୟା

879 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାରେ କେତେ ସଂଖ୍ୟକ Registered Youth Club କାର୍ଯ୍ୟ କରୁଛନ୍ତି ଏବଂ ଗତ ଦୁଇବର୍ଷ ମଧ୍ୟରେ ସେମାନଙ୍କୁ କଣ ସବୁ ଆର୍ଥିକ କିମ୍ୱା ତାଲିମ ସହାୟତା ଯୋଗାଇ ଦିଆଯାଇଛି ତାହା ଜଣାଇବା ସହିତ ବସ୍ତା ଓ ବାଲିଆପାଳ ବ୍ଲକରେ ଥିବା Registered Youth Club ଗୁଡ଼ିକର ବ୍ଲକୱାରୀ ଏକ ତାଲିକା ପ୍ରଦାନ ସହ ଗତ ଦୁଇବର୍ଷରେ ପାଇଥିବା ଆର୍ଥିକ କିମ୍ୱା ତାଲିମ ସହାୟତା ବାବଦରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି?

----

## ମଞ୍ଜୁରୀ ପ୍ରାପ୍ତ ଶିକ୍ଷକ ପଦବୀ ପୂରଣ

880 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲା ତଥା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକରେ ଥିବା ହାଇସ୍କୁଲ ଗୁଡ଼ିକରେ ଗଣିତ, ବିଜ୍ଞାନ, ଇଂରାଜୀ, ଓଡ଼ିଆ, ହିନ୍ଦୀ, ସଂସ୍କୃତ ଇତ୍ୟାଦି ବିଷୟରେ ମଞ୍ଜୁରୀ ପ୍ରାପ୍ତ ଶିକ୍ଷକଙ୍କ ପଦବୀ କେତେ ଓ ସେଥିମଧ୍ୟରୁ କେତେ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି ଓ କେବେ ସୁଦ୍ଧା ତାହା ପୂରଣ କରାଯିବ ତାହା ଜଣାଇବେ କି? (ଖ) ବାଲେଶ୍ୱର ଜିଲ୍ଲା ତଥା ବସ୍ତା ଓ ବାଲିଆପାଳ ବ୍ଲକରେ କେତେ ସଂଖ୍ୟକ Contractual Junior Teacher ଅଛନ୍ତି ଏବଂ ସେମାନଙ୍କ

----

## ଶିଳ୍ପ ବିହୀନ ବ୍ଲକର ସଂଖ୍ୟା

881 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ବ୍ଲକ ଏକ ଶିଳ୍ପ ବିହୀନ ବ୍ଲକ ଭାବେ ପରିଚିତଞ୍ଚ ନନ୍ଦପୁର ଭଳି ଓଡ଼ିଶାରେ ଆହୁରି କେତେଟି ବ୍ଲକ ଶିଳ୍ପ ବିହୀନ ଅବସ୍ଥାରେ ରହିଛି, ତାହାର ଜିଲ୍ଲାୱାରି ସଂପୂର୍ଣ୍ଣ ତଥ୍ୟ ସରକାରଙ୍କ ପାଖରେ ଅଛି କି? ଏମିତି ଶିଳ୍ପ ବିହୀନ ବ୍ଲକଗୁଡ଼ିକରେ ରୋଜଗାର ସୃଷ୍ଟି ଓ ସ୍ଥାନୀୟ ବିକାଶ ପାଇଁ ଓଡ଼ିଶା ସରକାର ଦ୍ୱାରା ଶିଳ୍ପ ସ୍ଥାପନା କରିବାର କୌଣସି ନିର୍ଦ୍ଦିଷ୍ଟ ଯୋଜନା ରହିଛି କି? ଯଦି ଅଛି, ତେବେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ, ତାହାର ବିବରଣୀ ଉପସ୍ଥାପନ କରିବେ କି?

----

## ମୌଖିକ ସାହିତ ସଂରକ୍ଷଣ ପାଇଁ ଡ଼ିଜିଟାଲ ଡ଼କ୍ୟୁମେନଷ୍ଟେସନ ପ୍ରକଳ୍ପ

882 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଆ ଭାଷାର ଦୁର୍ଲଭ ପୁରାତନ ପାଣ୍ଡୁଲିପି, ଲୋକସାହିତ୍ୟ, ଜନଜାତିୟ ଭାଷା—ଉପଭାଷା ଓ ମୌଖିକ ସାହିତ୍ୟ ସଂରକ୍ଷଣ ପାଇଁ ସରକାର କେଉଁ କେଉଁ ଗବେଷଣା ଓ ଡିଜିଟାଲ୍ ଡକ୍ୟୁମେନଷ୍ଟେସନ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି? ଏହି କ୍ଷେତ୍ରରେ କେତେ ପୁସ୍ତକ/ପାଣ୍ଡୁଲିପି ସଂଗ୍ରହ ଓ ଡିଜିଟାଲିକରଣ କରାଯାଇଛି ?

----

## ନୂଆ ପ୍ରକଳ୍ପର ବିବରଣୀ

883 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଆଦିବାସୀ SC/ST ଓ ସଂଖ୍ୟାଲଘୁ ପ୍ରବଳ ଅଞ୍ଚଳଗୁଡ଼ିକରେ ଛାତ୍ରଛାତ୍ରୀ ହଷ୍ଟେଲ୍, ଆବାସିକ ଆଶ୍ରମ ବିଦ୍ୟାଳୟ ଓ ଅନ୍ୟାନ୍ୟ କଲ୍ୟାଣ ଢାଞ୍ଚାର ଅଭାବ ଥିବା ଅଭିଯୋଗ ରହିଛି ଏହି ଢାଞ୍ଚାଗୁଡ଼ିକ ସୁଦୃଢ଼ କରିବା ପାଇଁ ସରକାର କେଉଁ କେଉଁ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡ଼ିୟମ ନିର୍ମାଣ

884 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଅତିକମରେ ଗୋଟିଏ ମିନି ଷ୍ଟାଡିୟମ୍ ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଖେଳ ପଡ଼ିଆ ନିର୍ମାଣ କରି ଗ୍ରାମସ୍ତରରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ ଓ ବିକାଶ କରିବା ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ଯୋଜନା ଗ୍ରହଣ କରିଛନ୍ତି କି, ଯଦି ହଁ ତେବେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ?

----

## ଗ୍ରାଣ୍ଟ—ଇନ୍-ଏଡ୍ ପ୍ରଦାନ

885 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ସମସ୍ତ ବ୍ଲକରେ ଗ୍ରାଣ୍ଟ-ଇନ୍-ଏଡ୍ ପାଇନଥିବା ବିଦ୍ୟାଳୟଗୁଡ଼ିକୁ ଗ୍ରାଣ୍ଟ—ଇନ୍-ଏଡ୍ ପ୍ରଦାନ କରିବା ପାଇଁ ସରକାର କୌଣସି ନୀତିଗତ ସିଦ୍ଧାନ୍ତ ନେବେ କି, ଏଥିସହ କୋରାପୁଟ ଜିଲ୍ଲାର ବାଳିକା ଶିକ୍ଷା ପାଇଁ ସ୍ଥାପିତ RK Girls High School, Alumina Girls High School ଓ UAN Raju Girls High School କୁ ଗ୍ରାଣ୍ଟ-ଇନ୍-ଏଡ୍ ଅନ୍ତର୍ଗତ ଆଣିବା ପାଇଁ ସରକାର ନିଷ୍ପତ୍ତି ନେବେ କି, ଯଦି ହଁ, ତେବେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ?

----

## ମଞ୍ଜୁରୀପ୍ରାପ୍ତ ପଦବୀର ତାଲିକା

886 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଅବସ୍ଥିତ ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ-ଅନୁଯାୟୀ କେତୋଟି ଶିକ୍ଷକ ଓ ଅଣଶିକ୍ଷକ ମଞ୍ଜୁରୀପ୍ରାପ୍ତ (Sanctioned) ପଦବୀ ରହିଅଛି —ତାହାର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି; (ଖ) ଉକ୍ତ ମଞ୍ଜୁରୀପ୍ରାପ୍ତ ପଦବୀମାନଙ୍କ ମଧ୍ୟରୁ କେତୋଟି ପଦବୀ ବର୍ତ୍ତମାନ ପୂରଣ ହୋଇଅଛି ଏବଂ କେତୋଟି ପଦବୀ ଖାଲି ରହିଅଛି—ତାହାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ-ଭିତ୍ତିକ ବିବରଣୀ ପ୍ରଦାନ କରିବେ କି; ଏବଂ କେଉଁ କେଉଁ ବିଶ୍ୱବିଦ୍ୟାଳୟ ଓ ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟରେ କେତୋଟି ଲେଖାଏଁ ଶିକ୍ଷକ ଓ ଅଣଶିକ୍ଷକ ମଞ୍ଜୁରୀପ୍ରାପ୍ତ ପଦବୀ ଦୀର୍ଘ ସମୟ ଧରି ଖାଲି ରହିଅଛି—ତାହାର ପୃଥକ ପୃଥକ ତାଲିକା ଉପସ୍ଥାପନ କରିବେ କି; ଏବଂ ଉକ୍ତ ସମସ୍ତ ଖାଲି ପଡ଼ିଥିବା ମଞ୍ଜୁରୀପ୍ରାପ୍ତ ପଦବୀଗୁଡ଼ିକୁ କେବେ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ପୂରଣ କରିବା ପାଇଁ ସରକାର କେଉଁ ସ୍ପଷ୍ଟ ସମୟସୀମା ଓ କାର୍ଯ୍ୟଯୋଜନା ନିର୍ଦ୍ଧାରଣ କରିଛନ୍ତି ?

----

## ମାଗଣା ପାଠ୍ୟପୁସ୍ତକ ପ୍ରଦାନ

887 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଘୋଷଣା କରିଥିବା ପରିପ୍ରେକ୍ଷିତରେ, ଓଡ଼ିଆ ମାଧ୍ୟମରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷରୁ ମାଗଣା ପାଠ୍ୟପୁସ୍ତକ ପ୍ରଦାନ ପାଇଁ ସରକାର କେଉଁ କେଉଁ ପଦକ୍ଷେପ ନେଇଛନ୍ତି ବା ନେବାକୁ ଯାଉଛନ୍ତି, (ଖ) ଉକ୍ତ ଉଦ୍ଦେଶ୍ୟ ପାଇଁ ଚଳିତ ଆର୍ଥିକ ବର୍ଷରୁ ବଜେଟରେ କେତେ ଟଙ୍କା ବ୍ୟବସ୍ଥା କରାଯାଇଛି ଏବଂ ସେହି ଅନୁଦାନର ଶିରୋନାମାଭିତ୍ତିକ ବିବରଣୀ କ'ଣ, ଏବଂ ରାଜ୍ୟ ସରକାର ଓଡ଼ିଆ ମାଧ୍ୟମରେ ପଢୁଥିବା ଏକାଦଶ ଶ୍ରେଣୀର ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଲୋକାର୍ପଣ କରିଥିବା ପରିପ୍ରେକ୍ଷିତରେ, ଗ୍ରାମାଞ୍ଚଳର ହଜାର ହଜାର ଗରିବ ଛାତ୍ରଛାତ୍ରୀଙ୍କୁ ଏହି ପୁସ୍ତକଗୁଡ଼ିକ ମାଗଣାରେ ପ୍ରଦାନ କରିବା ପାଇଁ ସରକାର କେଉଁ କେଉଁ ବ୍ୟବସ୍ଥା ନେଇଛନ୍ତି ଏବଂ ଓଡ଼ିଆ ମାଧ୍ୟମରେ ଶିକ୍ଷା ଗ୍ରହଣ ପ୍ରତି ଶିକ୍ଷକ, ଶିକ୍ଷାର୍ଥୀ ଓ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ଓ ଆଗ୍ରହ ସୃଷ୍ଟି କରିବା ପାଇଁ ସରକାର କେଉଁ ପ୍ରକାରର ପ୍ରଚାର, ପ୍ରଶିକ୍ଷଣ ବା ପ୍ରୋତ୍ସାହନମୂଳକ ପଦକ୍ଷେପ ନେଇଛନ୍ତି ?

----

## ମାଗଣା କୋଚିଂ ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା

888 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ଦ୍ୱାରା ଇଂରାଜୀ ମାଧ୍ୟମରେ IAS, OAS, NEET ଓ JEE ପରୀକ୍ଷା ପାଇଁ ଏପର୍ଯ୍ୟନ୍ତ କେତେଜଣ ଛାତ୍ରଛାତ୍ରୀଙ୍କୁ ମାଗଣା କୋଚିଂ ପ୍ରଦାନ କରାଯାଇଛି—ପରୀକ୍ଷାଭିତ୍ତିକ ଓ ବର୍ଷଭିତ୍ତିକ ତଥ୍ୟ ସହ, (ଖ) ଉକ୍ତ ମାଗଣା କୋଚିଂ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର, ଓଡ଼ିଶା ଖଣି ନିଗମ (OMC), ନାଲକୋ (NALCO) ଓ ଅନ୍ୟାନ୍ୟ ସରକାରୀ/ସାର୍ବଜନିକ ଉଦ୍ୟମ ଦ୍ୱାରା ଏପର୍ଯ୍ୟନ୍ତ କେତେ ଟଙ୍କା ବ୍ୟୟ କରାଯାଇଛି—ସଂସ୍ଥାଭିତ୍ତିକ ବିବରଣୀ ସହ, ଏବଂ ଉକ୍ତ କୋଚିଂ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ କେତେଜଣ IAS, OAS, NEET ଓ JEE (Main) ପରୀକ୍ଷାରେ ସଫଳତା ହାସଲ କରିଛନ୍ତି —ପରୀକ୍ଷାଭିତ୍ତିକ ତଥ୍ୟ ସହ ଏବଂ ସେମାନଙ୍କ ନାମ ତାଲିକା ପ୍ରଦାନ କରାଯିବ କି, ଓଡ଼ିଆ ମାଧ୍ୟମରେ ପଢୁଥିବା ଗ୍ରାମାଞ୍ଚଳର ହଜାର ହଜାର ଗରିବ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ମାଧ୍ୟମରେ IAS, OAS, NEET ଓ JEE ପରୀକ୍ଷା ପାଇଁ ମାଗଣା କୋଚିଂ ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର କେଉଁ କେଉଁ ନୀତିଗତ, ଆର୍ଥିକ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଯାଉଛନ୍ତି ?

----

## JSW ଶିଳ୍ପ ପ୍ରକଳ୍ପ ପାଇଁ ଯୋବ୍ରାରୁ ପାଣି ଆଣିବାର ବ୍ୟବସ୍ଥା

୪୬୨ **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏରସମା ତହସିଲର ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତ ଅଞ୍ଚଳରେ ନିର୍ମାଣାଧୀନ JSW ଶିଳ୍ପ ପ୍ରକଳ୍ପ ସମ୍ବନ୍ଧରେ କମ୍ପାନୀର ପ୍ରି-ଫିଜିବିଲିଟି ରିପୋର୍ଟ ଅନୁଯାୟୀ ଯୋବ୍ରା ବ୍ୟାରେଜରୁ ପାଣି ଆହରଣ କରିବାର ବ୍ୟବସ୍ଥା ଥିବା ସତ୍ତ୍ୱେ, ଏପର୍ଯ୍ୟନ୍ତ କମ୍ପାନୀ ଯୋବ୍ରାରୁ ପାଣି ଆଣିବାର ବ୍ୟବସ୍ଥା କରାନଯିବାର କାରଣ କଣ, (ଖ) କମ୍ପାନୀକୁ କେବଳ ୨ଟି ଟ୍ୟୁବୱେଲ ଖନନ ପାଇଁ ଅନୁମତି ମିଳିଥିବା ବେଳେ, ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଅନୁଯାୟୀ ଶତାଧିକ ଟ୍ୟୁବୱେଲ ଖନନ କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଭୂତଳ ଜଳ ବ୍ୟବହାର କରାଯାଉଥିବା ଅଭିଯୋଗ ସମ୍ପର୍କରେ ସରକାରଙ୍କ ପାଖରେ କି ତଥ୍ୟ ରହିଛି ଏବଂ ଏଥିପ୍ରତି ସରକାର କେଉଁ କେଉଁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, ଏବଂ ଗତ ତା. 10.11.2021 ରିଖରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ, ପ୍ରକଳ୍ପ ପ୍ରଭାବିତ ପଞ୍ଚାୟତମାନଙ୍କର ଜନପ୍ରତିନିଧି, ଜଙ୍ଗଲ କମିଟି ମୁଖ୍ୟ ଓ ଜିନ୍ଦଲ/JSW କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ମିଳିତ ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରକଳ୍ପ ପ୍ରଭାବିତ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତର ପ୍ରତ୍ୟେକ ପରିବାରରୁ 18—32 ବର୍ଷ ବୟସ ସୀମାରୁ ଯୁବକ/ଯୁବତୀଙ୍କୁ ନିଯୁକ୍ତି ଦେବାକୁ ସମ୍ମତି ହୋଇଥିବା ସତ୍ତ୍ୱେ, ବର୍ତ୍ତମାନ କମ୍ପାନୀ 18-26 ବର୍ଷ ବୟସ ସୀମାରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ନ କରିବାର କାରଣ କଣ ?

----

## ଆୟୋଜନ ହୋଇଥିବା ଲିଖିତ/ମୌଖିକ ପରୀକ୍ଷାର ବିବରଣୀ

୪୭୦ **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଜୁନ୍ 2024 ଠାରୁ ଅଦ୍ୟାବଧି ପର୍ଯ୍ୟନ୍ତ ରାଜ୍ୟରେ ନିଯୁକ୍ତି ଉଦ୍ଦେଶ୍ୟରେ ଓଡ଼ିଶା ଲୋକସେବା ଆୟୋଗ (OPSC) ଓ ଷ୍ଟେଟ୍ ସେଲେକ୍ସନ୍ ବୋର୍ଡ (SSB) ଦ୍ୱାରା କେତୋଟି ଲିଖିତ/ମୌଖିକ ପରୀକ୍ଷା ଆୟୋଜନ କରାଯାଇଛି —ବିଭାଗଭିତ୍ତିକ, ପଦଭିତ୍ତିକ ଓ ତାରିଖଭିତ୍ତିକ ସବିଶେଷ ବିବରଣୀ ସହ, (ଖ) ଉକ୍ତ ସମୟସୀମାରେ ଯଦି OPSC ଓ SSB ଦ୍ୱାରା ନିଯୁକ୍ତି ପରୀକ୍ଷା ଆୟୋଜନ କରାଯାଇନଥାଏ କିମ୍ବା ଅତ୍ୟନ୍ତ ସୀମିତ ଭାବରେ କରାଯାଇଥାଏ, ତେବେ ତାହାର ପ୍ରଶାସନିକ, ଆର୍ଥିକ କିମ୍ବା ନୀତିଗତ କାରଣ କ'ଣ—ସେଥିରେ ସ୍ପଷ୍ଟ ଓ ଲିଖିତ ବ୍ୟାଖ୍ୟା ଉପସ୍ଥାପନ କରାଯିବ କି ଏବଂ ନିଯୁକ୍ତି ପରୀକ୍ଷା ବିଳମ୍ବ ହେବା ଫଳରେ ରାଜ୍ୟର ହଜାର ହଜାର ଯୁବକ-ଯୁବତୀ ଯେଉଁ ଭାବରେ ଚାକିରି ଅନିଶ୍ଚୟତା ଓ ଆର୍ଥିକ ଅସୁରକ୍ଷାର ସମ୍ମୁଖୀନ ହେଉଛନ୍ତି, ସେଥିପାଇଁ ସରକାର କେଉଁ ଦାୟିତ୍ୱ ନେଉଛନ୍ତି ଏବଂ ଆଗାମୀ 6—12 ମାସ ମଧ୍ୟରେ OPSC ଓ SSB ଦ୍ୱାରା ନିଯୁକ୍ତି ପରୀକ୍ଷାର ଏକ ସ୍ପଷ୍ଟ କ୍ୟାଲେଣ୍ଡର ଘୋଷଣା କରିବାକୁ ସରକାର ପ୍ରସ୍ତୁତ କି ?

----

## ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଉପକରଣ ଯୋଗାଣ

891 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମସ୍ତ ବର୍ଗର ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଂପର୍କରେ ସବିଶେଷ ଆକଳନ ବା ସର୍ଭେ କେବେ କାହା ମାଧ୍ୟମରେ କରାଯାଇଛି; ସେହି ଆକଳନ ଅନୁସାରେ ବର୍ତ୍ତମାନ କେଉଁ ବର୍ଗରେ କେତେ ସଂଖ୍ୟକ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି; ସେଥିମଧ୍ୟରୁ କେତେ ମହିଳା ଓ ପୁରୁଷ, ସେମାନଙ୍କ ମଧ୍ୟରେ କେତେ ଅନୁସୂଚିତ ଜାତି, ଜନଜାତି ଓ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ସେ ନେଇ ମୟୁରଭଞ୍ଜ ଜିଲ୍ଲା ତଥ୍ୟ ଦେବେ କି; ମୟୁରଭଞ୍ଜର ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିମନ୍ତେ ମୋଟ କେତେ କୃତ୍ରିମ ଅଙ୍ଗ, ଉପକରଣ ଆବଶ୍ୟକ, କେତେ ଉପକରଣ ନିୟମିତ ରୂପେ ଦରକାର, ଅଦ୍ୟାବଧି କେତେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କେତେ କୃତ୍ରିମ ଉପକରଣ ଯୋଗାଇ ଦିଆଯାଇଛି, ରାଜ୍ୟ ଓ ରାଜ୍ୟ ବାହାରର କେଉଁ ସଂସ୍ଥା ବାର୍ଷିକ କେତେ ସଂଖ୍ୟକ ଓ କେତେ ମୂଲ୍ୟର ଉପକରଣମାନ ଯୋଗାଉଛନ୍ତି ତାର ବ୍ଲକ ୱାର ବିବରଣୀ ଦେବେ କି ?

----

## ଆଦିବାସୀ ଉନ୍ନୟନ ବିଭାଗର School ମାନଙ୍କରେ ଥିବା ସର୍ବମୋଟ ପିଲା ସଂଖ୍ୟା

892 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ସର୍ବମୋଟ କେତୋଟି ଆଦିବାସୀ ଉନ୍ନୟନ ବିଭାଗର School ରହିଛି ଯଥା High School, Primary School ଏବଂ Upper Primary School ଇତ୍ୟାଦି, ଉକ୍ତ School ମାନଙ୍କରେ ସର୍ବମୋଟ କେତେ ପିଲା ପାଠ ପଢୁଛନ୍ତି, ସେମାନଙ୍କ ତୁଳନାରେ ଶିକ୍ଷକଙ୍କ ସଂଖ୍ୟା କେତେ ରହିବା କଥା ବର୍ତ୍ତମାନ କେତେ ସଂଖ୍ୟକ ଶିକ୍ଷକ କାର୍ଯ୍ୟରତ ଅଛନ୍ତି; ତାହାର ସ୍କୁଲ ଓ ବ୍ଲକୱାରୀ ତାଲିକା ଦେବେ କି, ଆଉ ଯେଉଁ School ମାନଙ୍କରେ ଶିକ୍ଷକଙ୍କ ସଂଖ୍ୟା Ratio ଅନୁଯାୟୀ ନାହାନ୍ତି ସେହି ଯାଗାରେ ଶିକ୍ଷକ ନିଯୁକ୍ତି କେବେ ସୁଦ୍ଧା କରିବେ ?

----

## Dilapidated Condition ରେ ପ୍ରାଥମିକ ବିଦ୍ୟାଳୟର ତାଲିକା

893 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ରେ କେଉଁ ପ୍ରାଥମିକ ବିଦ୍ୟାଳୟ Dilapidated Condition ରେ ଅଛି, ତାଲିକା ଦେବା ସହ ଗତ ୨ ବର୍ଷରେ କେତେ ଅର୍ଥ ବାଙ୍ଗିରିପୋଷି ନିର୍ବାଚନର କେଉଁ ବିଦ୍ୟାଳୟକୁ ମରାମତି ଓ ଅତିରିକ୍ତ ପକ୍କା ଶ୍ରେଣୀ ଗୃହର ବ୍ୟବସ୍ଥା କରିବା ପାଇଁ ସରକାରଙ୍କର ଠାରୁ ପ୍ରଦାନ କରାଯାଇଛି ତାହା କହିବେ କି, ମରାମତି ଓ ଅତିରିକ୍ତ ପକ୍କା ଶ୍ରେଣୀ ଗୃହର ପ୍ରକଳ୍ପ କେଉଁ ଯନ୍ତ୍ରୀ (TC) ଦ୍ୱାରା କାର୍ଯ୍ୟ ଗତ ୨ ବର୍ଷରେ ପ୍ରଦାନ କରାଯାଇଛି ତାହାର ବିବରଣୀ ଦେବା ସହ କେତେ ଅର୍ଥ ସାମଗ୍ରୀ ଯୋଗାଣରେ କାହାକୁ ପ୍ରଦାନ କରାଯାଇଛି ?

----

## PM SHRI କରାଯାଇଥିବା ଉଚ୍ଚ ବିଦ୍ୟାଳୟ ସମ୍ପର୍କରେ

894 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେଉଁ ଉଚ୍ଚ ବିଦ୍ୟାଳୟକୁ PM SHRI କରାଯାଇଅଛି ଓ ଆଉ କେଉଁ ଉଚ୍ଚ ବିଦ୍ୟାଳୟକୁ PM SHRI କରାଯିବାର ଅଛି ତାହାର ଏକ ତାଲିକା ପ୍ରଦାନ କରିବେ କି, PM SHRI ବାବଦରେ କେଉଁ ଉଚ୍ଚ ବିଦ୍ୟାଳୟ କୁ କେତେ ଟଙ୍କା ଅନୁମୋଦନ ହୋଇଛି କେତେ ଟଙ୍କା ଖର୍ଚ୍ଚ ହୋଇଛି ବର୍ଷ ୱାରୀ ପ୍ରଦାନ ସହ ଖର୍ଚ୍ଚ ର ବିବରଣୀ ପ୍ରଦାନ କରିବେ କି, ଖର୍ଚ୍ଚ ହୋଇଥିବା ଅର୍ଥ ରାଶି କେଉଁ କେଉଁ ବାବଦରେ ପ୍ରଦାନ କରାଯାଇଛି ତାହାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ମହାବିଦ୍ୟାଳୟକୁ ଶ୍ରେଣୀ ଗୃହ ନିମନ୍ତେ ଅର୍ଥ ବ୍ୟବସ୍ଥା

**୫୨୨ କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା କେଉଁ ମହାବିଦ୍ୟାଳୟକୁ ଗତ ୫ ବର୍ଷରେ କେତେ ଅର୍ଥ ରାଶି କେଉଁ ବାବଦରେ ପ୍ରଦାନ କରାଯାଇଛି ଓ କେତେ ଅର୍ଥ ରାଶି କେଉଁ ବାବଦରେ ଖର୍ଚ୍ଚ ହୋଇଛି ତାହାର ଏକ ବିବରଣୀ ମହାବିଦ୍ୟାଳୟ ୱାରୀ ପ୍ରଦାନ କରିବା ସହ ଯେଉଁ ମହାବିଦ୍ୟାଳୟରେ ଶ୍ରେଣୀ ଗୃହ ର ଆବଶ୍ୟକ ରହିଛି ସେହି ମହାବିଦ୍ୟାଳୟ କୁ ଶ୍ରେଣୀ ଗୃହ ନିମନ୍ତେ ଅର୍ଥ ଯୋଗାଇବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## MITSର ନିଜସ୍ୱ ଜମିର ପରିମାଣ

**୫୨୬ ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲା MITS ଇଞ୍ଜିନିଅରିଂ କଲେଜର ଭିତ୍ତିଭୂମି ବର୍ତ୍ତମାନ କେତେ ଏକର ଜମିରେ ଗଢି ଉଠିଛି, କେତେ ଜମିକୁ ନେଇ ପ୍ରଥମେ ଇଞ୍ଜିନିଅରିଂ କଲେଜ ଗଢି ଉଠିଥିଲା, ପର୍ଯ୍ୟାୟ କ୍ରମେ ବର୍ତ୍ତମାନ କେତେ ଜମିରେ ଏହା ରହିଛି, ସେଥିମଧ୍ୟରୁ MITSର ନିଜସ୍ୱ ଜମି କେତେ ରହିଛି, ବାକି କେତେ ପରିମାଣରେ ସରକାରୀ ଜମି, କେତେ ଭୂଦାନ ଜମି, କେତେ ଆଦିବାସୀ ଜମି, କେତେ ଦଳିତ ଜମି ଏବଂ କେତେ ଗୋଚର ଜମି ଦଖଲରେ ରହିଛି କି, ସେ ସବୁର ପ୍ଲଟ ନମ୍ବର, ଖାତା ନମ୍ବର, ମୌଜା, ମାଲିକାନା ପ୍ରଦାନ କରିବେ କି, ସରକାରୀ ଜମି ବା ଜଙ୍ଗଲ ଜମିରେ କିଛି ବସ୍ତି ବା ଘର ଥିଲା କି, ଜଙ୍ଗଲ ଅଧିକାର ଆଇନ ପ୍ରକାରେ ଗୋଷ୍ଠିଗତ ବା ବ୍ୟକ୍ତି ବିଶେଷକୁ ପଟ୍ଟା ଦିଆଯାଇଥିଲା କି, ଯଦିଓ ଥିଲା ତେବେ ସେମାନଙ୍କ ନାମ ଠିକଣା ଏବଂ ସେହି ଜମି ମାଲିକଙ୍କୁ କଣ ଥଇଥାନ କରାଯାଇଛି ବିବରଣୀ ଉପସ୍ଥାପନ କରିବେ କି ?

----

## ଶିକ୍ଷକ/ ଶିକ୍ଷୟିତ୍ରୀ ବଦଳି ଏବଂ ଡେପୁଟେସନର ତାଲିକା

**୫୨୭ ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଜାନୁଆରୀ ୨୦୨୫ ଠାରୁ ଆଜି ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ ବଦଳି ଏବଂ ଡେପୁଟେସନର ତାଲିକା ପ୍ରଦାନ କରିବା ସହ କେତେଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଆବଶ୍ୟକତା ଥିବା ଷ୍ଟି ବିଦ୍ୟାଳୟରୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ସୁହାଇଲା ଭଳି ସ୍ଥାନରେ ଡେପୁଟେସନ୍ କିମ୍ବା ବଦଳିରେ ନିଯୁକ୍ତି ଦିଆଯାଇଛି ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଆଜି ସୁଦ୍ଧା କେତେଜଣ ଶିକ୍ଷକ/ଶିକ୍ଷୟିତ୍ରୀ ବିଭିନ୍ନ ଅସୁବିଧା ନେଇ ଡେପୁଟେସନ୍ କିମ୍ବା ବଦଳି ପାଇଁ ଆବେଦନ କରିଛନ୍ତି ଏହାର ସମ୍ପୂର୍ଣ୍ଣ ତାଲିକା ସହ ବର୍ତ୍ତମାନ ଏହାର ସ୍ଥିତି କଣ ରହିଛି, ଜିଲ୍ଲାର କେଉଁ କେଉଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି, ଛାତ୍ରଛାତ୍ରୀଙ୍କ ଅନୁପାତରେ ସୁଧାର ଆଣିବା ପାଇଁ ସରକାର କେଉଁ ପଦକ୍ଷେପ ନେଉଛନ୍ତି ?

----

## ସ୍ୱେଚ୍ଛାସେବୀ ସଂଗଠନକୁ ଅର୍ଥ ପ୍ରଦାନ

୪୨୮ **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ ୨୦୨୦-୨୧ ଠାରୁ ଆଜି ସୁଦ୍ଧା ରାଜ୍ୟର ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନଙ୍କ ପାଇଁ କାର୍ଯ୍ୟକରୁଥିବା କେଉଁ କେଉଁ ସ୍ୱେଚ୍ଛାସେବୀ ସଂଗଠନଙ୍କୁ କେତେ ଅର୍ଥ ଦିଆଯାଇଛି ବର୍ଷ ୱାରୀ ସୂଚନା ଦେବେ କି, ସେହି ସ୍ୱେଚ୍ଛାସେବୀ ଅନୁଷ୍ଠାନ କେଉଁ କେଉଁ କାର୍ଯ୍ୟ କେଉଁ ଜିଲ୍ଲାରେ କରୁଛନ୍ତି, ସେହିପରି ଆର୍ଥିକ ବର୍ଷ ୨୦୨୪-୨୫ ଠାରୁ ୨୦୨୫-୨୬ ମଧ୍ୟରେ କେଉଁ କେଉଁ Central PSU ମାନଙ୍କୁ କେଉଁ ପ୍ରକଳ୍ପ କେତେ ଟଙ୍କାର ଦିଆଯାଇଛି ଅବଗତ କରାଇବେ କି, SSEPD ତରଫରୁ ୨୦୨୫ ଜୁଲାଇ ମାସରୁ କେତୋଟି Procurement ନିମନ୍ତେ ଟେଣ୍ଡର ବା ବିଜ୍ଞପ୍ତି ପ୍ରକାଶ ପାଇଛି, ସେହି ଟେଣ୍ଡର କେଉଁ କେଉଁ ଉଦ୍ୟୋଗ ସଂସ୍ଥା ଗୁଡିକ ଆବେଦନ କରିଥିଲେ ସେମଧ୍ୟରୁ କେଉଁ ଉଦ୍ୟୋଗ ସଂସ୍ଥାକୁ Directorate of Export Promotion & Marketing (DEPM) ଦର ଠାରୁ କେତେ ଦରରେ ଯୋଗାଇଛନ୍ତି ?

----

## ମିନି ଷ୍ଟାଡିୟମ ବାବଦ ଖର୍ଚ୍ଚ

୪୨୨ **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ଆଜି ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାର କେଉଁ ବ୍ଲକକୁ କେତେ ଟଙ୍କା ମିନି ଷ୍ଟାଡିୟମ ବାବଦରେ ଖର୍ଚ୍ଚ କରାଯାଇଛି ବର୍ଷୱାରୀ ଅବଗତ କରାଇବେ କି, କେଉଁ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଥିଲା, କେଉଁ ସ୍ଥାନରେ କରାଯାଇଛି, ସେହି ବିଭାଗ କାର୍ଯ୍ୟ ସମାପ୍ତ ପରେ ବିଭାଗକୁ UC (Utilization Certificate) ଦେଇଛନ୍ତି କି, ବ୍ଲକ ଏବଂ ବର୍ଷୱାରୀ UCର ତଥ୍ୟ ପ୍ରଦାନ କରିବେ କି, ବର୍ତ୍ତମାନ ଏହାର ସ୍ଥିତି କଣ, ପ୍ରତ୍ୟେକ କାର୍ଯ୍ୟର ଅକ୍ଷାଂଶ ଦ୍ରାଘିମା ଥିବା ଫଟୋ କାର୍ଯ୍ୟ ପୂର୍ବରୁ କାର୍ଯ୍ୟ ସମାପ୍ତ ପରେ ନିଆଯାଇଥିବା ଫଟୋର ନକଲ କରିବା ହେବେ କି, (ଖ) ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ଆଜି ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାର କେଉଁ ବ୍ଲକ, ପୌରପରିଷଦ, ବିଜ୍ଞାପିତ ପରିଷଦକୁ କେତେ ଟଙ୍କା ଖେଳ ସାମଗ୍ରୀ ବାବଦରେ ଖର୍ଚ୍ଚ କରାଯାଇଛି ବର୍ଷୱାରୀ ଅବଗତ କରାଇବେ କି, କେଉଁ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଥିଲା, କେଉଁ ଅନୁଷ୍ଠାନ, ଗୋଷ୍ଠୀ, ବିଦ୍ୟାଳୟ, ମହାବିଦ୍ୟାଳୟରେ କରାଯାଇଛି, ସେହି ସାମଗ୍ରୀ କେଉଁ ଠାରୁ କ୍ରୟ କରାଯାଇଥିଲା, ବର୍ତ୍ତମାନ ଏହାର ସ୍ଥିତି କଣ?

----

## ବନ୍ଦ ହୋଇଥିବା ବିଦ୍ୟାଳୟର ସଂଖ୍ୟା

୨୦୦ **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଅଦ୍ୟାବଧି କେଉଁ କେଉଁ ଜିଲ୍ଲାରେ କେତୋଟି ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକ କେଉଁ ତାରିଖରୁ, କେଉଁ କାରଣରୁ ବନ୍ଦ ହୋଇଛି ଅବଗତ କରାଇବେ କି, (ଖ) ଭୁବନେଶ୍ୱର ଏବଂ କଟକ ଠାରେ କେତୋଟି ବେସରକାରୀ ବିଦ୍ୟାଳୟ ରହିଛି, କେଉଁ ବିଦ୍ୟାଳୟରେ କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସରକାରଙ୍କ RTE ନିୟମକୁ କେଉଁ କେଉଁ ବେସରକାରୀ ବିଦ୍ୟାଳୟ ପାଳନ କରୁନାହାନ୍ତି ସୂଚନା ଦେବେ କି, ଏହା ସହିତ ୨୦୨୪-୨୫ ଓ ୨୦୨୫-୨୬ ମସିହାରେ କେଉଁ କେଉଁ Central Public Sector Undertaking ମାନଙ୍କୁ କେତେ ଟଙ୍କାର କେଉଁ ପ୍ରକଳ୍ପ ଦିଆଯାଇଛି ?

----

## ଭଲିବଲ ଖେଳାଳିଙ୍କ ପାଇଁ ତାଲିମ

901 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଭଲିବଲ ଖେଳ ପସନ୍ଦ କରନ୍ତି, ଯଦି ସରକାର କୋଚ ଏବଂ ଉତ୍ସାହ ଦେଇ ଗାଁରୁ ବ୍ଲକ, ବ୍ଲକରୁ ଜିଲ୍ଲା, ଜିଲ୍ଲାରୁ ରାଜ୍ୟ, ରାଜ୍ୟରୁ ଦେଶ ପର୍ଯ୍ୟନ୍ତ ଖେଳାଳି ସୃଷ୍ଟି ହେବା ପରି ସାର୍ମର୍ଥ୍ୟ ଅଛି, ସରକାର ଉପଯୁକ୍ତ ତାଲିମ ଦେଇ କିଛି ଖେଳାଳୀ ସୃଷ୍ଟି କରିବେ କି ?

----

## ଯୋଗାଯାଇଥିବା ସାମଗ୍ରୀର ସବିଶେଷ ତଥ୍ୟ

902 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଓ କୋରାପୁଟ ଜିଲ୍ଲାର କେଉଁ କେଉଁ ସ୍କୁଲ ଓ ହଷ୍ଟେଲରେ ଟିଭି, କମ୍ପ୍ୟୁଟର ଆଦି ବୈଦ୍ୟୁତିକ ସାମଗ୍ରୀ ଯୋଗାଇ ଦିଆଯାଇଛି ବିଗତ ତିନି ବର୍ଷର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ନିୟୋଜିତ ସଂସ୍ଥାର ସଂଖ୍ୟା

903 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାରେ ଦକ୍ଷତା ବିକାଶ ପାଇଁ କେତେ ଜଣ ସଂସ୍ଥା ନିୟୋଜିତ ହୋଇ କେତେ ପିଲାମାନଙ୍କୁ ଦକ୍ଷତା ବୃଦ୍ଧି କରାଇ କେତେ ଜଣଙ୍କୁ ପ୍ଲେସମେଣ୍ଟ କରାଯାଇଛି, ବିଗତ ତିନି ବର୍ଷର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ସି.ଏସ୍.ଆର ପାଣ୍ଠିରେ ଅର୍ଥ ପ୍ରଦାନ

904 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାକୁ ସି.ଏସ୍.ଆର ପାଣ୍ଠିରେ କେଉଁ କେଉଁ କମ୍ପାନୀ/ସଂସ୍ଥା କେତେ ଅର୍ଥରେ ପ୍ରଦାନ କରିଛନ୍ତି; କେଉଁ କାର୍ଯ୍ୟ ହେଉଛି/ହେବାକୁ ଅଛି; Azim Premji Foundation ସହ ହୋଇଥିବା MoU ର ତଥ୍ୟ ପ୍ରଦାନ କରିବେ କି; Azim Premji Foundation ଦ୍ୱାରା ହୋଇଥିବା କାର୍ଯ୍ୟର କେଉଁ ସରକାରୀ ଅଧିକାରୀଙ୍କ ଦ୍ୱାରା ତଦାରଖ ହେଉଛି, ବିଗତ ତିନି ବର୍ଷର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି; CSR ଅର୍ଥ ବିନିଯୋଗର ପ୍ରମାଣ ପତ୍ର ପ୍ରଦାନ କରିବେ କି ?

----

## ପଦବୀ ପୂରଣ

905 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଶିକ୍ଷା ବିଭାଗ ଅଧିନରେ କେତେ ପଦ ଖାଲି ଅଛି ଏବଂ ଖାଲିଥିବା ପଦବୀଗୁଡିକୁ ପୂରଣ ପାଇଁ ସରକାର କି ପଦକ୍ଷେପ ନେବେ ?

----

## ଗଣଶିକ୍ଷକଙ୍କୁ ନିୟମିତ କରାଯିବା ସମ୍ପର୍କରେ

906 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶିକ୍ଷା ସ୍ୱେଚ୍ଛାସେବୀ ଭାବରେ କାମ କରିବା ପରେ ରାଜ୍ୟ ସରକାର 2008 ମସିହାରେ ବିଦ୍ୟାଳୟ ମାନଙ୍କରେ ସେହି ସ୍ୱେଚ୍ଛାସେବୀ ମାନଙ୍କୁ ଗଣଶିକ୍ଷକ ଭାବରେ ଥଇଥାନ ଯୋଜନାରେ ନିଯୁକ୍ତି ଦେଲେ, ପରବର୍ତ୍ତୀ ସମୟର ଗଣଶିକ୍ଷକଙ୍କ ନିୟମିତ କରିବା ପାଇଁ 25/07/2016 ରେ GO ବାହାରକଲେ କିନ୍ତୁ ପରବର୍ତ୍ତୀ ସମୟରେ 22/12/2016 ରିଖରେ Modality ପ୍ରକାଶ କରି ସେଥିରେ Ex-Cader ଲଗାଇଦେଲେ ସମାନ କାମକୁ ସମାନ ଦରମା ଦ୍ୱାହି ଦେବା ଓ ଶିକ୍ଷା ସହାୟକ Vacancy ରେ ନିଯୁକ୍ତି ଦେବାସତ୍ତ୍ୱେ ଗଣଶିକ୍ଷକ ମାନଙ୍କୁ Ex-Cader ଲଗାଯିବାର କାରଣ କଣ ଓ କେବେ ଗଣଶିକ୍ଷକ ମାନଙ୍କୁ ଲଗାଯାଇଥିବା Ex-Cader ଉଚ୍ଛେଦ କରି Cader ଭୁକ୍ତ କରିବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମିନି ଷ୍ଟାଡିୟମ ପାଇଁ ପ୍ରସ୍ତାବ

907 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ମିନି ଷ୍ଟାଡିୟମ କରିବା ପାଇଁ ପ୍ରସ୍ତାବ ଅଛି କି ଯଦି ହଁ ଏହା କେବେ କାର୍ଯ୍ୟକାରୀ ହେବ ?

----

## Free Dress ପାଇଁ ଖର୍ଚ୍ଚ

908 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲାର ସମସ୍ତ ସ୍କୁଲ କୁ ଦିଆଯାଉଥିବା Free Dress ପାଇଁ କେତେ ଖର୍ଚ୍ଚ ହୋଇଛି, ବିଗତ ତିନି ବର୍ଷର ହିସାବ ବର୍ଷ ୱାରୀ ବ୍ଲକ ୱାରୀ ଦେବେ କି, କେଉଁ Agency ଦ୍ୱାରା ଚଳିତ ବର୍ଷ ଉକ୍ତ ଖର୍ଚ୍ଚ କରାଯାଉଛି ?

----

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଅନୁଦାନ ଆବଣ୍ଟନ

909 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ଅନୁସୂଚିତ ଜାତି ଜନଜାତି ବିଭାଗ ଅନ୍ତର୍ଗତ ରାୟଗଡା ଜିଲ୍ଲାର ଦୁଇଟି ଯାକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଚଳିତ ବର୍ଷ କୌଣସି ଅନୁଦାନ ଆବଣ୍ଟନ କରାଯାଇନାହିଁ, କେଉଁ କାରଣ ପାଇଁ କରାଯାଇନାହିଁ ଏବଂ କେବେ ସୁଦ୍ଧା ସରକାର ପାଣ୍ଠି ଆବଣ୍ଟନ କରିବେ ଓ ସରକାରଙ୍କ ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ସକାଶେ ଆଗାମୀ ବର୍ଷ ପାଇଁ କଣ ସବୁ ଯୋଜନା ରହିଛି ?

----

## Number Of ST, SC And OBC Students In Gumma Block

910 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What Is The Total Number Of ST, SC And OBC Students In Gumma Block Of Gajapati District, how Many Of These Students Are Currently Receiving Pre-Matric And Post-Matric Scholarships and What Is The Present Status Of

The Akanksha Block Programme / Sampoornata Abhiyan In Gumma Block, What Steps Are Being Taken For The Development Of Educational Infrastructure For ST Girls In These Areas, Is There Any Proposal For Construction Of New Hostels For ST, SC, Or OBC Students Coming From Distant Villages, What Measures Have Been Undertaken During The Last Two Years Under The Odisha Tribal Empowerment & Livelihoods Programme (OTELP) For The Social And Economic Development Of Minority And Backward Classes In The Block ?

----

**Lacks of Hostel Facilities**

911 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Is The Government Aware That Sriram Degree College, Kashinagar Has Over 1,000 Students But Lacks Hostel Facilities, Causing Hardship To Students From Remote And Rural Areas, Does The Government Propose To Sanction And Construct Hostel Facilities (For Boys And Girls) At The Said College, And If So, What Timeline And Financial Provisions Have Been Made, Is It A Fact That Sriram Degree College, Kashinagar Is Functioning Without A Regularly Appointed Principal, If So, What Are The Reasons For This And The Steps Taken Or Proposed For Appointment Of A Regular Principal ?

----

**Fund Allocated And Utilised By ITDA For ST Welfare**

912 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How Much Fund Was Allocated And Utilised By ITDA For ST Welfare In Gajapati District During 2023-24 And 2024-25, Which Projects (Road, Education, Skill Development) Were Implemented Under ITDA, Paralakhemundi In The Last Two Years and How Many IFR Grievances Were Registered And Resolved Till 2025 And What Is The Current Status Of FRA In These ITDA Areas, What Steps Are Being Taken By ITDA, Paralakhemundi To Make Development Works More Efficient, Transparent, And Effective ?

----

**Sriram +2 Higher Secondary School Hostel**

913 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether The Government Is Aware That The Hostel Constructed For Sriram Plus Two Higher Secondary School, Kashinagar, During The Previous Government Is Still Not Functioning, If So Could Govt. Inform The Reasons for Not Making The Said Hostel Operational Till Date, What Steps Are Being Taken By The Government To Make The Hostel Functional And The Timeline By When It Will Be

Operational ?

----

## ଶିଳ୍ପ ପ୍ରତିଷ୍ଠା

914 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କାମାକ୍ଷାନଗର ଏକ ଶିଳ୍ପ ଓ ଖଣି ବୀହିନ ନିର୍ବାଚନ ମଣ୍ଡଳୀ ଏଠାରେ ଏକ ଶିଳ୍ପ ଖୋଲିବେ କି ?

----

## Engineering College ସ୍ଥାପନ

915 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Bhuban ଏବଂ Kanokya ରେଦୁଇଟି Engineering College ର ସ୍ଥାପନ ପାଇଁ ବ୍ୟବସ୍ଥା କରିବେ କି ?

----

## ମହାତ୍ମାଗାନ୍ଧୀ ଔଷଧାରଣ୍ୟ ର ଉନ୍ନତି

916 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୋଗର ଠାରେ ଥିବା ମହାତ୍ମା ଗାନ୍ଧି ଔଷଧାଳୟର ତଦନ୍ତ ଏବଂ ଉନ୍ନତି କରିବେ କି ?

----

## Stadium ଉନ୍ନତି କରଣ

917 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Kamakhya nagar ଠାରେ ଥିବା Songdhar Stadium ର ଉନ୍ନତି କରଣ କରିବେ କି?

----

## ଶିକ୍ଷକ ପଦବୀ ପୂରଣ

918 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ପଦବୀ ଖାଲି ଥି୍ବା ସମସ୍ୟାକୁ ଦୂର କରିବା ପାଇଁ ସରକାରଙ୍କ ଆଭିମୁଖ୍ୟ କଣ, ଏବଂ କେଉଁ କେଉଁ ବିଦ୍ୟାଳୟରେ କେତେ ଶିକ୍ଷକ ସଂଖ୍ୟାର ପଦବୀ ଖାଲି ପଡିଛି, ତାହା କେତେ ଦିନ ଭିତରେ ପୂରଣ କରାଯିବାର ନିର୍ଧାରଣ କରାଯାଇଛି, ସଦରର ଗ୍ରାମାଞ୍ଚଳରେ ଥିଉବା ବିଦ୍ୟାଳୟଗୁଡିକରେ ବିଜ୍ଞାନାଗାର ଓ ଲାଇବ୍ରେରୀର ସ୍ଥିତି କଣ ?

----

## ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ପ୍ରସ୍ତାବ ମଞ୍ଜୁର

919 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଉପକଣ୍ଠରେ କ୍ଷୁଦ୍ର ଶିଳ୍ପ ସ୍ଥାପନ ପାଇଁ 'ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ' ମାଧ୍ୟମରେ କେତୋଟି ପ୍ରସ୍ତାବ ମଞ୍ଜୁର ହୋଇଛି, ୨୦୨୫ ବର୍ଷରେ ସଦର ଅଞ୍ଚଳରୁ କେତୋଟି ନୂତନ ଷ୍ଟାର୍ଟଅପ୍ ପଞ୍ଜିକୃତ ହୋଇଛି ?

----

## SC ସବ ପ୍ଲାନ ଅଧିନରେ ପାଣ୍ଠି ଖର୍ଚ୍ଚ

920 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସଦର ଏକ ସଂରକ୍ଷିତ (SC) ନିର୍ବାଚନ ମଣ୍ଡଳୀ ହୋଇଥିଂବାରୁ, ୨୦୨୫– ୨୬ ବର୍ଷରେ SC ସବ୍-ପ୍ଲାନ୍ ଅଧୀନରେ କେତେ ପାଣ୍ଠି ଖର୍ଚ୍ଚ ହୋଇଛି, ଏଥରେ କେଉଁ କେଉଁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ?

----

## ଖେଳ ସରଞ୍ଜାମ ବଣ୍ଟନ

921 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫ ବର୍ଷରେ କଟକ ସଦର ନିର୍ବାଚନ ମଣ୍ଡଳୀର କେତେ ଜଣ ଯୁବକ ଯୁବତୀ ଜାତୀୟସ୍ତର ଏବଂ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି, ସ୍ଥାନୀୟ କ୍ରୀଡ଼ା କ୍ଲବଗୁଡିକୁ କେତେ ଖେଳ ସରଞ୍ଜାମ ବଣ୍ଟନ କରାଯାଇଛି, କଟକ ସଦର ଅଞ୍ଚଳରେ ଫୁଟବଲ୍ କିମ୍ବା ଆଥଲେଟିକ୍ସ ପାଇଁ ଏକ ସ୍ୱତନ୍ତ୍ର ଏକାଡେମୀ ପ୍ରତିଷ୍ଠା କରିବାକୁ ସରକାରଙ୍କ କୌଣସି ଯୋଜନା ରହିଛି କି ?

----

## Indoor Stadium ସହ ଖେଳପଡିଆ ପାଇଁ sanction ଅର୍ଥ

922 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୁଣୁପୁର ନିର୍ବାଚନ ମଣ୍ଡଳୀ ର ପାଞ୍ଚ ଗୋଟି ବ୍ଲକ ରୁ କେଉଁ କେଉଁ ବ୍ଲକ କୁ indoor stadium ସହ ଖେଳ ପଡିଆ ଓ କେତେ ଟଙ୍କା sanction ହୋଇଛି ଯଦି ନାହିଁ ତେବେ କେବେ ସୁଦ୍ଧା ଅନୁଦାନ ଦେବ ?

----

## ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା

923 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ କେତେ ଜଣ ଦିବ୍ୟାଙ୍ଗ ବା ଭିନ୍ନକ୍ଷମ ଙ୍କୁ ସରକାରଙ୍କ ଆର୍ଥିକ ସହାୟତା ବା ସେହି ମାନ୍ୟ ଗଣ୍ୟ ବ୍ୟକ୍ତି ଙ୍କୁ ସ୍ୱାବଲମ୍ବୀ ହେବାରେ ସହଯୋଗ କରିଛନ୍ତି ତାହାର ବ୍ଲକ ୱାରୀ ବିବରଣୀ ଦେବେ କି ?

----

## ହୋଇଥିବା କାମର ବିବରଣୀ

924 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୁଣୁପୁର ବିଧାନସଭା ମଣ୍ଡଳୀ ର ITDA ଗୁଣୁପୁର ସଂସ୍ଥା ଗତ ଆର୍ଥିକ ବର୍ଷ 2022-23, ରୁ ବର୍ତମାନ 2025-26 ପର୍ଯ୍ୟନ୍ତ Odisha Tribal Development Society ରେ PLC ପୂର୍ବରୁ ଓ ପରେ(pre PLC & post PLC )କେଉଁ କେଉଁ କାମ କେତେ ଟଙ୍କା ର କରିଛନ୍ତି ତାହାର ବିବରଣୀ ଦେବେ କି, ଏବଂ FADP for the year 2023 -24, 2024-25, 2025-26 ରେ କେତେ ଅନୁଦାନ ସହ କେଉଁ beneficiary input ସହ supplements (seeds, fertilizer, pesticide) ପାଇଛନ୍ତି detailed ବିବରଣୀ ଦେବେ କି ?

----

## 5T ସ୍କୁଲରେ ଇଣ୍ଟରନେଟ ଓ ICT ସୁବିଧା

925 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଜିଲ୍ଲାରେ 5T / ଡିଜିଟାଲ କ୍ଲାସ୍ ରୁମ୍ ଯୋଜନା ଅଧୀନରେ କେତେଟି ସ୍କୁଲ ଆବର୍ଣ୍ଣିତ ହୋଇଛି, ସେଗୁଡ଼ିକରେ ଇଣ୍ଟରନେଟ୍ ଓ ICT ସୁବିଧା ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କି ?

----

## ସମ୍ବାଦପତ୍ର କାର୍ଯ୍ୟାଳୟ ପାଇଁ ଜମି ପ୍ରଦାନ

926 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରକାଶିତ କେଉଁ ସମ୍ବାଦପତ୍ର କାର୍ଯ୍ୟାଳୟ ପାଇଁ କେଉଁଠାରେ କେତେ ମୂଲ୍ୟରେ କେତେ ଜମି ପ୍ରଦାନ କରାଯାଇଛି ?

----

## Number of Skill development centers in Cuttack

927 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many skill development centers are operational in Cuttack district and what is their current D&Enrollment capacity, what steps are being taken to establish more skill development centers in underserved blocks of Cuttack, what initiatives are in place to encourage women in cuttack to participate in skill development programme, how many women from cuttack have been trained under schemes like Odisha Skill Development Authority (OSDA) or PMKVY in the last year, will the Govt. give details thereof ?

----

## ବିଭାଗ ତରଫରୁ OAS, IAS Coaching

928 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- SC, ST, OBC ଏବଂ Minority Development Department ତରଫରୁ OAS, IAS Coaching ପାଇଁ ସରକାରଙ୍କର କଣ ସବୁ ବ୍ୟବସ୍ଥା ରହିଛି ; SC/ST, OBC ରେ Minority ପିଲାମାନେ OPSC ଏବଂ UPSC prepare ପାଇଁ ସରକାରଙ୍କ ତରଫରୁ କଣ ସବୁ - ସବିଧା କରାଯାଇଛି ?

ꠄ

----

## ଜରାଶ୍ରମ, ଭିନ୍ନକ୍ଷମ ଆଶ୍ରୟସ୍ଥଳି ସମ୍ପର୍କରେ

୨୨୨ **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଜରାଶ୍ରମ, କେତୋଟି ଭିନ୍ନକ୍ଷମ ଆଶ୍ରୟସ୍ଥଳ ଓ କେତୋଟି ମାନସିକ ଅନଗ୍ରସର ଲୋକଙ୍କ ରହଣି ପାଇଁ ଗୃହ କେଉଁ କେଉଁ ଜିଲ୍ଲାରେ ଅଛି, କେଉଁମାନଙ୍କ ଦ୍ୱାରା ପରିଚାଳିତ ହେଉଛି ଓ ସରକାର ସେ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ କେଉଁ କେଉଁ ଆଶ୍ରୟସ୍ଥଳୀରେ କେତେ ଲୋକ ରହୁଛନ୍ତି ଓ କି ପ୍ରକାର ସେବା ପାଉଛନ୍ତି ?

----

## ବିଦ୍ୟାଳୟ କୋଠାର ଅବସ୍ଥା

୨୩୦ **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବରଗଡ ଜିଲ୍ଲା ଭଟଲି, ଅମ୍ବାଭୋନା ଏବଂ ସୋହେଲା ବ୍ଲକରେ ଥିବା ବିଦ୍ୟାଳୟ କୋଠା ଗୁଡିକ ଅବସ୍ଥା କଣ ରହିଛି, ସେଗୁଡିକ RCC ଚାଟ ନା ଛପର ରହିଛି ବିଦ୍ୟାଳୟ ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ମଞ୍ଜୁର ଅର୍ଥର ପରିମାଣ

୨୩୧ **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବରଗଡ ଜିଲ୍ଲାରେ ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଓପର୍ଯ୍ୟନ୍ତ କେତୋଟି ବିଦ୍ୟାଳୟ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି, ଏବଂ କେତୋଟି ବିଦ୍ୟାଳୟର ନିର୍ମାଣ ଆରମ୍ଭ ହୋଇଛି, ତଥା କେତୋଟି ବିଦ୍ୟାଳୟର ନିର୍ମାଣ ଶେଷ ହୋଇଛି, ଏହାର ବ୍ଲକୱାରୀ ତଥ୍ୟ ତଥା ପ୍ରକଳ୍ପୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ପୋଷାକ ବଣ୍ଟନରେ ବିଳମ୍ବ

୨୩୨ **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ବିଦ୍ୟାଳୟ ମାନଙ୍କରେ ଅଗଷ୍ଟ ମାସ ସୁଦ୍ଧା ପୋଷାକ ଦିଆଯାଇଥାଏ, ଫେବୃଆରୀ ଅଧାପୁରିଲାଣି ପିଲାମାନେ ଏଯାଏଁ ପୋଷାକ ନ ପାଇବାର କାରଣ କଣ ?

----

## ଉଚ୍ଚ ବିଦ୍ୟାଳୟକୁ ଏକତ୍ରିକରଣ ପାଇଁ ପ୍ରସ୍ତାବ

୨୩୩ **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବରଗଡ ଜିଲ୍ଲାରେ ଭଟଲି ପଞ୍ଚାୟତ ଶାନ୍ତି ବାଳିକା UGUP ସ୍କୁଲ ଏବଂ ସରହାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଏକତ୍ରିକରଣ କରିବା ପାଇଁ କୌଣସି ପ୍ରସ୍ତାବ ଅଛି କି, ଯଦି ଅଛି ତାର ସ୍ଥିତି କଣ ?

----

## ବୃତ୍ତିଗତ ଶିକ୍ଷା ସୁବିଧା ବଢାଇବା ପାଇଁ ପଦକ୍ଷେପ

934 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ଶିକ୍ଷା ଏବେ ବି ପୁସ୍ତକ କୈନ୍ଦ୍ରିକ ହୋଇଥିବା ଏବଂ ସୀମିତ High School ରେ ବୃତିଗତ ଶିକ୍ଷାର ସୁବିଧା ଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ, ତେବେ ସମସ୍ତ High School ଗୁଡିକରେ ବୃଭିଗତ ଶିକ୍ଷା ସୁବିଧା ବଢ଼ାଇବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ସ୍କୁଲ ମାନଙ୍କରେ 'ଶିଶୁ ବାଟିକା' ର ବ୍ୟବସ୍ଥା

935 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ (NEP 2020) ଆଧାରରେ ସ୍କୁଲ ମାନଙ୍କରେ "ଶିଶୁ ବାଟିକା"ର ବ୍ୟବସ୍ଥା ଅଛି କି ଏବଂ ଏହି ଅନୁଯାୟୀ ରାଜ୍ୟରେ କେତୋଟି ସ୍କୁଲରେ '"ଶିଶୁ ବାଟିକା" ସ୍ଥାପନ କରାଯାଇଛି ତାହାର ତାଲିକା ଦେବା ସହ DECE (Diploma ତାଲିମ in Early Childhood Care and Education) ରେ କୃତକାର୍ଯ୍ୟ ହୋଇଥିdବା ପ୍ରାପ୍ତ ଶିକ୍ଷକ / ଶିକ୍ଷୟତ୍ରୀ ମାନଙ୍କୁ "ଶିଶୁ ବାଟିକା" ଗୁଡିକରେ ଅବସ୍ଥାପିତ କରିବାରେ ଅଣଦେଖା କରାଯାଉଥିପବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ ତେବେ ଏଥି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିବେ ?

----

## ସଫଳତାର ବିବରଣୀ

936 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିମବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଦ୍ଵାରା ଏହା ଗଠନ ହେବା ଦିନଠାରୁ ମୁଖ୍ୟତଃ କେଉଁ କେଉଁ କାର୍ଯ୍ୟକ୍ରମ ହାତକୁ ନେଇଛି ଏବଂ କେତେ ସଫଳତା ମିଳିଛି, ସରକାର ତାର ଏକ ବିବରଣୀ ପ୍ରଦାନ କରିବା ସହିତ ଆଗାମୀ ଦିନରେ କି କି କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା କରିଛନ୍ତି ?

----

## Scholarship Scheme ର ବ୍ୟବସ୍ଥା

937 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡ଼ିଶାରେ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ କି କି Scholarship Schemes ର ବ୍ୟବସ୍ଥା ରହିଛି ଓ ସରକାର SC, ST ଏବଂ OBC ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ କଣ ସ୍ୱତନ୍ତ୍ର ଯୋଜନା କରିଛନ୍ତି ?

----

## Mou ସ୍ୱାକ୍ଷର

୨୦୫ **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 5 ବର୍ଷ ଭିତରେ ଓଡିଶାକୁ କେତେ କାରଖାନା ପ୍ରତିଷ୍ଠାପାଇଁ କେତେ କମ୍ପାନୀଆସି MOU ସ୍ୱାକ୍ଷରିତ କରିଛନ୍ତି, ସେମାନଙ୍କୁ କଣ ସବୁ ପ୍ରୋତ୍ସାହନ ଦିଆଯାଇଛି, ଇତି ମଧ୍ୟରେ MOU ସ୍ୱାକ୍ଷରିତ କରିଥିବା କେତେ ସଂସ୍ଥା ଓହରି ଯାଇଛନ୍ତି, ଓହରି ଯାଇଥିବା ସଂସ୍ଥାକୁ ଆବଣ୍ଟିତ ହୋଇଥିବା ଜମିର ସ୍ଥିତି କଣ ରହିଛି ଓ ଶିଳ୍ପ/କାରଖାନା ପ୍ରତିଷ୍ଠା କରିଥିବା କମ୍ପାନୀରେ କେତେ ଓଡିଆ ଯୁବକ ଯୁବତୀ କାମ କରୁଛନ୍ତି ?

----

**ସରକାରୀ ଓ Aided ମହାବିଦ୍ୟାଳୟ ସଂଖ୍ୟା**

୨୦୬ **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ ଓ Aided ମହାବିଦ୍ୟାଳୟ ସଂଖ୍ୟା କେତେ ସେଗୁଡିକରେ ମୋଟ ଅଧ୍ୟାପକ (Sanctioned Post) କେତେ ଓ ସେଥିମଧ୍ୟରୁ କେତେ Post ଖାଲିପଡିଛି ଖାଲି ପଡିଥିବା ଅଧ୍ୟାପକ ପଦବୀ ଗୁଡିକୁ ତୁରନ୍ତ ପୂରଣ କରିବାପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବେ କି ?

----

**କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ**

940 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- NIPPON ମହାକାଳପଡା ନିର୍ବାଚନ ମଣ୍ଡଳୀରେ STEEL ଇତ୍ୟାଦି ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ଏଠାରେ ଅନେକ ଜାତୀୟ କରଣ ବ୍ୟାଙ୍କ ଥିବାରୁ ସେମାନଙ୍କ ପିଲାମାନଙ୍କୁ ପଢିବାପାଇଁ ଏକ କେନ୍ଦ୍ରୀୟ ବିଦ୍ୟାଳୟର ଆବଶ୍ୟକତା ରହିଛି, ଏହାକୁ ଦୃଷ୍ଟିରେ ରଖି ମହାକାଳପଡାଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାପାଇଁ ପଦକ୍ଷେପ ନେବେ କି ?

----

**IDCO ଜମିରେ ଶିଳ୍ପ ପ୍ରତିଷ୍ଠା**

941 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ କେଉଁ ଉଦ୍ଦେଶ୍ୟରେ କେତେ ପରିମାଣର IDCO ଜମି ବିଭିନ୍ନ ସିଳ୍ପ ପ୍ରତିଷ୍ଠା ତଥା ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ସରକାର ଲିଜ ଦେଇଛନ୍ତି ତାହାର ଏକ ବିଶେଷ ବିବରଣୀ ଦେବା ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ଲିଜଧାରୀ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି କି, ଯଦି କରିନାହାନ୍ତି, ତେବେ ସରକାର ସେମାନଙ୍କ ବିରୁଦ୍ଧରେ କି ପଦକ୍ଷେପ ନେଇଛନ୍ତି ?

----

**ଛାତ୍ରୀ ନିବାସ ନିର୍ମାଣ**

942 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ଠାରେ ସାମାଜିକ ସୁରକ୍ଷା ଓ ବିନ୍ନକ୍ଷମ ମାନଙ୍କ ସଶକ୍ତିକରଣ ପାଇଁ ଏକ ଛାତ୍ରାବାସ ଓ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ମାନଙ୍କ ପାଇଁ +୨ ମହିଳା ମହାବିଦ୍ୟାଳୟ ଠାରେ ଏକ ଛାତ୍ରୀ ନିବାସ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି ?

----

**ଭିତ୍ତିଭୂମି ବିକାଶ**

943 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମିର ବିକାଶ ପାଇଁ ବିଭାଗ ପକ୍ଷରୁ ଅନୁଦାନ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ କି ?

----

## ଭାଗବତ ମୁଦ୍ରଣ ପାଇଁ ପଦକ୍ଷେପ

944 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ଗଡ ତଥା ବର୍ତ୍ତମାନର ଖଣ୍ଡପଡା ଗୌରବ ହୋଇଥିବା ବିଦ୍ୱାନ ବ୍ୟକ୍ତି ଦୀନବନ୍ଧୁ ମିଶ୍ର ଖାଡଙ୍ଗା 'ଭାଗବତ' ର ଆକ୍ଷରିକ ଓଡିଆ ଅନୁବାଦ କରି ଓଡିଆ ଜାତିକୁ ଏକ ଦୁର୍ଲଭ ଉପହାର ଦେଇଛନ୍ତି, ଉକ୍ତ ଅନୁବାଦରୁ ପୁନଃ ମୁଦ୍ରଣ ବା ସଂସ୍କରଣ କରାଯାଇ ନଥିବାରୁ ଏହା ପାଠକୀୟ ଆଦୃତି ପାଇପାରୁନାହିଁ, ଉକ୍ତ ଅନୁବାଦକୁ ପୁନଃ ମୁଦ୍ରଣ ପାଇଁ ବିଭାଗୀୟ ପଦକ୍ଷେପ ନିଆଯିବ କି, ତାଙ୍କ ଅବଦାନ ପାଇଁ ତାଙ୍କ ସ୍ମୃତିରେ ଏକ ଓଡିଆ ସମ୍ମାନ ପ୍ରଚଳିତ ହେବ କି ?

----

## ନୂତନ B.Ed ମହାବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ

945 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ B.Ed. ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥି୍ବା ବେଳେ, ପ୍ରତିବର୍ଷ ହଜାର ହଜାର ପିଲା B.Ed. ପଢିବାକୁ ପଡ଼ୋଶୀ ରାଜ୍ୟକୁ ଯାଉଥିବବା ଖବର ସରକାର ଜାଣନ୍ତି କି, ଯଦି ହଁ, ତେବେ ରାଜ୍ୟରେ ଆବଶ୍ୟକୀୟ ଭିତ୍ତିଭୂମି ଥାଇ ମଧ୍ୟ ସିଟ୍ ସଂଖ୍ୟା ବୃଦ୍ଧି କିମ୍ବା ନୂତନ ସରକାରୀ B.Ed. ମହାବିଦ୍ୟାଳୟ ଖୋଲିବା ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି, (ଖ) ଯାଜପୁର ଜିଲ୍ଲାରେ ଏକ ନୂତନ ସରକାରୀ B.Ed. College ପ୍ରତିଷ୍ଠା ପାଇଁ କୌଣସି ପ୍ରସ୍ତାବ ଅଛି କି, ଯଦି ଅଛି, ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ । ଯଦି ନାହିଁ, ତେବେ ଜିଲ୍ଲାର ବୃତ୍ତିଗତ ଶିକ୍ଷା ବିକାଶ ପାଇଁ ସରକାର ଅନ୍ୟ କି ବିକଳ୍ପ ବ୍ୟବସ୍ଥା କରୁଛନ୍ତି ?

----

## ଶିଶୁ ବାଟିକର ସଂଖ୍ୟା

946 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେତୋଟି 'ଶିଶୁ ବାଟିକା' କାର୍ଯ୍ୟ କରୁଛି ଏବଂ ସେଥିମଧ୍ୟରୁ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କେତୋଟି ଶିଶୁ ବାଟିକା ରହିଛି, ଶିଶୁ ବାଟିକାରେ ସେବିକା ନିଯୁକ୍ତି ପାଇଁ ସରକାରଙ୍କର କିଛି ସ୍ୱତନ୍ତ୍ର ମାର୍ଗଦର୍ଶିକ ରହିଛି କି, ଯଦି ହଁ, ସେହି ଗାଇଡ୍‌ଲାଇନ୍ ଅନୁଯାୟୀ ଶିଶୁ-ସେବିକା ଅନୁପାତ କେତେ ରହିବା କଥା ଏବଂ ବର୍ତ୍ତମାନ କେତେ ସଂଖ୍ୟକ ସେବିକା ନିଯୁକ୍ତି ପାଇଛନ୍ତି, ଏବଂ (ଖ) ଶିଶୁଙ୍କ ଅନୁପାତ ଅନୁଯାୟୀ ଅନେକ ଶିଶୁ ବାଟିକାରେ ସେବିକା ନିଯୁକ୍ତିରେ ବାଧା ସୃଷ୍ଟି ହେଉଥି୍ବା ବିଷୟ ସରକାର ଅବଗତ ଅଛନ୍ତି କି, ଯଦି ହଁ, ତେବେ ଶିଶୁମାନଙ୍କ ଯତ୍ନ ଓ ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର କି ନିରାକରଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସରକାରୀ ITI ପ୍ରତିଷ୍ଠା

947 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ବଡ଼ଚଣା। ଏଠାକାର ଯୁବକ-ଯୁବତୀମାନେ ITI ତାଲିମ ପାଇଲେ ସ୍ଥାନୀୟ କାରଖାନା ଗୁଡ଼ିକରେ ନିଯୁକ୍ତି ପାଇପାରିବେ। ଘରୋଇ ITIରେ ପଢ଼ିବା ପାଇଁ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଖରେ ସମ୍ବଳ ନାହିଁ, ତେଣୁ ସରକାରୀ ITI ଏଠାରେ ଅତ୍ୟନ୍ତ ଜରୁରୀ, ବଡ଼ଚଣା ବ୍ଲକରେ ଏକ ନୂତନ ସରକାରୀ ITI ନିର୍ମାଣ ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି, ଯଦି ପ୍ରସ୍ତାବ ଅଛି, ଏଥିପାଇଁ ସ୍ଥାନ ନିରୂପଣ କରାଯାଇଛି କି ଏବଂ ସେହି ଶିଳ୍ପ ତାଲିମ କେନ୍ଦ୍ରଟି କେବେ ସୁଦ୍ଧା ପ୍ରତିଷ୍ଠା କରାଯାଇ କାର୍ଯ୍ୟକ୍ଷମ ହେବ, ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଖାଲି ପଡିଥିବା ଶିକ୍ଷକ ପଦବୀ ସଂଖ୍ୟା

୨୪୮ **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ କେତୋଟି ଶିକ୍ଷକ ପଦବୀ ଖାଲି ପଡ଼ିଛି, ବିଦ୍ୟାଳୟ ଭିତ୍ତିକ ତଥ୍ୟ ସହ, (ଖ) ଏହି ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସରକାରଙ୍କ ପକ୍ଷରୁ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି, ଏବଂ ଉକ୍ତ ଶିକ୍ଷକ ପଦବୀଗୁଡ଼ିକର ନିଯୁକ୍ତି ପ୍ରକ୍ରିୟା କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରହିଛି, ଶିକ୍ଷକ ଅଭାବ ଯୋଗୁଁ ପଢ଼ାଶୁଣା ପ୍ରଭାବିତ ହେଉଥିବା ବିଦ୍ୟାଳୟଗୁଡ଼ିକରେ ଅସ୍ଥାୟୀ ବ୍ୟବସ୍ଥା ଭାବେ ଅତିରିକ୍ତ ଶିକ୍ଷକ ନିଯୁକ୍ତି କିମ୍ବା ଡେପୁଟେସନ୍ ମାଧ୍ୟମରେ କୌଣସି ବ୍ୟବସ୍ଥା ନିଆଯାଇଛି କି ?

----

## Junior Teacher ମାନଙ୍କୁ ନିୟମିତ

୨୪୨ **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ଅଗଷ୍ଟ—୨୦୨୫ ମାସରେ ମାନନୀୟ ମୁଖ୍ୟମନ୍ତ୍ରୀ Junior Teacher (Schematic) ମାନଙ୍କୁ ନିୟମିତ କରିବା ପାଇଁ ଘୋଷଣା କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସରକାରୀ ଆଦେଶ (Government Order) ପ୍ରକାଶିତ ନ ହେବାର କାରଣ କ'ଣ, (ଖ) ଉକ୍ତ Junior Teacher (Schematic) ମାନଙ୍କୁ କେବେ ସୁଦ୍ଧା ନିୟମିତ କରାଯିବ —ଏହା ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି କି, ନିୟମିତକରଣ ସମ୍ପନ୍ନ ହେବା ପରେ ସେମାନେ କେଉଁ ତାରିଖରୁ ନିୟମିତ ବେତନ (Regular Salary) ପାଇବେ, ନିୟମିତକରଣ ପ୍ରକ୍ରିୟା ବିଳମ୍ବ ହେଉଥିବା ସମୟକାଳ ପାଇଁ Junior Teacher (Schematic) ମାନଙ୍କୁ ଆର୍ଥିକ ସୁରକ୍ଷା ଦେବାକୁ ସରକାର କୌଣସି ଅନ୍ତର୍ବର୍ତ୍ତୀ ବ୍ୟବସ୍ଥା ନେଇଛନ୍ତି କି ?

----

## ୧୦୦% ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ଶିକ୍ଷକଙ୍କ ପେନସନ ବ୍ୟବସ୍ଥା

୨୫୦ **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୪୮୮ ବର୍ଗର କଲେଜରେ କାର୍ଯ୍ୟରତ ୧୦୦% ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଅବସର ପରେ କୌଣସି ପେନସନ ବା ନିୟମିତ ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ଅଛି କି, ଯଦି ନାହିଁ, ତେବେ ୩୦ ବର୍ଷରୁ ଅଧିକ ସମୟ ଧରି ସେବା ପ୍ରଦାନ କରିଥିବା ଏହି ଶିକ୍ଷକ ଓ କର୍ମଚାରୀମାନଙ୍କ ଅବସର ପରେ କିମ୍ବା ଚାକିରି କାଳରେ ମୃତ୍ୟୁ ଘଟିଲେ, ସେମାନଙ୍କ ପରିବାରକୁ ସାମାଜିକ ସୁରକ୍ଷା (Social Security) ପ୍ରଦାନ କରିବା ପାଇଁ ସରକାର କୌଣସି ନୂତନ ନୀତି ପ୍ରଣୟନ କରିବାକୁ ବିଚାର କରୁଛନ୍ତି କି, ଏବଂ ଏହି ବର୍ଗର କର୍ମଚାରୀମାନଙ୍କ ମୃତ୍ୟୁ ଘଟିଲେ ପ୍ରଦାନ କରାଯାଉଥିବା ମୃତ୍ୟୁକାଳୀନ ସହାୟତା ରାଶି (Ex-gratia) କୁ ବର୍ତ୍ତମାନର ୫ ଲକ୍ଷ ଟଙ୍କାରୁ ବୃଦ୍ଧି କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି ?

----

## ପରିଚାଳନା ପରିଷଦ ଗଠନ

951 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ନିଷ୍ପତ୍ତି ଅଛି କି, ଯଦି ହଁ ତେବେ କେବେ ସୁଦ୍ଧା ଏହି ପରିଚାଳନା ପରିଷଦ ଗଠନ କରାଯିବ ପ୍ରକାଶ କରିବେ କି ?

----

## ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ

952 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରେ ସମୁଦାୟ କେତେଗୋଟି କେଉଁ ବର୍ଗର ବନ୍ଦ ଥିବା ବିଦ୍ୟାଳୟ କୁ ପୁନଃ ଖୋଲିବା ପାଇଁ ସ୍ଥିର କରିଛନ୍ତି, ଏବଂ ଏ ଦିଗରେ ଅଦ୍ୟାବଧି କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି, ସୂଚନା ଦେବା ସଙ୍ଗେ ସଙ୍ଗେ କେବେ ସୁଦ୍ଧା ସମ୍ପୃକ୍ତି ବିଦ୍ୟାଳୟ ଗୁଡିକୁ ଖୋଲିବା ପାଇଁ ସ୍ଥିର କରିଛନ୍ତି ?

----

## ଭତ୍ତା ପ୍ରଦାନ

953 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବାର୍ଦ୍ଧକ୍ୟ ଭତ୍ତା ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ପାଇଁ କେତେ ଲୋକ ଆବେଦନ କରିଛନ୍ତି ଓ କେତେଲୋକ ଅଦ୍ୟାବଧି ସହାୟତା ପାଇଛନ୍ତି, ବାଦ ପଡିଥିବା ଲୋକ କେଉଁ କାରଣରୁ ବଞ୍ଚିତ ଅଛନ୍ତି, ତାହାର ବିଶଦ ବିବରଣୀ ପ୍ରଦାନ କରିବେ କି, (ଖ) ଭତ୍ତା ପାଇବାକୁ ଯୋଗ୍ୟଥିବା ବୃଦ୍ଧା ଓ ବିକଳାଙ୍ଗ ମାନଙ୍କୁ ଭତ୍ତା ଦେବାରେ ବିଳମ୍ବ ହେବାର କାରଣ କଣ, କେବେସୁଦ୍ଧା ନିୟମିତ ଭତ୍ତା ଯୋଗାଇ ଦେବେ ?

----

## ବିଦ୍ୟାଳୟ Playground ର Development

954 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ସରକାରଙ୍କ ସମୟରେ 2020-21 ରେ "Playground Development Fund" ରେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟକୁ playground development ପାଇଁ 15 କୋଟି ଅନୁମୋଦନ କରାଯାଇଥିଲା ସେଥିମଧ୍ୟରୁ ଭଦ୍ରକ ଜିଲ୍ଲାରେ କେତୋଟି ବିଦ୍ୟାଳୟ playground ପାଇଛି ଏବଂ ସେହି କାର୍ଯ୍ୟ ଗୁଡିକର ବର୍ତ୍ତମାନର ସ୍ଥିତି କଣ ରହିଛି ?

----

## ଅନୁଷ୍ଠାନକୁ ଖେଳ ଉପକରଣ ବଣ୍ଟନ

955 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ବିଭିନ୍ନ ଶିକ୍ଷା ସଂସ୍ଥା ଓ ଯୁବ କ୍ଲବ୍‌ଗୁଡ଼ିକୁ ବିଗତ 10 ବର୍ଷ ରେ କେତେ ମୂଲ୍ୟର କେଉଁ କେଉଁ ଖେଳ ଉପକରଣ କେଉଁ କେଉଁ ଅନୁଷ୍ଠାନ କୁ ବଣ୍ଟନ କରାଯାଇଛି? ସେଗୁଡିକ କେଉଁ ମାଧ୍ୟମରେ ପ୍ରଦାନ କରାଯାଇଛି, ସେଗୁଡିକର ସମ୍ପୂର୍ଣ୍ଣ ବିବରଣୀ ବର୍ଷୱାରି, ବ୍ଲକ ୱାରି ପ୍ରଦାନ କରିବେ କି ?

----

## ସଂସ୍କୃତ ବିଦ୍ୟାଳୟର ସଂଖ୍ୟା

956 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ମୋଟ କେତେଗୋଟି ସଂସ୍କୃତ ବିଦ୍ୟାଳୟ ରହିଛି, ସେଥିମଧ୍ୟରୁ ଭଦ୍ରକ ଜିଲ୍ଲାରେ କେତେଗୋଟି ରହିଛି; ସେଗୁଡିକର ପାରିପାଶ୍ୱିକ ଉନ୍ନତି ଏବଂ Infrastructure Development ପାଇଁ ବିଗତ ୫ ବର୍ଷରେ କେତେ ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି, ସେହି ବିଦ୍ୟାଳୟ ଗୁଡ଼ିକରେ କେତେ ଶିକ୍ଷକ ଏବଂ ଅଣଶିକ୍ଷକ କାର୍ଯ୍ୟ କରୁଛନ୍ତି; ଭଦ୍ରକ ଜିଲ୍ଲାର ଏହି ସଂସ୍କୃତ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନେ କେଉଁ ଶିକ୍ଷା ନୀତି ଅନୁସାରେ ନିଯୁକ୍ତି ପାଇଛନ୍ତି; ଏହାର ସବିଶେଷ ବିବରଣୀ ବ୍ଲକୱାରୀ ପ୍ରଦାନ କରିବେ କି, (ଖ) ସଂସ୍କୃତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଏବଂ ଅଣଶିକ୍ଷକମାନଙ୍କୁ ଅବସରକାଳୀନ ପେନ୍ସନ୍, gratuity ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ବିଗତ ସରକାର ଯୋଜନା କରିଥିଲେ କି, ଯଦି ନା, ତେବେ ଏବର ଜନପ୍ରିୟ ସରକାର ଉକ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ଯୋଜନା ରଖିଛନ୍ତି କି, ଯଦି ହଁ, ତେବେ କେଉଁ କେଉଁ ପ୍ରସ୍ତାବ ଯୋଜନା କରିଛନ୍ତି ?

----

## ବରିଷ୍ଠ ମହିଳା ଓ ପୁରୁଷ ହିତାଧିକାରୀ ମାନଙ୍କୁ 3000 ଟଙ୍କା ଭତ୍ତା ପ୍ରଦାନ

957 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୬0 ବର୍ଷରୁ ୭9 ବର୍ଷର ବୟସ୍କ ବରିଷ୍ଠ ମହିଳା ଓ ପୁରୁଷ ହିତାଧିକାରୀ ମାନଙ୍କୁ ମାସିକ 3000 ଟଙ୍କା ଭତ୍ତା ଦେବାପାଇଁ ସ୍ଥିର କରିଥିଲେ ଏ ଦିଗରେ କି ପଦକ୍ଷେପ ନେଇଛନ୍ତି ଓ କେବେଠାରୁ ପ୍ରଦାନ କରିବେ ?

----

## ବ୍ୟୟ ବରାଦର ପରିମାଣ

958 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ ମୋଟ କେତେଜଣ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ର ଛାତ୍ରୀ ଆବାସିକ ଓ ଦିବ୍ୟାଧ୍ୟାୟୀ ଭାବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେଥିବା କେତେ ଗୋଟି କେଉଁ ବର୍ଗର ବିଦ୍ୟାଳୟ, ଛାତ୍ରାବାସ, ଛାତ୍ରୀ ନିବାସରେ ବିଭିନ୍ନ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି ସେ ବାବଦକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାର କେତେ ଟଙ୍କା 2023 ଠାରୁ ଅଦ୍ୟାବଧି ବ୍ୟୟ ବରାଦ କରାଯାଇଛି ତାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ୱାରୀ ଛାତ୍ର ଛାତ୍ରୀଙ୍କ ତଥ୍ୟ ପ୍ରଦାନ କରିବେ କି ?

----

## ଓଡିଶା ଆଦର୍ଶ ବିଦ୍ୟାଳୟ ର Computer Lab

959 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ଓଡିଶା ଆଦର୍ଶ ବିଦ୍ୟାଳୟର ନିଜସ୍ୱ Computer Lab ଓ ଛାତ୍ରାବାସ/ଛାତ୍ରୀ ନିବାସର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ ଓ କେଉଁ କେଉଁ ଠାରେ ନିର୍ମାଣ କାର୍ଯ୍ୟଶେଷ ହୋଇଥିଲେ ବି ଅଦ୍ୟାବଧି ବ୍ୟବହାର ହୋଇନାହିଁ ତାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଭିନ୍ନକ୍ଷମ ପିଲାଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା

960 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେଉଁ ସବୁ ପ୍ରକାର ଭିନ୍ନକ୍ଷମ ପିଲାଙ୍କ ପାଇଁ କଣ ସବୁ ଚିକିତ୍ସାର ବ୍ୟବସ୍ଥା ରହିଛି ଏବଂ ଉକ୍ତ ଚିକିତ୍ସା ସକାଶେ କେତେ ପରିମାଣର ଅର୍ଥ ଖର୍ଚ୍ଚ କରିବାର ପ୍ରାବଧାନ ରଖିଛନ୍ତି, ତାର ଏକ ବିଶଦ ବିବରଣୀ ପ୍ରଦାନ କରିବେ କି, (ଖ) 2024 ରୁ ଆଜି ପର୍ଯ୍ୟନ୍ତ କେତେ ସଂଖ୍ୟକ ଭିନ୍ନକ୍ଷମ ପିଲାଙ୍କ ଚିକିତ୍ସାପାଇଁ ବିଭିନ୍ନ ସ୍ତରରୁ ପ୍ରସ୍ତାବ ଆସିଛି, ତାର ଏକ ଜିଲ୍ଲା ୱାରୀ ତାଲିକା ପ୍ରଦାନ କରିବା ସହିତ ସେମାନଙ୍କୁ ଇତି ମଧ୍ୟରେ କଣ ସବୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି ?

----

## ଅର୍ଥ ବ୍ୟୟ ବରାଦର ସଂସ୍ଥା ୱାରୀ ବିବରଣୀ

961 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ PVGT ଶ୍ରେଣୀର ଜନଜାତିଙ୍କ ସାମଗ୍ରିକ ବିକାଶପାଇଁ ଗଠିତ ସଂସ୍ଥା (Agencies) ଗୁଡିକ ସପକ୍ଷରେ ବିଗତ 2023-24, 2024-25 ଏବଂ 2025-26 ଆର୍ଥିକ ବର୍ଷରେ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା, ତାର ଏକ ଆର୍ଥିକ ବର୍ଷ, ସଂସ୍ଥା ୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଉକ୍ତ ବରାଦ ଅର୍ଥ ଜନଜାତିଙ୍କ କେଉଁ କେଉଁ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଛି, ତାର ଏକ ସଂସ୍ଥା ୱାରୀ ବିବରଣୀ ପ୍ରଦାନ କରିବେ କି, ଏବଂ ଆଜି ପର୍ଯ୍ୟନ୍ତ କେତେ ସଂଖ୍ୟକ ଉକ୍ତ ବର୍ଗର ଜନଜାତିଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରି ପାରିଛନ୍ତି ?

----

## ପାଠ୍ୟକ୍ରମରେ ଆବଶ୍ୟକ ସୟଯୋଗ କରିବାକୁ ନିଷ୍ପତ୍ତି

962 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଛାତ୍ର ଛାତ୍ରୀଙ୍କ ପାଠ୍ୟକ୍ରମକୁ କେବଳ ଚିରାଚରିତ ବିଷୟ ଭିତରେ ସୀମିତ ନରଖି, ପିଲାମାନଙ୍କୁ ଆଗାମୀ ଦିନରେ ସୁସ୍ଥ, ଚରିତ୍ରବାନ୍ , ଦେଶପ୍ରେମୀ ଓ ସମାଜ ପ୍ରତି ଏକ ଉତ୍ତରଦାୟୀ ବ୍ୟକ୍ତି ରୂପେ ଗଢିବାର ଲକ୍ଷ ରଖି, ପାଠ୍ୟକ୍ରମରେ ଆବଶ୍ୟକ ସଂଯୋଗ କରିବାକୁ ନିଷ୍ପତ୍ତି ନେବେ କି ?

----

## ST, SC ଓ OBC ବର୍ଗର ଛାତ୍ର ଛାତ୍ରୀଙ୍କୁ ସୁବିଧା ପ୍ରଦାନ

963 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କେଉଁ କେଉଁ ସରକାରୀ ଅନୁଦାନ ପ୍ରାପ୍ତ / ବେସରକାରୀ ମହାବିଦ୍ୟାଳୟରେ କେଉଁ କେଉଁ ପାଠ୍ୟକ୍ରମରେ କେତେ ଜଣ ST, SC ଓ OBC ବର୍ଗର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ସେମାନଙ୍କୁ କି ପ୍ରକାର ସରକାରୀ ସୁବିଧା ଯୋଗେଇ ଦିଆଯାଉଛି, (ଖ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ମହାବିଦ୍ୟାଳୟର କେତେ ପରିମାଣର ନିଜସ ଜମି ଅଛି ଏବଂ ଉକ୍ତ ମହାବିଦ୍ୟାଳୟ ଗୁଡିକର ୨୦୨୩-୨୪ ରୁ ୨୦୨୫-୨୬ ବର୍ଷ ମଧ୍ୟରେ କେଉଁ କେଉଁ ଭିତ୍ତିଭୂମୀ ଉନ୍ନୟନ ଓ ଅନ୍ୟାନ୍ୟ ଉନ୍ନତି ମୂଳକ (ନିର୍ମାଣ / ମରାମତି) କାର୍ଯ୍ୟ ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ହଷ୍ଟେଲ ସଂଖ୍ୟା

964 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଉଚ୍ଚ ବିଦ୍ୟାଳୟ/ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ST, SC ଓ OBC ଛାତ୍ରଛାତ୍ରୀ ଙ୍କ ପାଇଁ ଉଦ୍ଦିଷ୍ଟ କେଉଁ କେଉଁ ସ୍ଥାନରେ କେତେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମିତ ହୋଇଛି ଓ ସେଗୁଡିକ ମଧ୍ୟରୁ ବର୍ତ୍ତମାନ କେତୋଟି ହଷ୍ଟେଲ କାର୍ଯ୍ୟକ୍ଷମ କରାଯାଇଛି, (ଖ) ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ ଉକ୍ତ ହଷ୍ଟେଲ ଗୁଡିକର ଭିତ୍ତିଭୂମୀ ନିର୍ମାଣ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କେଉଁ ଯୋଜନାରେ କେତେ ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି ଏବଂ ସେଗୁଡିକର ବର୍ତ୍ତମାନ ସ୍ଥିତି କଣ ?

----

## ଶ୍ରେଣୀ ଗୃହ ମରାମତି ପାଇଁ ଅର୍ଥ ପ୍ରଦାନ

965 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଗୁଡିକରେ ବର୍ତ୍ତମାନ ସୁଦ୍ଧା ଛାତ୍ର ଅନୁପାତରେ କେତେ ଗୋଟି ଶ୍ରେଣୀ ଗୃହ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଭିତ୍ତିଭୂମୀର ଉପଲବ୍ଧ ଅଛି ଏବଂ ଆହୁରି କେତେ ଗୋଟି ଶ୍ରେଣୀ ଗୃହ,ବିଜ୍ଞାନଗାର, ପାଇଖାନା ଇତ୍ୟାଦି ଜରୁରୀ ଭିତ୍ତିଭୂମୀ ନିର୍ମାଣ / ମରାମତି ପାଇଁ ୨୦୨୪-୨୫ ରୁ ୨୦୨୫-୨୬ କେଉଁ ପାଣ୍ଠି ବା ଯୋଜନାରେ କେଉଁ ବିଦ୍ୟାଳୟ କୁ କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ୨୦୨୬-୨୭ ବର୍ଷ ପାଇଁ ପ୍ରସ୍ତାବ ପ୍ରାପ୍ତ କରିଛନ୍ତି କି?

----

## "Cadre Rule ଅନୁସାରେ Promotion ଦେବା ସମ୍ପର୍କରେ "

966 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Cadre Rule 4 (2) (a) ଅନୁସାରେ OPSC ଦ୍ୱାରା କେତେଥର ଆଜିପର୍ଯ୍ୟନ୍ତ ପରୀକ୍ଷା କରାଯାଇ ସେମାନଙ୍କୁ Sr. BEO ଦିଆଯାଇଛି, ଯଦିନାହିଁ ତେବେ 4(2) (a) Cadre କୁଉଠାଇ ପୂର୍ବ Cadre Rule ଅନୁସାରେ CCR ଦେଖି Promotion ଦେବେ କି ?

----

**"Cadre Rule ଅନୁସାରେ Sr. BEO ଙ୍କୁ Promotion ଦେବା ସମ୍ପର୍କରେ "**

967 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OES Cadre Rule No.11494-SME-FE-OES-0291/1918/ SME dt. 28.05.2019 ଯେଉଁ ନୂଆ Rule ବାହାରିଛି କଣପାଇଁ BEO ଯେଉଁମାନେ Sr. SES (Headmaster) ରହିଛନ୍ତି Sr. BEO କୁ Promotion ପାଇନାହାନ୍ତି କି ?

----

**ଶିକ୍ଷାୟନ ମାଧ୍ୟମରେ ଅଧିକ ନିଯୁକ୍ତି**

968 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲାରେ ପ୍ରତିଷ୍ଠିତ କେଉଁ ଶିକ୍ଷସଂସ୍ଥା ମାଧ୍ୟମରେ କେତେ ବ୍ୟକ୍ତି ନିଯୁକ୍ତି ଓ ଆତ୍ମନିର୍ଭରଶୀଳ ର ସୁଯୋଗ ପାଇଛନ୍ତି ଉକ୍ତ ଜିଲ୍ଲାରେ ଶିକ୍ଷାୟନ ମାଧ୍ୟମରେ ଅଧିକ ନିଯୁକ୍ତି ସୃଷ୍ଟିକରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**ସାତଲହଡି ମଠ ସୁରକ୍ଷା**

969 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- "ଓଡିଆ ଭାଗବତ" ଶାସ୍ତ୍ରଟି ସମଗ୍ର ଓଡିଆଭାଷାର ଜନନୀ ଏହା ଓଡିଆ ଅସ୍ମିତା ଏହାର ରଚୟିତା "ଶ୍ରୀ ଜଗନ୍ନାଥ ଦାସ" ଙ୍କ ଭଜନ ଓ ସାଧନା ପିଠ ଟି ପୁରୀ ସ୍ୱର୍ଗଦ୍ୱାର ନିକଟ "ସାତ ଲହଡି ମଠ" ଏହାର ସୁରକ୍ଷା ରାଜ୍ୟ ସରକାର ନେଇଛନ୍ତି କି, ଏହାର କେତେ ଜମି ଅଛି, ପାରିପାଶ୍ୱିକ ଅବସ୍ଥା କିପରି ଅଛି ?

----

**କଳାହାଣ୍ଡି ଜିଲ୍ଲାରେ Skill Training ପାଇଥିବା ଯୁବକ ଯୁବତୀଙ୍କ ତାଲିକା**

970 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ସରକାର ଗତ 2019 ମସିହାରୁ ଆଜି ପର୍ଯ୍ୟନ୍ତ ଦକ୍ଷତା କେନ୍ଦ୍ର ମାଧ୍ୟମରେ କଳାହାଣ୍ଡି ଜିଲ୍ଲାରେ କେତେ ସଂଖ୍ୟକ ଯୁବକ ଓ ଯୁବତୀଙ୍କୁ Skill Training ପ୍ରଦାନ କରିଛନ୍ତି, ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, ବିଶ୍ୱ ଦକ୍ଷତା କେନ୍ଦ୍ରରୁ Skilling ହୋଇଥିବା କେତେ ଯୁବକ ଓ ଯୁବତୀ ବର୍ତ୍ତମାନ ଚାକିରି ପାଇଛନ୍ତି ?

----

**ନୂତନ ଶିକ୍ଷ ପ୍ରତିଷ୍ଠା**

971 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଧର୍ମଗଡ ଉପଖଣ୍ଡ ବିଜୁ ଏକ୍ସପ୍ରେସ ୱେ ଆମପାଣି ଠାରୁ ଗୋଲାମୁଣ୍ଡା କୋରିଡର ରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ କେଉଁ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ସେଥିମଧ୍ୟରୁ କେତୋଟି ଶିଳ୍ପ କେଉଁ କେଉଁ ଅଞ୍ଚଳରେ ପ୍ରତିଷ୍ଠା ପାଇଁ ଶିଳ୍ପପତି ମାନେ ଆଗ୍ରହ ପ୍ରକାଶ କରିଛନ୍ତି ?

----

## ସ୍ଥିୟୀ BEO/ABO ନିଯୁକ୍ତି

972 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପାଲ୍ଲଲହଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକଓ ପାଲ୍ଲଲହଡା ବ୍ଲକର ସ୍ଥାୟୀ, BEO, ABO, ପଦବୀ ଖାଲିଅଛିକି ଏହା ପୁରଣ ପୁରଣ କରିବେ କି ?

----

## କର୍ମଚାରୀ ବଦଳୀ ସମ୍ପର୍କରେ

973 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଏହି ସମ୍ବନ୍ଧରେ DSE (O) Lt. No.36008 dtd-13.12.24 ଓ Lt. No.22853 dtd-01.09.25 A Department Lt.No.34300/SME dtd.10.12.25 ର ଅର୍ଥ କଣ ଏବଂ DHSE (O) Order 16544 dtd. 06.12.25 ଅନୁସାରେ relics ନ ହୋଇଥିବା କର୍ମଚାରିଙ୍କ ଦରମା ବନ୍ଦ କରିବା କଥା ସତ୍ୟ ଅଟେକି ଯଦି ହଁ ତେବେ Deemorecive Order ନମାନିବା ସତ୍ତ୍ୱେ ସେମାନେ ଦରମା କିପରି ପାଇଲେ ତାହାଉପରେ ଏକ ବିବରଣୀ ପ୍ରଦାନ କରିବେ କି ବଦଳି ନିୟମକୁ ଠିକ୍ ଭାବରେ ପାଳନ ନ କରିବା ଓ କିଛି କର୍ମଚାରୀ ବଦଳି ହୋଇଗଲେ Office ଚାଲିପାଲିବନି ବୋଲି ଧାରଣା ସୃଷ୍ଟିକରିବା କେତେଦୂର ଠିକ୍ ଅଟେ ?

----

## ହାଇସ୍କୁଲ ମରାମତି ପାଇଁ ଅର୍ଥ ବ୍ୟୟବରାଦ

974 **ଶ୍ରୀ ବିଭୂତି ଭୂଷଣ ପ୍ରଧାନ (ପରଜଙ୍ଗ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- 2025-26 ଆର୍ଥିକ ବର୍ଷରେ ରାଜ୍ୟରେ ହାଇସ୍କୁଲ (Urban) ମରାମତି, ରକ୍ଷଣା ବେକ୍ଷଣ ପାଇଁ କେତେ ଟଙ୍କା ଅର୍ଥ ବ୍ୟୟ ବରାଦ ହୋଇଥିଲା ଓ ଅଦ୍ୟାବଧି କେତେ ଅର୍ଥ ଖର୍ଚ୍ଚ ହେଲାଣି ସେହିପରି ଫେବୃଆରୀ ମାସ ସୁଦ୍ଧା କେତେ ଗୋଟି H/S ର ମରାମତି (EI/PH/Civil/) କାମ ପାଇଁ କେତେ ଗୋଟି ପ୍ରସ୍ତାବ ଆସିଥିଲା ଓ କେତୋଟି ପ୍ରସ୍ତାବକୁ Administrative Approval ପ୍ରଦାନ କରାଯାଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, Dhenkanal DEO ଙ୍କ ନିକଟରୁ ଆସିଥିବା ପ୍ରସ୍ତାବ ଉପରେ A/A କେବେ ପ୍ରଦାନ କରାଯିବ ?

----